ଶୁଳ୍କକୁ ନେଇ ଭାରତ ଉପରେ ଟ୍ରମ୍ପ ଖପ୍ପା | ୬

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ଚିନ୍ତାରେ ନତାଶା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୪୯ Vol. 21 No-349 21 MARCH 2025 FRIDAY BHUBANESWAR ଶୁକ୍ରବାର, ୨୧ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

ସଂକ୍ଷେପରେ...

ଆଜିଠୁ ସକାଳୁଆ ସ୍କୁଲ

ଭୁବନେଶ୍ୱର, ୨୦।୩(ଭାସ୍କର ନ୍ୟୁଜ): ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ନଜରରେ ରଖି ରାଜ୍ୟ ସରକାର ଶୁକ୍ରବାରଠାରୁ ସକାଳୁଆ ସ୍କୁଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇ ତତ୍‌କ୍ଷଣାତ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ସକାଳ ସାଢେ ୬ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ସ୍କୁଲ ଚାଲୁ ରହିବ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏହି ନିୟମ ଲାଗୁ ହେବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି।

ଶ୍ରୀମନ୍ଦିର ପ୍ରଶାସନ-ଇସ୍କନ୍ ମଧ୍ୟରେ ବୈଠକ

ଭୁବନେଶ୍ୱର, ୨୦।୩(ଭାସ୍କର ନ୍ୟୁଜ): ଇସ୍କନ ପକ୍ଷରୁ ଅନୁଷ୍ଠିତ ହେଉଥିବା ଅଦିନିଆ ରଥଯାତ୍ରାକୁ ରୋକିବା ଉଦ୍ଦେଶ୍ୟରେ ଗୁରୁବାର ରାଜ୍ୟ ଅତିଥିଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ, ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଇସ୍କନ ମାୟାପୁରୀର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଆଲୋଚନା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ କହିଛନ୍ତି ଯେ ସନାତନ ଧର୍ମ ଅନୁସାରେ ନୀତିକାନ୍ତି ଅନୁଯାୟୀ ତଥା ତିଥି ଅନୁସାରେ ରଥଯାତ୍ରା ପାଳନ କରିବାକୁ ଇସ୍କନକୁ ଅନୁରୋଧ କରାଯାଇଛି। ଦେଶ ଭିତରେ ଯେପରି ରଥଯାତ୍ରା ପାଳନ କରାଯାଉଛି, ଠିକ୍ ସେହିପରି ବିଦେଶରେ ପାଳନ କରିବା ପାଇଁ ମଧ୍ୟ କୁହାଯାଇଛି। ଅନ୍ୟପକ୍ଷରେ ଘୋଷଯାତ୍ରା ଓ ସ୍ନାନ ପୂର୍ଣ୍ଣିମାରେ ଯେପରି କୌଣସି ବିଚ୍ୟୁତି ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ଇସ୍କନକୁ କୁହାଯାଇଛି। ତେବେ ଇସ୍କନ ଅନୁରୋଧ ରକ୍ଷା କରିବ ବୋଲି ମୁଖ୍ୟ ପ୍ରଶାସକ ଆଶା ପ୍ରକାଶ କରିଛନ୍ତି।

ସେନ୍‌ସେକ୍ସ: ୭୬,୩୪୮.୦୬
ସର୍ବାଧିକ: ୩୫.୮ ଡିଗ୍ରୀ
ସର୍ବନିମ୍ନ: ୨୪.୨ ଡିଗ୍ରୀ

୨୦।୩।୨୦୨୫ ର ମତାମତ

ସାନି ତଦନ୍ତରେ ନବ ଦାସଙ୍କ ପ୍ରକୃତ ହତ୍ୟାକାରୀ ଚିହ୍ନଟ କରାଯିବା ସମ୍ଭବ କି ?



ଆଜିର ପ୍ରସଙ୍ଗ

ଦେଶରୁ ମାଓବାଦ ସଂପୂର୍ଣ୍ଣ ବିଲୋପ କରାଯିବା ସମ୍ଭବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ

ଆଜିଠାରୁ ପୁଣି ସକାଳୁ ସକାଳୁ
ଇସ୍କୁଲକୁ ଯିବା ହେବ,
ଖରାଟା ଏବେଠୁଁ ଏତେ ହେଲାଣି ଯେ
ମଣିଷକୁ ମାରି ଦେବ !
ଥଣ୍ଡା, ଥଣ୍ଡାପାଣି, ଡାବ
ସରକାର ଯଦି ଯୋଗାଇ ପାରିବେ
ସବୁଠୁଁ ବଢ଼ିଆ ହେବ !

ସୁରକ୍ଷାକର୍ମୀଙ୍କୁ ବଡ଼ ଧରଣର ସଫଳତା

୩୦ ମାଓବାଦୀ ନିହତ

- ବିଜାପୁର-କାଙ୍କେରରେ ଗୁଳି ବିନିମୟ
- ୧୮ ମାଓବାଦୀଙ୍କ ମୃତଦେହ ଉଦ୍ଧାର
- ସୁରକ୍ଷାକର୍ମୀଙ୍କୁ ପ୍ରଶଂସା କଲେ ଶାହ
- ଡିଆରଜି ଯବାନ ସହିଦ

ମାଲକାନଗିରି/ବିଜାପୁର, ୨୦।୩ (ବ୍ୟୁରୋ): ସୁରକ୍ଷା କର୍ମୀଙ୍କୁ ବଡ଼ ଧରଣର ସଫଳତା। ଛତିଶଗଡ଼ର ବିଜାପୁରର କାଙ୍କେରରେ ଏନକାଉଣ୍ଟରରେ ୩୦ ମାଓବାଦୀ ନିହତ। ବିଜାପୁର-ଦାନ୍ତେୱାଡ଼ା ସୀମାରେ ମାଓବାଦୀମାନେ ଲୁଚି ରହିଥିବା ନେଇ ଖବର ମିଳିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା ସର୍ଚ୍ଚ ଅପରେସନ। ମାଓବାଦୀମାନେ ସୁରକ୍ଷାକର୍ମୀଙ୍କୁ ଦେଖିବାମାତ୍ରେ ଗୁଳି ଚାଳନା କରିଥିଲେ। ସୁରକ୍ଷାକର୍ମୀ ଏହାର ପାଲଟରା ଜବାବ ଦେଇଥିଲେ। ଫଳରେ ୩୦ଜଣ ମାଓବାଦୀ ନିହତ ହୋଇଥିବାବେଳେ ଜଣେ ଯବାନ ସହିଦ ହୋଇଛନ୍ତି। ବିଜାପୁର-ଦାନ୍ତେୱାଡ଼ା ସୀମାରେ ଥିବା ଗଙ୍ଗାଲୁରରେ ହୋଇଥିବା ଏନକାଉଣ୍ଟରରେ ୨୬ ମାଓବାଦୀଙ୍କ ମୃତ୍ୟୁ ହୋଇଥିବାବେଳେ କାଙ୍କେରରେ ୪ଜଣଙ୍କର ମୃତ୍ୟୁ ହୋଇଛି। ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏବେ ବି ଘଟଣାସ୍ଥଳରେ ଅପରେସନ ଜାରି ରହିଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ମାଓବାଦକୁ ନିପାତ କରାଯିବ ବୋଲି ଦୃଢୋକ୍ତି ପୂର୍ବରୁ ବାଢିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି ଯେ ଗୁରୁବାର ସକାଳେ ସୁରକ୍ଷାକର୍ମୀ ବିଜାପୁର ଓ ଦାନ୍ତେୱାଡାର ସହରଦି ଥାନା ଗଙ୍ଗାଲୁର ଅଞ୍ଚଳରେ ମାଓବିରୋଧୀ ଅପରେସନ ଆରମ୍ଭ କରିଥିଲେ। ସେହି ସମୟରେ ଉଭୟପକ୍ଷ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଘଟଣାସ୍ଥଳରୁ ୧୮ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ୩୦ ମାଓବାଦୀଙ୍କ ମୃତ୍ୟୁକୁ ନେଇ ସୋସିଆଲ ମିଡିଆରେ ପୋଷ୍ଟ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ନକ୍ସଲମୁକ୍ତ ଭାରତ ଅଭିଯାନ ଦିଗରେ ଆମ ଯବାନମାନେ ଆଉ ଏକ ବଡ଼ ସଫଳତା ହାସଲ କଲେ। ମୋଦୀ ସରକାର ନକ୍ସଲଙ୍କ ବିରୋଧରେ କଡ଼ା ଆଭିମୁଖ୍ୟର ସହ ଆଗକୁ ବଢୁଛନ୍ତି। ଯେଉଁ ନକ୍ସଲମାନେ ଆତ୍ମସମର୍ପଣ କରୁନାହାନ୍ତି, ସେମାନଙ୍କ ବିରୋଧରେ ଜିରୋ ଟଲେରାନ୍ସ ନୀତି ଆପଣାଯାଉଛି। ସୂଚନାଯୋଗ୍ୟ ଯେ ଗତ ଫେବୃଆରୀ ୧ ତାରିଖରେ ସୁରକ୍ଷାକର୍ମୀଙ୍କ ଗୁଳିରେ ବିଜାପୁରରେ ୮ଜଣ ମାଓବାଦୀ ନିହତ ହୋଇଥିବାବେଳେ ଏହାପୂର୍ବରୁ ଜାନୁଆରୀ ୨୯ରେ ୨୯ଜଣ ମାଓବାଦୀ ● ପୃଷ୍ଠା ୫ ଦେଖନ୍ତୁ

ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ଦକ୍ଷତା ବିକାଶ ରାଷ୍ଟ୍ରମନ୍ତ୍ରୀଙ୍କ ଆଲୋଚନା

ଓଡ଼ିଶାରେ ହେବ ସେଣ୍ଟର ଅଫ୍ ଏକ୍ସେଲେନ୍‌ସ

ଭୁବନେଶ୍ୱର, ୨୦।୩(ଭାସ୍କର ନ୍ୟୁଜ): ଗୁରୁବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ର ଦକ୍ଷତା ବିକାଶ ଓ ଔଦ୍ୟୋଗିକତା ତଥା ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଛନ୍ତି। ବୈଠକରେ ଓଡ଼ିଶାରେ ଅଧିକ ଦକ୍ଷତା ବିକାଶ କେନ୍ଦ୍ର ଖୋଲିବା ସମ୍ପର୍କରେ ଆଲୋଚନା ହୋଇଥିଲା । କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ବଜେଟରେ ଦକ୍ଷତା ବିକାଶ କ୍ଷେତ୍ରରେ ୫ଟି ସେଣ୍ଟର ଅଫ୍ ଏକ୍ସେଲେନ୍‌ସର ପ୍ରାବଧାନ ରଖାଯାଇଛି। ସେଥିରୁ ଗୋଟିଏ ଓଡ଼ିଶାରେ ଖୋଲାଯିବ ବୋଲି ସେ ସୂଚନା ଦେଇଥିଲେ । ଏହି ବୈଠକରେ ଓଡ଼ିଶାର ଆଇ.ଟି.ଆଇ ଗୁଡ଼ିକୁ ଅଧିକ ସୁଦୃଢ଼ କରିବା, ଆହୁରି ଅଧିକ 'ବିଶ୍ୱ ଦକ୍ଷତା କେନ୍ଦ୍ର' ସ୍ଥାପନ, ଦକ୍ଷତା ବିକାଶ ଶିକ୍ଷାର୍ଥୀଙ୍କ ପାଇଁ ମଲ୍ଟି ଲାଙ୍ଗୁଏଜ୍ ଟ୍ରେନିଂ ସେଣ୍ଟର, ଜନଜାତି ବହୁଳ ● ପୃଷ୍ଠା ୫ ଦେଖନ୍ତୁ

ବିଧାନସଭାରେ ଇସ୍ପାତ ଓ ଖଣିମନ୍ତ୍ରୀଙ୍କ ସୂଚନା

ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ରହିଛି ସୁନାଖଣି

ଭୁବନେଶ୍ୱର, ୨୦।୩(ଭାସ୍କର ନ୍ୟୁଜ): ଓଡ଼ିଶାରେ ରହିଛି ଭରପୁର ସୁନାଖଣି। ଏ ନେଇ ଗୁରୁବାର ବିଧାନସଭାରେ ସୂଚନା ଦେଇଛନ୍ତି ରାଜ୍ୟ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା। ସେ କହିଛନ୍ତି, ଦେବଗଡ଼, କେନ୍ଦୁଝର ପରେ ସୁନ୍ଦରଗଡ଼, ନବରଙ୍ଗପୁର, ଅନୁଗୋଳ, କୋରାପୁଟ, ମାଲକାନଗିରି, ସମ୍ବଲପୁର ଓ ବୌଦ୍ଧ ଜିଲ୍ଲାରେ ସୁନାଖଣି ରହିଛି। ଦେବଗଡ଼ ଜିଲ୍ଲାର ଆଡାସରାମପାଲି ଅଞ୍ଚଳରେ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ତମ୍ବାପଥର ପାଇଁ ଜି-୨ ସ୍ତରରେ ଅନୁସନ୍ଧାନ ଚାଲିଥିବାବେଳେ ସୁନାପଥରର ସନ୍ଧାନ ମିଳିଥିଲା। ସେହିପରି କେନ୍ଦୁଝର ଜିଲ୍ଲାର ଗୋପୁର-ଗାଜିପୁର, ମାଙ୍କଡ଼ଚୁଆଁ, ସଲେଇକଣା, ଡିମିରିମୁଣ୍ଡା ଅଞ୍ଚଳରେ ସୁନାଖଣି ଚିହ୍ନଟ ପାଇଁ ଅନୁସନ୍ଧାନ କାମ ଚାଲୁ ରହିଛି। ସେହିପରି ମୟୂରଭଞ୍ଜ ଜିଲ୍ଲାର ଯଶିପୁର, ସୁରିଆଗୁଡ଼ା, ରୁଆଁସି, ଇଡେଲକୁଚା, ମାରେଡିହି, ସୁଲେଇପାଟ ଏବଂ ବାଦାମପାହାଡ଼ ଅଞ୍ଚଳରେ ସୁନାଖଣି ଅନ୍ୱେଷଣ ନିମନ୍ତେ ପ୍ରାରମ୍ଭିକ ଅନୁସନ୍ଧାନ ଜାରି ରହିଛି। ଏହାବ୍ୟତୀତ ସୁନ୍ଦରଗଡ଼, ନବରଙ୍ଗପୁର, ● ପୃଷ୍ଠା ୫ ଦେଖନ୍ତୁ

ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଦିଲ୍ଲୀପ ରାୟ

ବିଭିନ୍ନ ଦାବି କଲେ ଉତ୍‌ଥାପନ

ଭୁବନେଶ୍ୱର, ୨୦।୩(ଭାସ୍କର ନ୍ୟୁଜ): ବିଜେପିର ବରିଷ୍ଠ ନେତା ଦିଲ୍ଲୀପ ରାୟ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ଏ ନେଇ ସୋସିଆଲ ମିଡିଆରେ ଶ୍ରୀ ରାୟ ସୂଚନା ଦେବା ସହ ଓଡ଼ିଶା ଏବଂ ରାଉରକେଲାର ବିକାଶ ପାଇଁ ଏକାଧିକ ପ୍ରସଙ୍ଗ ଉଠାଇ ତାହା ପୂରଣ ନିମନ୍ତେ ଦାବି କରିଥିବା ସୂଚନା ଦେଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ସୂଚନା ଦେଇ ଶ୍ରୀ ରାୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରିବା ପରେ ସେଗୁଡ଼ିକ ପୂରଣ ହେବ ବୋଲି ସେ ଆଶା ବାନ୍ଧିଛନ୍ତି। ପୂର୍ବତଟ ରେଳପଥ ଅଧୀନରେ ରାଉରକେଲାଠାରେ ଏକ ନୂତନ ରେଳ ଡିଭିଜନ ପ୍ରତିଷ୍ଠା ପାଇଁ ଶ୍ରୀ ରାୟ ତାଙ୍କ ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ରେଳବାଇର ରାଜସ୍ୱ ବୃଦ୍ଧିରେ ରାଉରକେଲା ଓ ଏହାର ପଡୋଶୀ ଜିଲ୍ଲାଗୁଡ଼ିକର ବଡ଼ ଅବଦାନ ରହିଛି। ଯାତ୍ରୀସେବା ଓ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି ରାଉରକେଲାରେ ରେଳ ଡିଭିଜନର ଆବଶ୍ୟକତା ଥିବା ଶ୍ରୀ ରାୟ କହିଥିଲେ। ଏତଦ୍‌ବ୍ୟତୀତ ରାଉରକେଲାରେ ନୂଆ ରେଳ ଡିଭିଜନ ପ୍ରତିଷ୍ଠା ହେବା ଦ୍ୱାରା ଉତ୍ତମ ପ୍ରଶାସନ, ସଂଯୋଗୀକରଣ ଓ ଖଣି ଅଞ୍ଚଳର ବିକାଶ ହୋଇପାରିବ। ସେହିପରି ଶ୍ରୀ ରାୟ ତାଙ୍କ ଦାବିରେ ସେଲ୍‌ଦ୍ୱାରା ପରିଚାଳିତ ରାଉରକେଲା ଷ୍ଟିଲପ୍ଲାଣ୍ଟର ସମ୍ପ୍ରସାରଣ ଓ ବିକାଶ କଥା ମଧ୍ୟ ଉଠାଇଛନ୍ତି। ଶ୍ରୀ ରାୟ କହିଛନ୍ତି, ଜମି ସମ୍ପର୍କିତ ସମସ୍ୟା ପାଇଁ ଆରଏସ୍‌ପିର ୩୦ ହଜାର କୋଟିର ସମ୍ପ୍ରସାରଣ ଯୋଜନା ସଫଳ ରୂପ ନେଇପାରୁ ନାହିଁ।

ଏପ୍ରିଲ ୧ରୁ ଭୁବନେଶ୍ୱରରୁ ଗୋଆକୁ ବିମାନ ସେବା

ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୩(ଭାସ୍କର ନ୍ୟୁଜ): ବିମାନସେବା କ୍ଷେତ୍ରରେ ଓଡ଼ିଶା ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡ଼ିହେବାକୁ ଯାଉଛି। ଆସନ୍ତା ଏପ୍ରିଲ ୧ ଉତ୍କଳ ଦିବସଠାରୁ ଭୁବନେଶ୍ୱର ବିମାନବନ୍ଦରରୁ ଗୋଆକୁ ସିଧାସଳଖ ବିମାନ ସେବା ଉପଲବ୍ଧ ହେବାକୁ ଯାଉଛି। ଭୁବନେଶ୍ୱରରୁ ଗୋଆକୁ ବିମାନ ସଂଯୋଗୀକରଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଦେବା ସହ ପ୍ରଶଂସା ମଧ୍ୟ କରିଛନ୍ତି। ରାଜ୍ୟ ସରକାରଙ୍କ ନ୍ୟୁ ଡେଷ୍ଟିନେସନ ପଲିସି ଅନୁସାରେ ଭୁବନେଶ୍ୱରରୁ ଗୋଆକୁ ବିମାନ ଚଳାଚଳ କରିବ। ପ୍ରତି ମଙ୍ଗଳବାର, ବୁଧବାର, ଗୁରୁବାର ଓ ଶନିବାର ଏହି ବିମାନସେବା ଯୋଗାଇ ଦିଆଯିବ। ଘରୋଇ ବିମାନ କମ୍ପାନୀ ଇଣ୍ଡିଗୋରେ ଭୁବନେଶ୍ୱରରୁ ଯାତ୍ରୀମାନେ ଗୋଆ ଯାଇପାରିବେ। ପୁଣି ଯାତ୍ରୀମାନେ ଚାହିଁଲେ ଗୋଆରୁ ସେହି ଇଣ୍ଡିଗୋ ବିମାନରେ ଭୁବନେଶ୍ୱର ଫେରିପାରିବେ। କେନ୍ଦ୍ରର ସହାୟତାରେ ● ପୃଷ୍ଠା ୫ ଦେଖନ୍ତୁ

PFRDA | Atal Pension Yojana

ଷାଠିଏ ବର୍ଷ ପରେ ବୃଦ୍ଧାବସ୍ଥାରେ ଆୟ ସୁରକ୍ଷା ଏବଂ ସମ୍ମାନ ପାଇଁ

୭.୫୦ କୋଟି

ହିତାଧିକାରୀ ଅଟଳ ପେନସନ ଯୋଜନାରେ ଯୋଡ଼ି ହୋଇଛନ୍ତି।

"ଆମ ସରକାରର ଲକ୍ଷ୍ୟ ସମସ୍ତ ଭାରତୀୟ ନାଗରିକଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ ଏବଂ ସମ୍ମାନ ଓ ଖୁସି ଜୀବନ ଯାପନ କରିବା।"
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଜି ହିଁ ଏପିଓ୍ୱାଇ ସହ ଯୋଡ଼ି ହୁଅନ୍ତୁ ଏବଂ ଆଜୀବନ ସୁନିଶ୍ଚିତ ପେନସନ ସହିତ ଅନ୍ୟ ଦୁଇଟି ଲାଭ ଉଠାନ୍ତୁ:

1. ଟ.୧୦୦୦/- କିମ୍ବା ଟ.୨୦୦୦/- କିମ୍ବା ୩୦୦୦/- କିମ୍ବା ୪୦୦୦/- ଅଥବା ଟ.୫୦୦୦/- ପ୍ରତିମାସ ପାଇଁ ଆଜୀବନ ପେନସନ ଗ୍ୟାରେଣ୍ଟି
2. ହିତାଧିକାରୀଙ୍କ ମୃତ୍ୟୁ ପରେ ସ୍ୱାମୀ କିମ୍ବା ପତ୍ନୀଙ୍କ ପାଇଁ ଆଜୀବନ ସମାନ ପେନ୍‌ସନ୍
3. ପତି/ପତ୍ନୀଙ୍କ ମୃତ୍ୟୁ ପରେ, ୬୦ବର୍ଷ ପର୍ଯ୍ୟନ୍ତ ଜମା ହୋଇଥିବା କର୍ପସ ମନୋନୀତ ବ୍ୟକ୍ତିଙ୍କୁ ଫେରସ୍ତ କରାଯିବ।

CBC 15113/15/0004/2425

ଯଦି ଆପଣଙ୍କ ବୟସ ୧୮ରୁ ୪୦ ବର୍ଷ ହୋଇଥିବ, ତେବେ ଆପଣ ଅଟଳ ପେନସନ ଯୋଜନାରେ ଯୋଡ଼ିହୋଇ ପାରିବେ

ଆଜି ହିଁ ଯୋଡ଼ି ହୁଅନ୍ତୁ, କମ୍ ଦିଅନ୍ତୁ	ବୟସ	ପେନସନ ସ୍ଲାବ୍ (ଟ)	ଦେୟ ପରିମାଣ (ଟ)	ପେନସନ ସ୍ଲାବ୍ (ଟ)	ଦେୟ ପରିମାଣ (ଟ)
	୧୮	୧୦୦୦	୪୨ ପ୍ରତିମାସ	୫୦୦୦	୨୧୦ ପ୍ରତିମାସ
	୪୦	୧୦୦୦	୨୯୧ ପ୍ରତିମାସ	୫୦୦୦	୧୪୫୪ ପ୍ରତିମାସ

ଏପିଓ୍ୱାଇରେ ଅଧିକ ବିବରଣୀ ପାଇଁ କ୍ୟୁଆର କୋଡ୍ ସ୍କାନ କରନ୍ତୁ

ଆଜି ହିଁ ଆପଣ ନିକଟସ୍ଥ ଡାକଘର/ବ୍ୟାଙ୍କ ସହ ସଂପର୍କ କରନ୍ତୁ କିମ୍ବା ୧୮୦୦ ୧୧୦ ୦୬୯ ରେ କଲ କରନ୍ତୁ କିମ୍ବା www.pfrda.org.in ପରିଦର୍ଶନ କରନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

ମାଲକାନଗିରି (ଭାସ୍କର ନ୍ୟୁଜ୍): ଏମ୍‌ଭି ୪୮ ଗ୍ରାମରେ ଆୟୋଜିତ ହୋଇଯାଇଛି ଅଷ୍ଟପ୍ରହରୀ ମହାନାମ ସଙ୍କୀର୍ତ୍ତନ । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବଙ୍ଗାଳୀ ସମାଜର ଅନେକ ପଦାଧିକାରୀ ଉପସ୍ଥିତ ରହିଥିଲେ । ପ୍ରାୟ ୨ ଘଣ୍ଟା ସେଠାରେ କୀର୍ତ୍ତନ, ଆନନ୍ଦ ବଜାର, ଦୋକାନ ବଜାର ଏବଂ ସମସ୍ତ ଆୟୋଜନ କୁ ପରିଦର୍ଶନ କରିଥିଲେ । ଏହା ପୂର୍ବରୁ ଏମ୍‌ଭି ୮, ଏମ ଭି ୯, ଏମ ଭି ୪୫ ଗ୍ରାମରେ ମଧ୍ୟ ଅଷ୍ଟପ୍ରହରୀ ମହନାମ ସଙ୍କୀର୍ତ୍ତନ ହେଇଥିଲା । କେତେକ ସ୍ଥାନରେ ଶ୍ରୀ ହରିଚାନ୍ଦ ମହାପ୍ରଭୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମାଲକାନଗିରି ରେ ପ୍ରାୟ ୨୧୪ ଟି ଗ୍ରାମ ଅଛି । ତତ୍ ମଧ୍ୟରୁ ପ୍ରାୟ ୧୫୦ ଗୋଟି ଗ୍ରାମରେ ଏଇ ଅନୁଷ୍ଠାନ କରାଯାଇଥିଲା । ସବୁ ଅନୁଷ୍ଠାନ ୨ ରୁ ୩ଦିନ ବ୍ୟାପୀ ଚାଲେ । ପ୍ରତ୍ୟେକ ଗ୍ରାମରେ ଏହି ଅନୁଷ୍ଠାନ ହେବ ।ଦ୍ୱାରା ସନାତନ ସଂସ୍କୃତିର ମୂଳ ଧାରାକୁ ଜୀବିତ ରଖିବାରେ ପ୍ରୋତ୍ସାହନ ମିଳୁଛି । ଗ୍ରାମ ଅଞ୍ଚଳରେ ଭକ୍ତି ଭାବ ବଢିବା ସହିତ ଭାଇଚାରା ବଢୁଛି । କ୍ଷୁଦ୍ର ବେପାରୀମାନଙ୍କୁ ବେପାର କରିବାରେ ସୁଯୋଗ ମିଳୁଛି । କ୍ଷୁଦ୍ର ବ୍ୟବସାୟୀ ଭାବରେ ଏଇ ଅନୁଷ୍ଠାନ କାମ କରୁଛି । ଗୋଟେ ଅନୁଷ୍ଠାନ କରିବା ପାଇଁ ପ୍ରାୟ ୨ରୁଣ୍ଟି ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୁଏ । ଯାହାକି ଗ୍ରାମବାସୀ ନିଜେ ଅନୁଦାନ ଦେଇ ସଫଳ କରନ୍ତି । କ୍ଷୁଦ୍ର ବେପାରୀ ଯେମିତି ମିଠା ଦୋକାନ, ଷ୍ଟେସନାରୀ ଦୋକାନ, ବରା ,ସିଙ୍ଗଡ଼ା ଦୋକାନ, ପାନ ଦୋକାନ, ଆଇସକ୍ରିମ ଦୋକାନ, ପାମ୍ପଡ ଦୋକାନ ଇତ୍ୟାଦି ଭାଗ ନିଅନ୍ତି । ଆନନ୍ଦ ବଜାରରେ ଖିଚଡ଼ି କିମ୍ବା ଭାତ ଆଉ ଡାଲମା ଦିଆ ଯାଇଥାଏ । ଏହି ପ୍ରସାଦ ୪ରୁ୫ ହଜାର ଭକ୍ତ ମାନଙ୍କ ପାଇଁ ଗ୍ରାମବାସୀ ଆୟୋଜନ କରିଥାନ୍ତି । ନିଶ୍ଚୟ ସରକାର ମଧ୍ୟ ଏଇ କ୍ଷୁଦ୍ର ବ୍ୟବସାୟ ଦ୍ୱାରା ଲାଭବାନ ହେଉଥିବେ । ତେବେ ପ୍ରଶାସନ ଏଇ ଅନୁଷ୍ଠାନକୁ ଉତ୍ସାହ ଦେବା ପାଇ କିଛି ପଦକ୍ଷେପ ନିଅନ୍ତେ ତାହାଲେ ଅନେକ ଲୋକ ଉପକୃତ ହୋଇପାରିଥାନ୍ତେ ।

ପୋଡୁଚାଷ ଯୋଗୁଁ ବ୍ୟାପକ ଜଙ୍ଗଲ କ୍ଷୟ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାରେ ବ୍ୟାପକ ଜଙ୍ଗଲ କ୍ଷୟ ଏବେ ପରିବେଶ ଉପରେ ବ୍ୟାପକ କୁପ୍ରଭାବ ପକାଇଛି । ଜିଲ୍ଲାରେ ଶବ୍ଦ ପ୍ରଦୂଷଣ,ଜଳ ପ୍ରଦୂଷଣ ସାଙ୍ଗକୁ ବାୟୁ ପ୍ରଦୂଷଣ ଉତ୍କଟ ମାତ୍ରାରେ ପହଁଞ୍ଚି ଥିବାବେଳେ ମୁକ୍ତ ପବନଟିଏ ପାଇବା ଏବେ ସାତସପନ ହୋଇପଡିଛି । ଏହାର ପ୍ରତ୍ୟକ୍ଷ କୁପ୍ରଭାବ ତାପମାତ୍ରାକୁ ନିୟନ୍ତ୍ରିତ କରିଥିବାବେଳେ ଚଳିତ ଗ୍ରୀଷ୍ମ ଋତୁରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇ ଲୋକମାନଙ୍କୁ ବ୍ୟଥିତ କରିବାରେ ଲାଗିଛି । ଏହାର ଏକମାତ୍ର ପ୍ରତିକାର ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ ହାତକୁ ନେବା । ଅଭିଯୋଗ ହୁଏ ଯେ, ଖଣି ମାଲିକମାନଙ୍କ ଦ୍ୱାରା ବ୍ୟାପକ ଜଙ୍ଗଲ ନଷ୍ଟ କରାଯାଇ ପାଇପଲାଇନରେ ଖଣିଜ ପଦାର୍ଥ ପରିବହନକୁ ନେଇ ଉପୁଜିଥିବା କୁପ୍ରଭାବ ଜୈବମଣ୍ଡଳ ଉପରେ ପଡୁଛି । ଏକଦା ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ବ୍ୟାଘ୍ର,ଶୃଗାଳ, ମୟୁର, ହରିଣ, ଭାଲୁ, ବାର୍ହା, କୁଟାରୀ, ସମ୍ବର, ହାତୀ, ଠେକୁଆ ଆଦି ବନ୍ୟଜନ୍ତୁ ମାନଙ୍କର ଆବାସସ୍ଥଳୀ ଥିବା କେନ୍ଦୁଝର ଜିଲ୍ଲା ଏବେ ନଣ୍ଡା ପାହାଡରେ ପରିଣତ ହେଉଛି । ପରିବେଶ ଅସନ୍ତୁଳିତ ହେବା ଫଳରେ ଚିରସ୍ରୋତା ନଦୀଗୁଡିକ ଶୁଷ୍କ ଅବସ୍ଥାରେ ବାଲିଚରରେ ପରିଣତ ହୋଇଛି । ପାହାଡ ଜଙ୍ଗଲ ପରିବେଷ୍ଟିତ ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାରେ ବିଗତ ୨୦ବର୍ଷ ମଧ୍ୟରେ ପ୍ରାୟ ୪୦ପ୍ରତିଶତ ଜଙ୍ଗଲ ଧ୍ୱସଂ ସାଙ୍ଗକୁ ଅବାଧ ପଶୁପକ୍ଷୀ ଶିକାର ଓ ଚାଲାଣ ବ୍ୟାପକ ହୋଇଥିଲାବେଳେ ବିଭାଗୀୟ କାର୍ଯ୍ୟକଳାପ ସାଧାରଣରେ ସନ୍ଦେହ ସୃଷ୍ଟି କରିବା ସହ ପରିବେଶ ପ୍ରତି ଏକ ସମ୍ଭାବ୍ୟ ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇଛି । କେନ୍ଦୁଝର ଜଙ୍ଗଲ ବିଭାଗ ଡିଏଫ୍‌ଓଙ୍କ ଅଧିନରେ ଥିବା ଜୁଆଙ୍ଗ ପୀଡ ଭୂୟାଁପୀଡ ରେଞ୍ଜ୍ ଏବଂ ତେଲକୋଇ ଅଧିନସ୍ଥ ରିଜର୍ଭ ଜଙ୍ଗଲ ପ୍ରତ୍ୟହ ଚୋରାକାଠ ମାଫିଆଙ୍କ ଚରାଭୂଇଁ ହୋଇଥିବାବେଳେ ବିଜେପି ରେଞ୍ଜ ଏବଂ ତେଲକୋଇ ରେଞ୍ଜରେ ଥିବା ମୂଲ୍ୟବାନ ଜଙ୍ଗଲ ସମ୍ପଦ ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁଁ ଧ୍ୱଂସାଭିମୁଖୀ ହେବାରେ ଲାଗିଛି । ଜିଲ୍ଲାରେ ବସବାସ କରୁଥିବା ଆଦିବାସୀମାନେ ସେମାନଙ୍କ ବାର୍ଷିକ ଆୟର ୫୦ପ୍ରତିଶତରୁ ଊର୍ଦ୍ଧ୍ୱ ଜଙ୍ଗଲରୁ ଭରଣା କରୁଥିଲେ ମଧ୍ୟ ଜଙ୍ଗଲ ଆଇନର କଟକଣା ଯୋଗୁଁ ସେମାନଙ୍କର ଆର୍ଥିକ ମାନଦଣ୍ଡ ଦୁର୍ବଳ ହେବାରେ ଲାଗିଛି । ଖଣି ଖନନ କାର୍ଯ୍ୟ ବୃଦ୍ଧି ଯୋଗୁଁ ପ୍ରାୟ ୮୨ପ୍ରତିଶତ ଜଙ୍ଗଲ ଜମି ବ୍ୟବହୃତ ହେଉଥିବାବେଳେ ୯୭ପ୍ରତିଶତ ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇ ଲିଜ ସୁତ୍ରରେ ଦିଆଯାଇଥିବା ବିଷୟ ଏକ ସର୍ଭେରୁ ଜଣାପଡିଛି । ଜଙ୍ଗଲରେ ଥିବା ମୂଲ୍ୟବାନ ଶାଳ,ପିଆଶାଳ ଗମ୍ଭାରୀ, ପଣସ ଏବଂ ଦୁର୍ଲଭ ଔଷଧ ବୃକ୍ଷ ଯଥା ହରିଡା, ଅଁଳା, ସର୍ପଗନ୍ଧା, ଗନ୍ଧଗୌରୀ, ଧଳାପଳାଶ, ବାହାଡା ଆଦି ୧୬୩ପ୍ରକାରର ଔଷଧୀୟ ବୃକ୍ଷ ଆଜି ବିଲୁପ୍ତ ପ୍ରାୟ । ଜଙ୍ଗଲ କ୍ଷୟ ଫଳରେ ବିଗତ କିଛିବର୍ଷ ଭିତରେ ବହୁ ହାତୀ ଜନବସତି ଆଡକୁ ମାଡି ଆସି ଧନଜୀବନ ନଷ୍ଟ କରିବା ସହ ନିଜେ ମଧ୍ୟ ମୃତ୍ୟବରଣ କରୁଛନ୍ତି । ଏହାବ୍ୟତୀତ ହରିଣ, ବାରହା, କୁଟୁରା, ଝିଙ୍କ,ଠେକୁଆ ଆଦି ଜୀବ ଶିକାର କରାଯାଉଥିବାରୁ ସେମାନଙ୍କ ସଂଖ୍ୟା ଧୀରେ ଧୀରେ ଲୋପ ପାଇ ଆସୁଥିବାବେଳେ ଶୁଆଶାରୀ, ମୟୁର, ଶାଳିଆପତନୀ, କୋଚିଳାଖାଇ ଆଦି ବାହାରକୁ ଚାଲାଣ ହେବା ସହ ଅବାଧରେ ମଧ୍ୟ ବିକ୍ରୀ ହେଉଥିବାର ଦେଖିବାକୁ ମିଳୁଛି । ବିଜେପି ଏବଂ ତେଲକୋଇ ଜଙ୍ଗଲ ରେଞ୍ଜ ଅଞ୍ଚଳରେ କୋଟି କୋଟି ଟଙ୍କାରେ ବୃକ୍ଷରୋପଣ ଅଭାବରୁ ନଷ୍ଟ ପୂର୍ବକ ଅର୍ଥଶ୍ରାଦ୍ଧ ହେଉଥିବାବେଳେ ବର୍ତ୍ତମାନ ତେଲକୋଇ, ହରିଚନ୍ଦନ ପୁର, ଘଟଗାଁ, ପାଟଣା, ଚମ୍ପୁଆ, ବାଂଶପାଳ, ଯୋଡା ଓ ବଡବିଲ ଅଞ୍ଚଳର ଜଙ୍ଗଲ ସୁରକ୍ଷା ନେଇ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଜେପି ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ବହୁ ରିଜର୍ଭ ଜଙ୍ଗଲ ଅଞ୍ଚଳରେ ଲୋକମାନେ ପୋଡୁ ଚାଷ କରିବା ଉଦ୍ଦେଶ୍ୟରେ ଗଛ କାଟି ନିଆଁ ଲଗାଇ ଦେଉଥିବା ଅଭିଯୋଗ ହେଉଛି । ଭୂୟାଁ ଜୁଆଙ୍ଗ ଫରେଷ୍ଟ ରେଞ୍ଜର ଗୋନାସିକା ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ବ୍ୟାପକ ଭାବେ ଜଙ୍ଗଲ ପୋଡା ଯାଇଥିବା ଦେଖିବାକୁ ମିଳୁଛି । ଜଙ୍ଗଲ ପୋଡି ପରେ ଉକ୍ତ ଅଞ୍ଚଳରେ ଲୋକମାନେ ପୋଡୁ ଚାଷ କରିବା ପାଇଁ ଏପରି କରୁଥିବା କୁହାଯାଉଛି । ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହା ଧୀରେ ଧୀରେ ଧ୍ୱଂସ ହେବାକୁ ବସିଲାଣି ।

ଅଟୋ ଧକ୍କାରେ ଜଣେ ମୃତ, ୨ ଗୁରୁତର

ଭଞ୍ଜନଗର(ଭାସ୍କର ନ୍ୟୁଜ) :ବାଇକ୍‌ରୁ ଓଲ୍ଲାଇ ରାସ୍ତା କଡରେ ଠିଆ ହୋଇଥିବା ବେଳେ ହଠାତ୍ ଏକ ଅଟୋ ଭାରସାମ୍ୟ ହରାଇ ୩ ଜଣଙ୍କୁ ଧକ୍କା ଦେଇଥିଲା । ଫଳରେ ଏଥିରେ ଭାଗ୍ୟ ବିଷୋୟୀ ନାମକ ଜଣେ ୬୨ ବର୍ଷର ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ପ୍ରଥମେ ଭଞ୍ଜନଗର ଓ ପରେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ହସ୍ପିଟାଲ କୁ ସ୍ଥାନାନ୍ତର କରାଯାଇଛି । ସୂଚନା ପ୍ରକାରେ ବୁଧବାର ଭଞ୍ଜନଗର ଥାନା ଅନ୍ତର୍ଗତ ଖଇରପୁଟି ଗ୍ରାମର ଗୋଲା ଗୌଡ ବାଇକ୍‌ରେ ନିଜ ଗ୍ରାମ କୁ ଯାଉଥିବା ବେଳେ ବାଲିଆପଟା ଗ୍ରାମର ଭାଗ୍ୟ ବିଷୋୟୀ ଓ ତମାଳ ନାୟକ ତାଙ୍କୁ କୁଆଡେ ଲିଫ୍ଟ ମାଗିଥିଲେ । ଗୋଲା ଗୌଡ ଉଭୟଙ୍କୁ ନିଜ ବାଇକ୍ ରେ ବସାଇ ପଙ୍କାଳ ଛକ ନିକଟରେ ଓଲ୍ଲାଇଥିଲେ । ସେଠାରେ ତିନିହେଁ ଠିଆ ହୋଇଥିବା ବେଳେ ଏକ ଅଟୋ ଦ୍ରୁତ ଗତିରେ ଆସି ଏମାନଙ୍କୁ ଧକ୍କା ଦେଇଥିଲା । ଫଳରେ ବାଲିଆପଟାର ଭାଗ୍ୟ ବିଷୋୟୀ, ତମାଳ ନାୟକଙ୍କ ସହ ବାଇକ୍ ଚାଳକ ଗୋଲା ଗୌଡ ଗୁରୁତର ଆହତ ହୋଇଥିଲେ । ପରେ ସ୍ଥାନୀୟ ଲୋକଙ୍କ ସହାୟତା ରେ ଆହତ ମାନଙ୍କୁ ଭଞ୍ଜନଗର ମେଡିକାଲ ରେ ଭର୍ତ୍ତି କରିଯାଇଥିଲା । ଏଠାରେ ଡାକ୍ତର ଭାଗ୍ୟ ବିଷୋୟୀଙ୍କୁ ମୃତ ଘୋଷିତ କରିଥିବା ବେଳେ ଅନ୍ୟ ୨ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଅପରପକ୍ଷରେ ଦୁର୍ଘଟଣା ସଂପର୍କରେ ସୂଚନା ପାଇ ସ୍ଥାନୀୟ ପୋଲିସ ଭଞ୍ଜନଗର ମେଡିକାଲରେ ପହଞ୍ଚି ଶବକୁ ଜବତ କରିବା ସହ ଥାନା କେଶ ନମ୍ବର - ୨୮୨/୨୫ ପ୍ରକାରେ ଏକ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ଗୃହ କୁ ପଠାଇ ଦେଇଛି । ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ଅଟୋ ସଂପର୍କରେ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି । ଖୁବଶୀଘ୍ର ଅଟୋ ସହ ଚାଳକ ଧରା ହେବେ ବୋଲି ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି ।

ଆନ୍ଦୋଳନରେ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ

ବରଗଡ(ଭାସ୍କର ନ୍ୟୁଜ): ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ମାର୍ଚ୍ଚ ୧୦ ତାରିଖରୁ ୨ ଦଫା ଦାବିରେ

ଯୋଜନା ପ୍ରଭାବିତ

ଭୁବନେଶ୍ୱରଠାରେ ଆନ୍ଦୋଳନରେ ଝାସ ଦେଇଛନ୍ତି । ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି ସାଙ୍ଗକୁ ସ୍ଥାୟୀ ନିଯୁକ୍ତି ଦାବିରେ ଚାଲିଥିବା ଏହି ଆନ୍ଦୋଳନରେ ସମଗ୍ର ଓଡିଶା ରାଜ୍ୟର ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ବୃନ୍ଦ ଅଂଶଗ୍ରହଣ କରିଛନ୍ତି । ଆଜକୁ ୧୧ ଦିନ ହେବ ଆନ୍ଦୋଳନ ଜାରୀ ରହିଛି । ଉକ୍ତ ଆନ୍ଦୋଳନରେ ବରଗଡ଼ ଜିଲ୍ଲାରେ ୧୧୭ ଜଣ କର୍ମଚାରୀ ରହିଛନ୍ତି । ଏଭଳି ସ୍ଥିତିରେ ବରଗଡ଼ ଜିଲ୍ଲାରେ ବିଶେଷ କରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚାଲିଥିବା ଯୋଜନା ଗୁଡିକ ପ୍ରଭାବିତ ହୋଇଛି । ଓଡ଼ିଶା ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସ୍ୱସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ଓ ଗର୍ଭବତୀ ଓ ଛୋଟ ପିଲାଙ୍କ ଟୀକାକରଣ କାର୍ଯ୍ୟକ୍ରମ, ଯକ୍ଷ୍ମା, କୁଷ୍ଠ ଓ ହେପାଟାଇଟିସ୍ -ବି ଔଷଧ ବଣ୍ଟନ, ଆଶା କର୍ମୀଙ୍କ ପାରିଶ୍ରମିକ, ସମସ୍ତ ବିଭାଗ ଯଥା ମାତୃ ଓ ଶିଶୁ ବିଭାଗ,ପୁଷ୍ଟି ସାଧନା କେନ୍ଦ୍ର,ଯକ୍ଷ୍ମା ନିରାକରଣ, କୁଷ୍ଠ ନିରାକରଣ, ମାନସିକ ରୋଗ କାର୍ଯ୍ୟକ୍ରମ, ମେଲେରିଆ ନିରାକରଣ,ଅଣ ସଂକ୍ରାମକ ରୋଗ, ରକ୍ତହୀନତା ଚିହ୍ନଟ ଡାକ୍ତରଖାନା ମାନଙ୍କର ସ୍ୱଚ୍ଛତା,କାୟାକଳ୍ପ ରିପୋର୍ଟ ପ୍ରଦାନ, ବିଭିନ୍ନ ପ୍ରକାରର ରୋଗର ମାଗଣା ପରିକ୍ଷା ନିରିକ୍ଷା ପାଇଁ ଚାଲିଥିବା ନିଦାନ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରକାରର ତାଲିମ କାର୍ଯ୍ୟକ୍ରମ ଏକ ପ୍ରକାରର ଠପ୍ ହୋଇଯାଇଛି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା ବାଧାପ୍ରାପ୍ତ ହେବା ସମେତ ବିଭିନ୍ନ ଯୋଜନାରେ ମିଳୁଥିବା ହିତାଧିକାରୀ ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ମଧ୍ୟ ସ୍ଥଗିତ ହୋଇଯାଇଛି । ଅର୍ଥ ବ୍ୟବସ୍ଥା ପରିଚାଳନା ବନ୍ଦଥିବାରୁ ବର୍ତ୍ତମାନ ନିଦାନ (ମାଗଣା ପରୀକ୍ଷା) ପାଇଁ ଆବଶ୍ୟକ କିଟ୍ କିଣିବା ନେଇ ସମସ୍ୟା ଦେଖାଦେଇଛି । ଏନଆରସି କୁ ଆସୁଥିବା ଶିଶୁମାନଙ୍କୁ ମିଳୁଥିବା ଆର୍ଥିକ ସହାୟତା ରାଶି ମଧ୍ୟ ବାଧାପ୍ରାପ୍ତ ହୋଇଛି । ସୂଚନାଯୋଗ୍ୟ ଯେ,କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ସଂଘ ପକ୍ଷରୁ ମାର୍ଚ୍ଚ ୩ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ କର୍ମଚାରୀ କଳା ବ୍ୟାଜ ପରିଧାନ କରି କାର୍ଯ୍ୟ କରିଥିଲେ । ପରେ ଗତ ୧୦ ତାରିଖରୁ ଦାବି ପୂରଣ ନହେବା ଯାଏ ଏହି ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

ପାରମ୍ପରିକ ଭାଗବତ ମେଳଣ

ଫୁଲନଖରା (ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଧ ଗ୍ରାମପଞ୍ଚାୟତ ବଡ଼ଜିଅ ଗ୍ରାମର ଖଲେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭାଗବତ ମେଳଣ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳଣରେ ବାଇଶି ଗାଦିର ସମସ୍ତ ସଂକୀର୍ତ୍ତନ ମଣ୍ଡଳୀର ମହନ୍ତ, ଅଧିକାରୀ, ସଂକୀର୍ତ୍ତନ ମଣ୍ଡଳୀ ଯୋଗଦାନ କରି ମେଳଣ ଉତ୍ସବଟିକୁ ସମ୍ପନ୍ନ କରିଥିଲେ । ମେଳଣ ମଧ୍ୟଭାଗରେ ଏକ ବୈଠକ ଅନୁଷ୍ଠିତ ହୋଇଇଥିଲା । ଏଥିରେ ବାଇଶି ଗାଦିର ଅଧିକାରୀ ପର୍ଶୁରାମ ସେନାପତି, ଶାଘଳ ସଂକୀର୍ତ୍ତନ ମଣ୍ଡଳୀର ଅଧିକାରୀ ଭୈରବ ଚନ୍ଦ୍ର କର, ଗୋପାଳ ଜାଉ ଗାଦିର ଅଧିକାରୀ ସୋମନାଥ ଦାସ, ପରିଜା ଗାଦିର ମହନ୍ତ ନିରଞ୍ଜନ ପରିଜା, ଗ୍ରାମପଞ୍ଚାୟତ ସମିତି ସଭ୍ୟ ବେଣୁଧର ମୂଲିଆ ପ୍ରମୁଖ ଯୋଗଦାନ କରି ନୂତନଭାବେ ନିଯୁକ୍ତ ମହନ୍ତ ଶେଷଦେବ ପାତ୍ରଙ୍କ ବଡଢିଅ କମିଟି ପକ୍ଷରୁ ହୋଇଥିବା ରିଜୁଲେସନ କପିକୁ ବାଇଶି ଗାଦିର ଅଧିକାରୀ ଶ୍ରୀ ସେନାପତିଙ୍କୁ ପ୍ରଦାନ କରିଥିଲେ । ସେ ଏହାକୁ ଗ୍ରହଣ କରିବାସହ ବାଇଶି ଗାଦିର ପରମ୍ପରା ଅନୁଯାୟୀ ଏହାକୁ ଆଗାମୀଦିନରେ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରିଶେଷରେ ନୂତନ ମହନ୍ତ ଓ ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ଉତ୍ତରୀୟ ସହ ପୁଷ୍ପମାଲ୍ୟ ଦେଇ ସମ୍ମାନିତ କରାଯାଇଥିଲା ।

ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କ ଗୁଣପୁର ଗସ୍ତ

ଗୁଣପୁର(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଗୁଣପୁର ବ୍ଲକ ଗସ୍ତ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଅଗ୍ରଗତିକୁ ନେଇ ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକରେ ଗୁଣପୁର ବ୍ଲକ ବିଡିଓ ଦାୟିତ୍ୱରେ ଥିବା ପଦ୍ମପୁର ବିଡିଓ କୁରେଶ କୁମାର ଜାନୀ, ଗୁଣପୁର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା,ଭାରପ୍ରାପ୍ତ ଜିପିଓ ପି ଦିବାକର ସମେତ, ବିଭିନ୍ନ ପଂଚାୟତର ନିର୍ବାହୀ ଅଧିକାରୀ ଓ ବନ ବିଭାଗ, ଉଦ୍ୟାନ ବିଭାଗ କର୍ମଚାରୀ ଯୋଗ ଦେଇଥିଲେ । ବିକଳାଙ୍ଗଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଅନ୍ତଦ୍ୱୟ ଯୋଜନାରେ ଚୟନ ହୋଇଥିବା ହିତାଧିକାରୀଙ୍କ ଗୃହ ଧାର୍ଯ୍ୟ ସମୟରେ ସଂପୂର୍ଣ୍ଣ ହେବା ଓ ସେମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଠିକ ସମୟରେ ଟ୍ରାନ୍ସଫର ହେବା ନେଇ ଉନ୍ନୟନ ଅଧିକାରୀ ଗୁରୁତ୍ୱାରୋପ କରିଥିଲେ । ସେହିପରି ଜନଧନ ଯୋଜନାରେ ହିତାଧିକାରୀଙ୍କ ଗୃହ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏମଜିଏନଆରଜିଏସ ହିତାଧିକାରୀଙ୍କ ଖାତାକୁ ଠିକ ସମୟରେ ଅର୍ଥପୈଠ ଉପରେ ଗୁରୁତ୍ୱ ଦେଇଥିଲେ । ଏହା ସହିତ ପଞ୍ଚାୟତ ଗସ୍ତକରି ଗୃହ ଯୋଜନାରେ ଚୟନିତ ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ ।

ଜଙ୍ଗଲ ଭିତରେ ପୋଖରୀ ଖନନ କାହା ସ୍ୱାର୍ଥରେ ?

ସଇଁତଲା (ଭାସ୍କର ନ୍ୟୁଜ୍): କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳ ର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଦେଉ ଥିବା ବେଳେ କିଛି ଅସାଧୁ ବ୍ୟକ୍ତି ଏବଂ ବିଭାଗୀୟ ଅଧିକାରୀ ଙ୍କ ମଧ୍ୟ ଚନ୍ଦ୍ରିକା ଯୋଗୁଁ ଟଙ୍କା ଗୁଡିକ ବାଟ ମାରଣା ହେଉ ଥିବା ଅଭିଯୋଗ ଆସିଛି । ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଘୁନସର ଗାଁର ଜଙ୍ଗଲ ଭିତରେ ଥିବା ସୋଲାର ପ୍ଲାଣ୍ଟ ନିକଟରେ ଜେଇ ଏବଂ ଠିକାଦାର ମିଶି କି ପୋଖରୀ ଖନନ କରୁ ଥିବା ଦେଖିବାକୁ ମିଳିଛି.. ହେଲେ କାହା ସ୍ୱାର୍ଥ ରେ ବୋଲି ଏବେ ଚର୍ଚ୍ଚା ଜୋର ଧରିଛି । ଯେଉଁ ଜଙ୍ଗଲ ଭିତରେ ପୋଖରୀ ଖନନ କରାଯାଉଛି ସେହି ସ୍ଥାନର କିଛି ଦୂରରେ ଆଉ ୩ ଟି ପୋଖରୀ ମଧ୍ୟ ରହିଛି ହେଲେ କାହିଁକି ଏଭଳି କାର୍ଯ୍ୟ କରାଯାଉଛି ତାହା କୁ ନେଇ ଉଠିଲା ପ୍ରଶ୍ନ. । ଠିକାଦାର ଏବଂ ଜେଇ ବାବୁ ଙ୍କ ସ୍ୱାର୍ଥ ପାଇଁ ଜଙ୍ଗଲ ଭିତରେ ପ

କଟକ(ଭାସ୍କର ନ୍ୟୁଜ୍): ନୟାସଡ଼କସ୍ଥିତ ଇମର୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ୭ ଦିନିଆ ଶୀଳକାଳୀନ ସ୍ୱତନ୍ତ୍ର ଶିବିର ଅଧ୍ୟକ୍ଷା ଡ଼କ୍ଟର ସାଗରୀକା ମହାନ୍ତିଙ୍କ ପୌରୋହିତ୍ୟରେ ଉଦ୍‌ଘାଟିତ ହୋଇଯାଇଛି । କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱେଚ୍ଛାସେବୀମାନଙ୍କୁ ସେବା ମାଧ୍ୟମରେ ବ୍ୟକ୍ତିର ବିକାଶ ପାଇଁ ପ୍ରେରଣା ଦେଇଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଡ଼ା ଛନ୍ଦା କଲାଇ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେଇଥିଲେ । ଉପ-କାର୍ଯ୍ୟକ୍ରମ ଅଧିକାରୀ ଡ଼ା ପ୍ରଜ୍ଞାଶ୍ରୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବିଶ୍ୱ ପଖାଳ ଦିବସ ପାଳିତ

ଓଡ଼ିଆଙ୍କ ପ୍ରିୟ ପଖାଳ କଂସା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଆ ଘରର ପ୍ରିୟ ପଖାଳ କଂସା ସମସ୍ତଙ୍କୁ ଏକ ନିଆରା ଆତ୍ମତୃପ୍ତି ଦେଇଥାଏ । ଏହା ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ବୋଲି ବିବେଚନା କରାଯାଏ । ରାତି ପାହିଲେ ଓଡ଼ିଆଙ୍କ ଘରେ ପଖାଳ କଂସା ପରଷା ଯାଏ । ପଖାଳ ସାଥିରେ ସାଗଭଜା, ବଡ଼ିଚୁରା, ବାଇଗଣ ଭଜା, ମାଛ ଭଜା, ଚିଙ୍ଗୁଡି ଭଜା, ଅଣ୍ଡା ଓମଲେଟ୍, କଙ୍କଡ଼ା ଚଟଣି, କଲରା ଭଜା ଆଦି ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । ଏପରିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଛପନ ଭୋଗ ସହ ପଖାଳ ଲାଗି ହୋଇଥାଏ । ଏଠାରେ ମଧ୍ୟ ଟଙ୍କତୋରାଣିର ମାହାତ୍ମ୍ୟ ରହିଛି । ତେବେ ବିଶ୍ୱ ପଖାଳ ଦିବସ ଅବସରରେ ଟ୍ୱିନ୍‌ସିଟିର ପ୍ରତ୍ୟେକ ପରିବାରରେ ପଖାଳର ଚାହିଦା ବୃଦ୍ଧି ପାଇଛି । ଏପଟେ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇଥିବା ବେଳେ ସେପଟେ ପଖାଳର ଚାହିଦା ବୃଦ୍ଧି ପାଇଛି । ପ୍ରତ୍ୟେକ ପରିବାରରେ ସପରିବାର ସହ ପଖାଳର ନିଆରା ଆନନ୍ଦ ସମସ୍ତେ ନେଇଥିଲେ । ସେହିପରି ବିଭିନ୍ନ ତାରକା ହୋଟେଲରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପଖାଳ ସାଙ୍ଗକୁ ବିଭିନ୍ନ ବ୍ୟଞ୍ଜନ ହୋଇଥିଲା । ହୋଟେଲଗୁଡ଼ିକରେ ଦହିପଖାଳ ଗ୍ରାହକଙ୍କୁ ଆକୃଷ୍ଟ କରିଥିଲା । ଏହି ହୋଟେଲଗୁଡ଼ିକରେ ପଖାଳ କଂସା ୬୦ରୁ ୧୫୦ ଟଙ୍କାରେ ବିକ୍ରି ହୋଇଥିଲା । ସେହିପରି ତାରକା ହୋଟେଲଗୁଡ଼ିକରେ ପଖାଳ କଂସା ପ୍ରତି ୫୦୦ରୁ ୨ହଜାର ଟଙ୍କାରେ ବିକ୍ରି ହୋଇଥିବା ଜଣାପଡ଼ିଛି । ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ତାରକା ହୋଟେଲଗୁଡ଼ିକର ସ୍ୱତନ୍ତ୍ର କୋଠରିରେ ପଖାଳ କଂସାକୁ ସୁସଜ୍ଜିତ ଭାବେ ରଖାଯାଇ ପରଷା ଯାଇଥିଲା । ପଖାଳ ଦିବସ ଅବସରରେ ଗ୍ରାହକମାନେ ଦରକୁ ଖାତିର ନକରି ସମସ୍ତେ ଏଥିରେ ଆପ୍ୟାୟିତ ହୋଇଥିଲେ । ସେହିପରି ଐତିହ୍ୟ ସମ୍ପନ୍ନ କଟକ ସହରରେ ପଖାଳର ଚାହିଦା ବୃଦ୍ଧି ପାଇଥିଲା ।

ଓଡ଼ିଆ ଘରର ପଖାଳ କଂସା ସମ୍ପୂର୍ଣ୍ଣ ନିଆରା । ପଖାଳର ସ୍ୱାଦ ଓଡ଼ିଆଙ୍କ ପ୍ରିୟ । ପଖାଳ କଂସାର ବାସ୍ନା ଓଡ଼ିଆଙ୍କୁ ଦିଏ ଅପୂର୍ବ ଆତ୍ମତୃପ୍ତି । ଏଥିସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ୫୬ ଭୋଗ ସହ ପଖାଳ ମଧ୍ୟ ଲାଗି ହୋଇଥାଏ । ଶ୍ରୀମନ୍ଦିର ଟଙ୍କ ତୋରାଣିର ସ୍ୱତନ୍ତ୍ର ମାହାତ୍ମ୍ୟତା ମଧ୍ୟ ରହିଛି । ଓଡ଼ିଆଙ୍କ ପ୍ରିୟ ପଖାଳ କଂସା ଆଜି ବିଶ୍ୱ ବିରାଜିତ । ତେବେ ଏହାର ପ୍ରଚାର ପ୍ରସାର ନିମନ୍ତେ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରାଯାଇଥାଏ । ଏହି ଅବସରରେ ଟ୍ୱିନ୍‌ସିଟିର ପ୍ରତ୍ୟେକ ପରିବାରରେ ପଖାଳର ଚାହିଦା ବୃଦ୍ଧି ପାଇଥିବା ବେଳେ ତାରକା ହୋଟେଲଗୁଡ଼ିକରେ ମଧ୍ୟ ପଖାଳ କଂସା ଗ୍ରାହକଙ୍କୁ ବେଶ୍ ଆପ୍ୟାୟିତ କରିଛି । ଏହିଭଳି ଭାବେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଥିବା ଦେଖିବାକୁ ମିଳିଛି ।

ଓଡ଼ିଶା ଟ୍ୟାକ୍ସେସନ ଆଣ୍ଡ୍ ଆକାଉଣ୍ଟସ୍ ସେବା ଅଧିକାରୀ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱକୁ ସୁନିଶ୍ଚିତ କରାନ୍ତୁ: ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଟ୍ୟାକ୍ସେସନ ଆଣ୍ଡ୍ ଆକାଉଣ୍ଟସ୍ ସେବା (ଓଟି ଆଣ୍ଡ ଏଏସ୍) ଅଧିକାରୀମାନେ ସେମାନଙ୍କ ସେବାରେ ସ୍ୱଚ୍ଛତା ଓ ଉତରଦାୟିତ୍ୱକୁ ସୁନିଶ୍ଚିତ କରାନ୍ତୁ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି । ଗୁରୁବାର ମଧୁସୂଦନ ଦାସ ରିଜିଓନାଲ ଏକାଡେମୀ ଅଫ୍ ଫାଇନାନ୍‌ସିଆଲ ମ୍ୟାନେଜ୍‌ମେଂଟର ଶିକ୍ଷାନବୀଶମାନେ ରାଜଭବନ ଆସି ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଶିକ୍ଷାନବୀଶଙ୍କ ସହ ବାର୍ତାଳାପ ବେଳେ ରାଜ୍ୟପାଳ କହିଥିଲେ ଯେ ଟିକସ ରାଜସ୍ୱ ହେଉଛି ସରକାରୀ ପାଣ୍ଠିର ମେରୁଦଣ୍ଡ ଏବଂ ଓଟି ଆଣ୍ଡ ଏଏସ ଅଧିକାରୀ ରାଜ୍ୟ ପାଇଁ ପାଣ୍ଠି ସଗ୍ରହ ଏବଂ ଜନକଲ୍ୟାଣ ପାଇଁ ସମ୍ବଳ ସଂଗ୍ରହ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ଏହି ଅବସରରେ ରାଜ୍ୟପାଳ ଆର୍ଥିକ ଉତ୍ତର ଦାୟିତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରି ଉଲ୍ଲେଖ କରିଥିଲେ ଯେ ଅନେକ ସରକାରୀ ସେକ୍ଟର ଉଦ୍ୟୋଗ ସଠିକ୍ ହିସାବ ରଖିବା ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଡିଟ୍ କରାଇବା ଦିଗରେ ଖିଲାଫ କରିଥାନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଯୁବଅଧିକାରୀ ଦାୟିତ୍ୱ ନେବାକୁ କହିଥିଲେ । ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା ଓ ସଚ୍ଚୋଟତା ବଜାୟ ରଖିବା ଏବଂ ଅଡିଟ୍ ପାଇଁ ପ୍ରାଥମିକତା ଦେବାକୁ ରାଜ୍ୟପାଳ କହିଥିଲେ । ଉପସ୍ଥିତ ସମସ୍ତ ଶିକ୍ଷାନବୀଶଙ୍କ ସହ ରାଜ୍ୟପାଳ ବାର୍ତାଳାପ କରି ମଧୁସୂଦନ ଦାସ ରିଜିଓନାଲ ଏକାଡେମୀ ଅଫ୍ ଫାଇନାନ୍‌ସିଆଲ ମ୍ୟାନେଜମେଂଟ୍‌ରେ ଦିଆଯାଇଥିବା ତାଲିମ ଏବଂ ସେମାନଙ୍କ ଉପଲବ୍ଧ ସଂପର୍କରେ ପଚାରି ବୁଝିଥିଲେ ଏବଂ ସଫଳ ସେବା ଜୀବନ ପାଇଁ ଶୁଭକାମନା ଜଣାଇଥିଲେ । ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ ରାଜପୁତ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ରାଜା ଚକ୍ରଙ୍କ ସହ ତିନିଜଣଙ୍କୁ ଜେରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗନ୍ଧମାର୍ଦ୍ଦନ ଲୋଡ଼ିଂ ଆଣ୍ଡ କୋପରିଟିଭ ସୋସାଇଟି ଘୋଟଲା ପ୍ରସଙ୍ଗ । ରାଜା ଚକ୍ରଙ୍କ ସହ ତିନି ଜଣଙ୍କୁ ଜେରା କରୁଛି ଇଓଡବ୍ଲ୍ୟୁ । ପୂର୍ବରୁ ଗିରଫ ହୋଇଥିଲେ ମାନସ ରଞ୍ଜନ ବାରିକ ଓ ଉତ୍କଳ ଦାସ । ତିନିଜଣଙ୍କୁ ମୁହାଁମୁହିଁ ଜେରା କରୁଛି ଇଓଡବ୍ଲ୍ୟୁ । ଗନ୍ଧମାର୍ଦ୍ଦନ ଲୋଡ଼ିଂ ଆଣ୍ଡ କୋପରିଟିଭ ସୋସାଇଟି ପୂର୍ବତନ ସଭାପତି ମାନସ ବାରିକ । ଉତ୍କଳ ହେଉଛନ୍ତି ଗନ୍ଧମାର୍ଦ୍ଦନ ଲୋଡ଼ିଂ ଆଣ୍ଡ କୋପରିଟିଭ ସୋସାଇଟିର ସମ୍ପାଦକ । ଗତ ମାସ ଫେବୃଆରୀରେ ମାନସ ଓ ଉତ୍କଳଙ୍କୁ ଗିରଫ କରିଥିଲା ଇଓଡବ୍ଲ୍ୟୁ ।

ରାଜା ଚକ୍ରର ସହଯୋଗୀ ସୁଶାନ୍ତ ସାମଲକୁ ରିମାଣ୍ଡରେ ନେବ ଇଓଡବ୍ଲ୍ୟୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗନ୍ଧମାର୍ଦ୍ଦନ ଲୋଡ଼ିଂ ଆଣ୍ଡ କୋପରିଟିଭ ସୋସାଇଟି ଘୋଟଲା ପ୍ରସଙ୍ଗ । ରାଜା ଚକ୍ରର ରାଇଟ ହ୍ୟାଣ୍ଡ ସୁଶାନ୍ତ ସାମଲଙ୍କୁ ରିମାଣ୍ଡରେ ଆଣିବ ଇଓଡବ୍ଲ୍ୟୁ । ଗତକାଲି ସୁଶାନ୍ତକୁ ଗିରଫ କରିଛି ତଦନ୍ତକାରୀ ସଂସ୍ଥା । ରାଜା ଚକ୍ରଙ୍କ ସବୁ ବ୍ୟବସାୟ ବୁଝୁଥିଲା ସୁଶାନ୍ତ । ସୁଶାନ୍ତ ନାଁରେ ୬୦ଟି ଆକାଉଣ୍ଟ ରହିଛି । ସବୁ ଆକାଉଣ୍ଟର ତଥ୍ୟ ମାଗିଛି ଇଓଡବ୍ଲ୍ୟୁ ।

ଓଡ଼ିଶାର ମୁଖ୍ୟ ମହାଡାକପାଳ ଭାବେ ନିର୍ମଳଜିତ ସିଂଙ୍କ ନିଯୁକ୍ତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୧୯୯୭ ବ୍ୟାଚର ବରିଷ୍ଠ ଭାରତୀୟ ଡାକ ସେବା ଅଧିକାରୀ ନିର୍ମଳଜିତ ସିଂ ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ଭାବେ ନିଯୁକ୍ତ ହୋଇଛନ୍ତି । ଶ୍ରୀ ସିଂଙ୍କର ଭାରତୀୟ ଡାକ ସେବା କ୍ଷେତ୍ରରେ ଜାଜ୍ୱଲ୍ୟମାନ କ୍ୟାରିଅର ରହିଛି । ସେ ଓଡ଼ିଶା ଡାକ ପରିମଣ୍ଡଳରେ ଅଭିନବ ନେତୃତ୍ୱ ଓ ପରିଚାଳନାଗତ ଉତ୍କର୍ଷତା ଆଣିପାରିବେ ବୋଲି ଆଶା କରାଯାଉଛି । ନୂତନ ଭୂମିକାରେ ଶ୍ରୀ ସିଂହ ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କୁ ଡାକ ସେବା ପ୍ରଦାନ କରୁଥିବା ଓଡ଼ିଶା ଡାକ ପରିମଣ୍ଡଳର ପ୍ରଶାସନ ଓ ପରିଚାଳନା କାର୍ଯ୍ୟ ଅନୁଧ୍ୟାନ କରିବେ । ଏହି ଦାୟିତ୍ୱକୁ ନେଇ ଶ୍ରୀ ସିଂ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ତାଙ୍କ ପାଇଁ ସମ୍ମାନର ବିଷୟ । ଡାକ ବିଭାଗ ସବୁବେଳେ ଜନ ସେବାର ଆଧାର ହୋଇ ରହିଆସିଛି । ଓଡ଼ିଶାରେ ଏହାର ଅଭିବୃଦ୍ଧି ଓ ଆଧୁନିକୀକରଣ ପ୍ରତି ସେ ଧ୍ୟାନ ଦେବେ ବୋଲି କହିଛନ୍ତି ।

କୋଭିଡ ନେଇଛି ୫୦ସାମ୍ବାଦିକଙ୍କ ଜୀବନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୋଭିଡ ନେଇଛି ୫୦ସାମ୍ବାଦିକଙ୍କ ଜୀବନ । ସର୍ବାଧିକ ଗଞ୍ଜାମରୁ ୧୦ଜଣ, ଖୋର୍ଦ୍ଧା ଏବଂ ଭୁବେନେଶ୍ୱରରୁ ୮, ସୁନ୍ଦରଗଡ଼ରୁ ୪ଜଣ ମୃତ୍ୟବରଣ କରିଛନ୍ତି । ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୪୯ଜଣଙ୍କୁ ମୃତ୍ୟକାଳୀନ ସହାୟତା ପ୍ରଦାନ କରାଯାଇଛି ।

୨୨ରେ ସ୍ୱର୍ଗତଃ ଡା.ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶିଷ୍ଟ ରାଜନେତା, ବିଜେପିର ପୂର୍ବତନ ରାଜ୍ୟ ସଭାପତି, ରାଷ୍ଟ୍ରୀୟ ଉପସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ଗତ ୧୭ ତାରିଖ ଦିନ ୮୩ ବର୍ଷ ବୟସରେ ଦିଲ୍ଲୀଠାରେ ଦେହାନ୍ତ ହୋଇଛି । ଆସନ୍ତା ୨୨ ତାରିଖ ସଂଧ୍ୟା ୫ଟାରେ ସ୍ୱର୍ଗତଃ ଡା.ପ୍ରଧାନଙ୍କ ସ୍ମୃତିରେ ଏକ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଭୁବନେଶ୍ୱର ଓୟୁଏଟି ବିଶ୍ୱବିଦ୍ୟାଳୟ ପରିସରରେ ଥିବା 'କୃଷି ଶିକ୍ଷା ସଦନ' ଠାରେ ଅନୁଷ୍ଠିତ ହେବ । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ । ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଧାୟକ, ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ । ବିଜେଡି, କଂଗ୍ରେସ, କମ୍ୟୁନିଷ୍ଟ, ଆପ୍ ଦଳର ବରିଷ୍ଠ ଓ ପ୍ରମୁଖ ନେତୃବୃନ୍ଦଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନ, ଧାର୍ମିକ ସଂଗଠନ, ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ସାମ୍ବାଦିକ, ଡାକ୍ତର, ଅଧିବକ୍ତାମାନେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ସ୍ମୃତିଚାରଣ କରିବାକୁ ନିମନ୍ତ୍ରଣ କରାଯାଇଛି । ଏହି ଅବସରରେ ଗୁରୁବାର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ସାଧାରଣ ସଂପାଦକ ଶାରଦା ଶତପଥୀ ଓ ଡ.ଯତୀନ ମହାନ୍ତି, ରାଜ୍ୟ ସଂପାଦକ ସରୋଜ କର, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ସୁଦୀପ୍ତ ରାୟ, ଅନିଲ ବିଶ୍ୱାଳ, ବରିଷ୍ଠ ନେତା ଅଶୋକ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ୍, ସାଂସ୍କୃତି ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପିଙ୍କି ପ୍ରଧାନ, ହିତେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରତିଶ୍ରୁତି ଅନୁଯାୟୀ ୩୦୦ ୟୁନିଟ ମାଗଣା ବିଜୁଳି ତୁରନ୍ତ ଲାଗୁ କର: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରଠାରୁ ବିଜୁଳି ସମସ୍ୟା ଉତ୍କଟ ହେବାରେ ଲାଗିଛି । ବିଦ୍ୟୁତ ବିତରଣ କମ୍ପାନୀ ଟାଟା ପାୱାର ଓ ଓଇଆରସି ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ରାଜ୍ୟର ବିଦ୍ୟୁତ ଉପଭୋକ୍ତାମାନେ ହନ୍ତସନ୍ତ ହେଉଥିବା ବେଳେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ବିଜୁ ଜନତା ଦଳ ତରଫରୁ ଅଭିଯୋଗ କରାଯିବା ସହିତ ଆସନ୍ତା କାଲି ଓଡିଶା ବିଦ୍ୟୁତ ଉପଭୋକ୍ତା ମହାସଙ୍ଘ ଦ୍ୱାରା ଲୋୟର ପିଏମଜି ଠାରେ ହେବାକୁ ଥିବା ଗଣବିକ୍ଷୋଭକୁ ସମର୍ଥନ ଘୋଷଣା କରିଛି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜେଡି ମୁଖପାତ୍ର ଭୃଗୁ ବକ୍ସିପାତ୍ର ଓ ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଟାଟା ପାୱାର କମ୍ପାନୀର ଉପଭୋକ୍ତା ଶୋଷଣ ନୀତି ଓ ଏହାକୁ ରାଜ୍ୟ ସରକାରଙ୍କ ନିରବ ସମର୍ଥନ ବିରୋଧରେ ବର୍ଷିଥିଲେ । ସେହିପରି ଡ଼ ମହାନ୍ତି କହିଥିଲେ, ବିଦ୍ୟୁତ ଉପଭୋକ୍ତା ମାନଙ୍କ ସମସ୍ୟା ଗୁଡିକର ସମାଧାନ ପାଇଁ ଓଡିଶା ଉପଭୋକ୍ତା ମହାସଙ୍ଘ ତରଫରୁ ଆସନ୍ତା କାଲି ଏକ ଗଣ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାର ସଫଳ ଆୟୋଜନ ପାଇଁ ଆୟୋଜକ ମାନେ ଏକ ସର୍ବଦଳୀୟ ବୈଠକ ଆହ୍ୱାନ କରିଥିଲେ । ବିଜେପିର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ୩୦୦ ୟୁନିଟ ବିଜୁଳି ମାଗଣା ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି ।

ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ

କଟକ ସତ୍ୟଭାମାପୁରରେ ପାଳନ ହେବ ରାଜ୍ୟସ୍ତରୀୟ ଉତ୍ସବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗାମୀ ଅପ୍ରେଲ ୧ ତାରିଖରେ ଓଡ଼ିଶା ଦିବସ-୨୦୨୫ ପାଳନ ଉପଲକ୍ଷେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟ ସ୍ତରୀୟ ପ୍ରସ୍ତୁତି ବୈଠକ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ କଟକ ଜିଲ୍ଲା ସାଲେପୁର ଅନ୍ତର୍ଗତ ସତ୍ୟଭାମାପୁରରେ ମହାସମାରୋହରେ ପାଳନ ହେବ । ସେହିଭଳି ରାଜଧାନୀ ଭୁବନେଶ୍ୱର ସମେତ ନୂଆଦିଲ୍ଲୀ, କୋଲକତା, ମୁମ୍ବାଇ ଓ ଚେନ୍ନାଇ,ରାଜ୍ୟର ବିଭିନ୍ନ ରାଜସ୍ୱ ଡିଭିଜନ, ଜିଲ୍ଲା ଓ ଉପଖଣ୍ଡ ସଦର ମହକୁମାରେ ଓଡ଼ିଶା ଦିବସ ପାଳନ କରାଯିବ । ସତ୍ୟଭାମାପୁରରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଅନ୍ୟ ବିଭିନ୍ନ ସ୍ଥାନରେ ମନ୍ତ୍ରୀ, ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳମାନେ ଅତିଥି ଭାବେ ଯୋଗ ଦେବେ । ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ନିର୍ଦ୍ଦେଶକ ଓ ରାଜ୍ୟ ପ୍ରଶାସନର ବରିଷ୍ଠ ପଦାଧିକାରୀ ଅଂଶଗ୍ରହଣ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଓଡ଼ିଶା ଦିବସ ଉପଲକ୍ଷେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ବୈଠକରେ ହୋଇଥିବା ଆଲୋଚନା ଓ ନିଷ୍ପତ୍ତି ଅନୁସାରେ ସତ୍ୟଭାମାପୁରରେ ରାଜ୍ୟସ୍ତରୀୟ ଉତ୍ସବ ଏବଂ ଭୁବନେଶ୍ୱର ଜୟଦେବ ଭବନରେ ହେବାକୁ ଥିବା ଉତ୍ସବରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସଂପର୍କିତ ଫଟୋଚିତ୍ର ପ୍ରଦର୍ଶନୀ, ସାଧାରଣ ସଭା, ସମ୍ବର୍ଦ୍ଧନା ଜ୍ଞାପନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବ । ଉତ୍ସବ ପାଳନ ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଅପ୍ରେଲ ୧ ତାରିଖ 'ଓଡ଼ିଶା ଦିବସ' ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ଦିବସ । ଏହି ଦିବସକୁ ସବୁ ସ୍ଥାନରେ ସରସ, ସୁନ୍ଦର ଓ ଆକର୍ଷଣୀୟ ଭାବେ ପାଳନ କରିବାକୁ ସେ ଆବଶ୍ୟକ ପରାମର୍ଶ ଦେବା ସହିତ ସଂପୃକ୍ତ ସମସ୍ତ ବିଭାଗର ସହଯୋଗ କାମନା କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱ

ଓଡ଼ିଶା ଭାସ୍କର
ସମ୍ପାଦକୀୟ

ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ

ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ

ଭାରତର ଭବିଷ୍ୟତ ପାଇଁ ସତର୍କ ଘଣ୍ଟି

ପ୍ରଦୂଷଣ ନିୟନ୍ତ୍ରଣକୁ ଅଗ୍ରାଧିକାର ଲୋଡ଼ା

ପ୍ରଦୂଷଣ ଏବେ ସମଗ୍ର ବିଶ୍ୱରେ ଏକ ଭୟଙ୍କର ସମସ୍ୟା ରୂପେ ଦେଖା ଦେଇଛି। ଏହା ବହୁ ଦୂରାରୋଗ୍ୟ ବ୍ୟାଧିର ମୁଖ୍ୟ କାରଣ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ରଖୁଥିବା ବେଳେ ପ୍ରଦୂଷଣକୁ ରୋକିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ଉଦ୍ୟମ କରାଯାଉଛି। କେବଳ ବାୟୁ ପ୍ରଦୂଷଣ ଯେ ସମସ୍ୟା ସୃଷ୍ଟି କରୁଛି ତା' ନୁହେଁ, ଜଳ ଓ ଶବ୍ଦ ପ୍ରଦୂଷଣ ମଧ୍ୟ ମନୁଷ୍ୟର ସ୍ୱାସ୍ଥ୍ୟ ପାଇଁ କ୍ଷତି ପହଞ୍ଚାଉଛି। ଏହାରି ଭିତରେ ସୁଇଜରଲାଣ୍ଡର ଏୟାର କ୍ୱାଲିଟି ଟେକ୍ନୋଲୋଜି ସଂସ୍ଥା ମଙ୍ଗଳବାର ଦିନ ଜାରି କରିଥିବା ଏକ ରିପୋର୍ଟ ଭାରତ ପାଇଁ ଖୁବ୍ ଲଜ୍ଜାକର ଓ ଚିନ୍ତାଜନକ ମନେ ହେଉଛି। ଗତବର୍ଷ ଅର୍ଥାତ୍ ୨୦୨୪ ମସିହାରେ ସାରା ବିଶ୍ୱର ସମସ୍ତ ବଡ଼ ସହରର ବାୟୁସ୍ତର ଯାଞ୍ଚ କରିବା ପରେ ସୁଇସ୍ ସଂସ୍ଥା ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ସାରା ପୃଥିବୀର ୨୦ଟି ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ କେବଳ ଭାରତର ୧୩ଟି ସହର ରହିଛି। ସେହିପରି ସମସ୍ତ ଦେଶର ରାଜଧାନୀ ଭିତରେ ଭାରତର ରାଜଧାନୀ ନୂଆଦିଲ୍ଲୀ ସବୁଠାରୁ ପ୍ରଦୂଷିତ ରାଜଧାନୀ ରୂପେ ପରିଗଣିତ ହୋଇଛି। ଭାରତ ପାଇଁ ଆଉ ଏକ ଲଜ୍ଜାକର ତଥ୍ୟ ହେଉଛି ଯେ, କେବଳ ସହର ବା ରାଜଧାନୀ ନୁହେଁ, ଆମେ ଦେଶ ବର୍ତ୍ତମାନ ବିଶ୍ୱର ପଞ୍ଚମ ସର୍ବାଧିକ ପ୍ରଦୂଷିତ ରାଷ୍ଟ୍ର ରୂପେ ଏହି ତାଲିକାରେ ସ୍ଥାନିତ ହୋଇଛି। ଏହି ରିପୋର୍ଟ ଅନୁଯାୟୀ ଭାରତର ହାରାହାରି ପ୍ରଦୂଷଣ ସ୍ଥିତିରେ ଯଦିଓ ଗତବର୍ଷ ସାମାନ୍ୟ ଉନ୍ନତି ଘଟିଥିଲା, ତଥାପି ଗୋଟିଏ ଦେଶର ୧୩ଟି ସହର ସର୍ବାଧିକ ପ୍ରଦୂଷିତ ସହରର ମାନ୍ୟତା ପାଇବା କିଛି କମ୍ କଥା ନୁହେଁ। ଗତ ୨୦୨୩ ମସିହାରେ ଭାରତର ପି.ଏମ୍. ସାନ୍ଦ୍ରତା ସ୍ତର ଘନମିଟର ପ୍ରତି ୫୪.୪ ମାଇକ୍ରୋଗ୍ରାମ୍ ରହିଥିବା ବେଳେ ୨୦୨୪ରେ ଏହି ସ୍ତର ୫୦.୬ ମାଇକ୍ରୋଗ୍ରାମ୍‌କୁ ଖସିଥିଲା। ଏହା ସତ୍ତ୍ୱେ ବିଭିନ୍ନ ସହରର ପ୍ରଦୂଷଣ ସ୍ଥିତିରେ ଅବନତି ଘଟିଚାଲିଛି। ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ପ୍ରଦୂଷଣ କ୍ରମାଗତ ଭାବରେ ବଢ଼ିଚାଲିବା ନିଶ୍ଚିତ ଭାବରେ ଏକ ଶୁଭ ଲକ୍ଷଣ ନୁହେଁ। ଆମ ଦେଶର ଯେଉଁ ୧୩ଟି ସହର ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ସ୍ଥାନ ପାଇଛି, ସେଥିମଧ୍ୟରେ ଆସାମ୍‌ର ବର୍ଣ୍ଣିହାଟ, ନୂଆଦିଲ୍ଲୀ, ମୁଲ୍ଲାନପୁର (ପଞ୍ଜାବ), ଫରିଦାବାଦ୍, ଲୋନି, ଗୁରୁଗ୍ରାମ୍, ଗଙ୍ଗାନଗର, ଗ୍ରେଟର୍ ନଏଡା, ଭିୱାନି, ମୁଜାଫର ନଗର, ହନୁମାନ ଗଡ଼ ଓ ନଏଡ଼ା ଅନ୍ତର୍ଭୁକ୍ତ। ବାୟୁ ପ୍ରଦୂଷଣ ଭାରତରେ ଏଭଳି ଏକ ଗୁରୁତର ବିପଦ ରୂପେ ଦେଖାଦେଇଛି, ଯାହା ପ୍ରତି ମଣିଷର ଆୟୁଷକୁ ୫ବର୍ଷରୁ ଅଧିକ କମାଇ ଦେଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଆକଳନ କରିଛନ୍ତି। ଗତବର୍ଷ ପ୍ରକାଶିତ ଏକ ଗବେଷଣାମୂଳକ ତଥ୍ୟ ଅନୁଯାୟୀ ଗତ ୨୦୦୯ ମସିହାରୁ ୨୦୧୯ ମଧ୍ୟରେ ଭାରତରେ ପ୍ରତିବର୍ଷ ପ୍ରାୟ ୧୫ଲକ୍ଷ (ଦେଢ଼ ନିୟୁତ) ମୃତ୍ୟୁ ବାୟୁ ପ୍ରଦୂଷଣ ଯୋଗୁଁ ଘଟୁଛି। ବାୟୁ ପ୍ରଦୂଷକ କଣିକା ଫୁସ୍‌ଫୁସ୍ ଓ ରକ୍ତ ପ୍ରବାହରେ ଖୁବ୍ ସହଜରେ ପ୍ରବେଶ କରିପାରେ। ଏହାଫଳରେ ଶ୍ୱାସକ୍ରିୟାରେ ସମସ୍ୟା, ହୃଦ୍‌ରୋଗ ଏପରିକି କର୍କଟ ରୋଗରେ ମନୁଷ୍ୟ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡିବାର ସମ୍ଭାବନା ଦେଖାଦିଏ। ବିଭିନ୍ନ ଶିଳ୍ପ ସଂସ୍ଥା ଓ ଯାନବାହନରୁ ନିଷ୍କାସିତ ହେଉଥିବା ଧୂଆଁ, କାଠ ଜାଳିବା ବା ଚାଷ ଜମିରେ ଧାନଗଛର ଶୁଖିଲା ତଳଅଂଶକୁ ପୋଡ଼ିବା ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ବୋଲି କୁହାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଡ. ସୌମ୍ୟା ସ୍ୱାମୀନାଥନ୍ ବୟାନ୍ ଦେଇଛନ୍ତି ଯେ, ଭାରତରେ ବାୟୁ ଗୁଣବତ୍ତା ହ୍ରାସ ନେଇ ଯଥେଷ୍ଟ ତଥ୍ୟ ହସ୍ତଗତ ହୋଇଥିଲେ ମଧ୍ୟ ଏ କ୍ଷେତ୍ରରେ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନର ଅଭାବ ରହିଛି, ଯାହା ଦିନକୁ ଦିନ ଅଧିକ ବିପଦ ସୃଷ୍ଟି କରୁଛି। ତାଙ୍କର ଏହି ମନ୍ତବ୍ୟକୁ ହାଲୁକା ଭାବରେ ବିଚାର କରାଯିବା ଆଦୌ ସମୀଚିନ ନୁହେଁ। ପ୍ରଦୂଷଣଜନିତ ସମସ୍ୟାକୁ ତୁରନ୍ତ ରୋକାନଗଲେ ଦିନେ ଏହା ଦେଶ ପାଇଁ ବଡ଼ ବିପଦ ସୃଷ୍ଟି କରିବା ସୁନିଶ୍ଚିତ।

ଜନପ୍ରିୟ ଜନନେତା ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ସୌରଚନ୍ଦ୍ର ମହାପାତ୍ର
ବରିଷ୍ଠ ଆଇନଜୀବୀ
ଓଡ଼ିଶା ହାଇକୋର୍ଟ, କଟକ
ମୋ : ୯୪୩୭୦୦୪୪୬୬

ଗୁଇଦିନ ଭିତରେ ଓଡ଼ିଶା ଦୁଇଜଣ ବରପୁତ୍ରଙ୍କୁ ହରାଇବା ରାଜ୍ୟ ପାଇଁ ଅପୂରଣୀୟ କ୍ଷତି। ଗତ ରବିବାର ଦିନ ଓଡ଼ିଆ କବିତାର ଶିଖର ପୁରୁଷ ପଦ୍ମଭୂଷଣ ରମାକାନ୍ତ ରଥଙ୍କ ପରଲୋକ ଖବର ଓଡ଼ିଶାବାସୀଙ୍କୁ ସ୍ତବ୍ଧ କରିଦେଇଥିବାବେଳେ ଓଡ଼ିଶାରେ ବିଜେପିର ଅଭ୍ୟୁଦୟରେ ବଳିଷ୍ଠ ଅବଦାନ ରଖିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଜନପ୍ରିୟ ଜନନେତା ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକ ଓଡ଼ିଶାବାସୀଙ୍କୁ ଗଭୀର ଦୁଃଖ ଭିତରକୁ ଠେଲି ଦେଇଛି। ଓଡ଼ିଶାରେ ବିଜେପିର ମୂଳଦୁଆ ପକାଇବା ଓ ପ୍ରସାରରେ ତାଙ୍କ ଗୁରୁତ୍ୱ ଓ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଥିଲା। ଓଡ଼ିଶାବାସୀ କେବେ ବି ଭୁଲି ପାରିବେ ନାହିଁ ଯେ ରାଜ୍ୟରେ ଜାତୀୟ ରାଜପଥକୁ ଦ୍ୱିଗୁଣ କରିବାରେ ଦେବେନ୍ଦ୍ର ବାବୁଙ୍କ ଅବଦାନକୁ। ଡାକ୍ତରୀ ପେଷା ଛାଡ଼ି ଅଶି ଦଶକରେ ବିଜେପି ମଣ୍ଡଳ ସଭାପତି ଭାବେ ସେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ସେ ଭୂପୃଷ୍ଠ ପରିବହନ ଓ କୃଷି ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ।

୧୯୪୧ ମସିହା ସେ ସମୟର ଢେଙ୍କାନାଳ ଜିଲ୍ଲା (ବର୍ତ୍ତମାନର ଅନୁଗୁଳ)ର କଣିହାଁ ବ୍ଲକ ଅନ୍ତର୍ଗତ ନାଲମ ଗାଁରେ ସେ ଜନ୍ମଗ୍ରହଣ କରିଥିଲେ। ୧୯୬୬ରେ ଏସ୍‌ସିବିରୁ ଏମ୍‌ବିବିଏସ୍ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଏସ୍‌ସିବିରେ ବର୍ଷେ ହାଉସ ସର୍ଜନ ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ତାଳଚେରର ଡେରାରେ ଆସିଷ୍ଟାଣ୍ଟ ମେଡ଼ିକାଲ ଅଫିସର ଭାବେ ଯୋଗ ଦେଇଥିଲେ। ୧୯୭୩ରେ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ ଏବଂ ୧୯୮୦ରେ ବିଜେପିରେ ଯୋଗ ଦେଇ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୦ରୁ ୧୯୮୩ ପର୍ଯ୍ୟନ୍ତ ପ୍ରଥମେ ତାଳଚେର ମଣ୍ଡଳ ସଭାପତି, ୧୯୮୩-୮୫ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲ୍ଲା ସଭାପତି ହୋଇଥିଲେ। ସେ ୧୯୮୮-୯୦, ୧୯୯୦-୯୩, ୧୯୯୫-୯୭ ପର୍ଯ୍ୟନ୍ତ ତିନିଥର ବିଜେପିର ରାଜ୍ୟ ସଭାପତି ହୋଇଥିଲେ। ୧୯୮୪, ୧୯୯୬ରେ ସେ ଦେବଗଡ଼ରୁ ସାଂସଦ ପ୍ରାର୍ଥୀ, ୨୦୦୪ରେ ପାଲଲହଡ଼ାରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ ମଧ୍ୟ ହାରି ଯାଇଥିଲେ। ୧୯୯୮ରେ ସେ ଦେବଗଡ଼ରୁ ସାଂସଦ ଭାବେ ବିଜୟ ଲାଭ କରିବା ପରେ ଭୂପୃଷ୍ଠ ପରିବହନ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ ଏବଂ ୧୯୯୧ରେ ପୁଣି ଦେବଗଡ଼ରୁ ସାଂସଦ ହେବା ସହ କେନ୍ଦ୍ରରେ ଭୂପୃଷ୍ଠ ପରିବହନ ଏବଂ କୃଷି ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୨୦୦୧ରେ ସେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମଧ୍ୟ ହୋଇଥିଲେ।

ଓଡ଼ିଶାବାସୀଙ୍କୁ ଚିରକାଳ ମନେପକାଇବା ପାଇଁ ସେ ଏପରି କାର୍ଯ୍ୟ କରିଯାଇଛନ୍ତି ଯେ ତାହା ବାସ୍ତବିକ ତାଙ୍କ ବ୍ୟକ୍ତିତ୍ୱ ଏବଂ ଓଡ଼ିଶା ପ୍ରତି ଭଲ ପାଇବାର ବଡ଼ ଉଦାହରଣ। ଓଡ଼ିଶାର ଜାତୀୟ ରାଜପଥର ପରିମାଣକୁ ସେ ଦୁଇଗୁଣ କରିଦେଇଥିଲେ। ସେତେବେଳେ ଓଡ଼ିଶାର ଜାତୀୟ ରାଜପଥ ୧୬୦୦ କିଲୋମିଟର ଥିଲା କିନ୍ତୁ ଲଗାତର ଦୁଇଟି ପାଳିରେ ଭୂପୃଷ୍ଠ ପରିବହନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ନିର୍ବାହ ସମୟରେ ସେ ଏହାକୁ ଗୋଟିଏ ନିଷ୍ପତ୍ତିରେ ହିଁ ୩୨୦୦ କିଲୋମିଟର ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ। ତାଙ୍କ ସମୟରେ ହିଁ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ଭାରତରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଓଡ଼ିଶା ଏଥିରେ ବେଶ ଲାଭବାନ ହୋଇଥିଲା। ତେବେ ଓଡ଼ିଶା ରାଜନୀତିରେ ବିଜୁ ପଟ୍ଟନାୟକଙ୍କ ପରେ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଏକ ସ୍ୱତନ୍ତ୍ର ଓ ଉଲ୍ଲେଖନୀୟ ସଫଳତା ରଖିଛନ୍ତି ତାହା ହେଉଛି ଉଭୟଙ୍କ ଦୁଇପିଢ଼ି କେନ୍ଦ୍ରମନ୍ତ୍ରୀ ହୋଇଛନ୍ତି। ବିଜୁବାବୁ ଅଣକଂଗ୍ରେସ ଜନତା ପାର୍ଟି ସରକାରରେ କେନ୍ଦ୍ରରେ ମନ୍ତ୍ରୀ ଥିଲାବେଳେ ତାଙ୍କ ପୁଅ ନବୀନ ପଟ୍ଟନାୟକ ଅଣକଂଗ୍ରେସ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାରରେ ମନ୍ତ୍ରୀ ହୋଇଥିଲେ। ବିଜୁ ବାବୁ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ ଆଉ ନବୀନ ବାବୁ ମଧ୍ୟ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ। ସେହିପରି ଡାକ୍ତର ଦେବେନ୍ଦ୍ର ପ୍ରଧାନ ବାଜପେୟୀଙ୍କ ନେତୃତ୍ୱାଧୀନ ଏନଡ଼ିଏ ସରକାରରେ ମନ୍ତ୍ରୀ ହୋଇଥିଲେ। ୧୯୯୮-୨୦୦୦ ଦୁଇଟି ପର୍ଯ୍ୟାୟରେ ସେ ମନ୍ତ୍ରୀ ପଦ ପାଇଥିଲେ। ତାଙ୍କ ପୁଅ ଧର୍ମେନ୍ଦ୍ର ପ୍ରଧାନ ୨୦୧୪ରୁ ମନ୍ତ୍ରୀ ଅଛନ୍ତି।

ଓଡ଼ିଶାରେ ଭାଜପାକୁ ସୁଦୃଢ଼ କରିବା ସଂଗଠନକୁ ମଜଭୁତ ସହ ଅଧିକରୁ ଅଧିକ ଲୋକଙ୍କୁ ଦଳ ସହ ଯୋଡ଼ିବାରେ ଦେବେନ୍ଦ୍ର ବାବୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ସାଙ୍ଗଠନିକ ଦକ୍ଷତା, ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାର ଆପ୍ରାଣ ଉଦ୍ୟମ କାରଣରୁ ଆଜି ରାଜ୍ୟରେ ଭାଜପା କ୍ଷମତାକୁ ଆସିଛି ଏଥିରେ କେହି ଦ୍ୱିମତ ହେବେନାହିଁ। ଏହିଭଳି ଜଣେ ଅମାୟିକ, ଭଦ୍ର ଓ ସର୍ବଦା ହର୍ଷୋତ୍‌ଫୁଲ୍ଲିତ ବ୍ୟକ୍ତିଙ୍କୁ ଓଡ଼ିଶା ହରାଇବା ନିଶ୍ଚିନ୍ତ ଭାବେ ଏକ ବଡ଼ କ୍ଷତି। ଏହି ଶୂନ୍ୟସ୍ଥାନ କେବେ ବି ପୂରଣ ହୋଇପାରିବ ନାହିଁ। ସେବା ଓ ସଂକଳ୍ପ ମନୋଭାବ ସହ ରାଜ୍ୟର ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ବିରଳ ବ୍ୟକ୍ତିତ୍ୱଙ୍କ ପରଲୋକରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ବାସ୍ତବିକ ଦେବେନ୍ଦ୍ର ବାବୁଙ୍କ ପରଲୋକ ସହ ଏକ ଯୁଗାବସାନ ହୋଇଛି। ତାଙ୍କ ତ୍ୟାଗ, ସମର୍ପଣ, ଆଦର୍ଶ, ଦଳ ଓ ରାଜ୍ୟ ପାଇଁ ନିଃସ୍ୱାର୍ଥପର ନିଷ୍ଠା ଓ ସେବାର ଜୀବନାଦର୍ଶ ନୂଆ ପିଢ଼ିର ଯୁବନେତାମାନଙ୍କୁ ନୂଆମାର୍ଗ ଦେଖାଉ ଏହା ହିଁ କାମନା।

ଅମର ଶହୀଦ ଭଗତ୍ ସିଂହ, ଗାନ୍ଧୀ ଓ ଆମେ

ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

ବ୍ରିଟିଶ ଶାସନ କବଳରୁ ଭାରତ ମାତାକୁ ମୁକ୍ତ କରିବା ପାଇଁ ଦୀର୍ଘବର୍ଷ ଧରି ଆମ ଦେଶରେ ଦୁଇ ପ୍ରକାରର ସଂଗ୍ରାମ ଚାଲିଥିଲା। ଗୋଟିଏ ସଶସ୍ତ୍ର ବିପ୍ଳବ, ଅନ୍ୟଟି ଥିଲା ସତ୍ୟ ଓ ଅହିଂସା ବିଚାରର ସମ୍ମିଶ୍ରଣରେ ସୃଷ୍ଟ ସତ୍ୟାଗ୍ରହ ସଂଗ୍ରାମ। ୧୯୧୫ ଜାନୁଆରୀ ୯ ତାରିଖରେ ଗାନ୍ଧୀଜୀ ବମ୍ବେରେ ପହଞ୍ଚିଲେ ଦକ୍ଷିଣ ଆଫ୍ରିକାର ସତ୍ୟାଗ୍ରହ ସାରି। ଏହାପରେ ସେ ସାରା ଦେଶ ବୁଲିଲେ, ସାଧାରଣ ଲୋକଙ୍କ ସହ ମିଶିଲେ ଏବଂ ଦେଶ ମାତୃକାକୁ ଇଂରେଜମାନଙ୍କ କବଳରୁ ଉଦ୍ଧାର କରିବାକୁ ଲଢୁଥିବା ନରମପନ୍ଥୀ, ଚରମପନ୍ଥୀ ଓ ସଶକ୍ତ ବିପ୍ଳବୀମାନଙ୍କୁ ବି ଭେଟିଲେ। ନରମପନ୍ଥୀ ମାନଙ୍କ ଠାରୁ ନମନୀୟତା, ଚରମପନ୍ଥୀଙ୍କ ଠାରୁ ଦେଶ ପାଇଁ ପ୍ରତିବଦ୍ଧତା ଓ ସଶସ୍ତ୍ର ବିପ୍ଳବୀମାନଙ୍କ ଠାରୁ ବଳିଦାନର ସଂକଳ୍ପ ଶିଖିଲେ ଗାନ୍ଧୀ। ହିଂସା ବଳରେ ବ୍ୟବସ୍ଥା ବିରୁଦ୍ଧରେ ଲଢ଼େଇ କଲେ ବ୍ୟବସ୍ଥା ଅଧିକ କଠୋର ଭାବେ ତା'ର ପ୍ରତି ଜବାବ୍ ଦେବ ଏବଂ ଏଥିରେ ବ୍ୟକ୍ତିର ହିଂସାତ୍ମକ କାର୍ଯ୍ୟକୁ ରାଷ୍ଟ୍ରର ହିଂସା ବଳିପଡ଼ିବ ବୋଲି ଗାନ୍ଧୀଜୀ ମନେ କରୁଥିଲେ। ତେବେ ସେ ଯେଉଁ ଅହିଂସା କଥା କହୁଥିଲେ ତାହା ଭୀରୁ ଓ କାପୁରୁଷଙ୍କର ନୁହେଁ, ବୀରର ଭୂଷଣ ବୋଲି ତାଙ୍କର ମତ ଥିଲା।

'ମୁଁ ମରିଗଲା ପରେ ବି ମୋ କାମ ଲୋକଙ୍କ ଭିତରେ ରହିବ। ସତ୍ୟ ଓ ଅହିଂସାର ଆଧାରରେ ବଢ଼ିଥିବା ମୋ ବିଚାର କିନ୍ତୁ ମରିବ ନାହିଁ। ଏହାକୁ ଲୋକେ ଆଗେଇ ନେବେ'- ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀଙ୍କୁ ୧୯୪୮ ଜାନୁଆରୀ ୩୦ରେ ହତ୍ୟା କରାଯିବା ପରେ ମଧ୍ୟ ଏହା ପ୍ରତିଫଳିତ ହେଉଛି। ଗାନ୍ଧୀଜୀ କହୁଥିଲେ ଭାଷା ମାତ୍ର ଦୁଇଟି-ଗୋଟିଏ କୃତଜ୍ଞତାର ଓ ଅନ୍ୟଟି କୃତଘ୍ନତାର। ସେହିପରି ତାଙ୍କ ବିଚାରରେ ଦୃଷ୍ଟିକୋଣ ବି ଦୁଇ ପ୍ରକାରର- ସକାରାତ୍ମକ ଓ ନକାରାତ୍ମକ।

୧୯୩୧ ମାର୍ଚ୍ଚ ୨୩ ସନ୍ଧ୍ୟାରେ କ୍ରାନ୍ତିକାରୀ ଯୁବନେତା ଭଗତ୍ ସିଂହ ଓ ତାଙ୍କ ସତୀର୍ଥ ସୁଖଦେବ ଓ ଶିବରାମ ରାଜଗୁରୁଙ୍କୁ ଲାହୋର କେନ୍ଦ୍ରୀୟ ଜେଲ୍‌ରେ ଫାଶୀ ଦିଆଯାଇଥିଲା। ପ୍ରତ୍ୟୁଷରେ ଫାଶୀ ଦେବାର ବିଧି ଥିବାବେଳେ ଏହି ୩ଜଣ ସଂଗ୍ରାମୀଙ୍କୁ କିନ୍ତୁ ସନ୍ଧ୍ୟାରେ ଫାଶୀ ଦିଆଯାଇ ସେହି ରାତିରେ ବ୍ରିଟିଶ ସେନା ସହାୟତାରେ ଏମାନଙ୍କ ମରଶରୀରକୁ ଲୁଚାଇ ପୋଡ଼ି ଦିଆଯାଇଥିଲା। ମାର୍ଚ୍ଚ ୨୫ରେ କରାଚିରେ କଂଗ୍ରେସ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ବିଭାଜନ ରାଜନୀତିକୁ ବ୍ୟାପକ କରିବା ପାଇଁ ବ୍ରିଟିଶ ସରକାର ଦୁଇଦିନ ପୂର୍ବରୁ ଏହି ୩ଜଣ ବିପ୍ଳବୀଙ୍କୁ ଫାଶୀ ଦେଇଥିଲେ। ଶହୀଦ ଭଗତ୍ ସିଂହଙ୍କ ପରିବାରର ୩ ପିଢ଼ି ଦେଶମୁକ୍ତି ଆନ୍ଦୋଳନ ସହ ଜଡ଼ିତ। ତାଙ୍କ ଜେଜେବାପା ସର୍ଦ୍ଦାର ଅର୍ଜୁନ ସିଂହ, ସାନ ଅଜା ସର୍ଦ୍ଦାର ରଣଧୀର ସିଂହ, ବାପା କିଷାନ ସିଂହ, କକା ଅଜିତ ସିଂହ ଓ ସ୍ୱର୍ଣ୍ଣ ସିଂହ ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛନ୍ତି। ମୋଟାମୋଟି ଭାବେ ଭଗତ୍ ସିଂହଙ୍କ ପରିବାର ଲାଲା ଲଜପତ ରାୟଙ୍କ ଅନୁଗାମୀ ଥିଲେ। ପରବର୍ତ୍ତୀ ସମୟରେ ଭଗତ୍ ସିଂହ ନଉଯବାନ ଭାରତ ସଭା, ହିନ୍ଦୁସ୍ଥାନ ସୋସିଆଲ୍‌ଲିଷ୍ଟ ରିପବ୍ଲିକ୍ ଆସୋସିଏସନ୍ ଆଦି ସଂଗଠନରେ ସାମିଲ ହୋଇ ବୀରତ୍ୱର ସହ ସଂଗ୍ରାମ କରିଥିଲେ। ପାଠ ପଢ଼ିବା ବେଳେ ଏକ ମିଛ ମାମଲାରେ ବି ସେ ଜେଲ୍ ଯାଇଥିଲେ।

ସାଇମନ୍ କମିଶନକୁ ବିରୋଧ କରି ଲାଲାଜୀଙ୍କ ନେତୃତ୍ୱରେ ଲାହୋରରେ ବାହାରିଥିବା ବିଶାଳ ଶୋଭାଯାତ୍ରା ଉପରେ ବ୍ରିଟିଶ୍ ପୁଲିସ ୧୯୨୮ ଅକ୍ଟୋବର ୩୦ ତାରିଖରେ ଆକ୍ରମଣ କରିଥିଲା। ଏଥିରେ ଗୁରୁତର ଆହତ ଲାଲାଜୀଙ୍କ ପରଲୋକ ଘଟିଲା ୧୭ ଦିନ ପରେ। ଏହି ଘଟଣାର ପ୍ରତିଶୋଧ ନେବା ପାଇଁ ଭଗତ୍ ସିଂ ଓ ତାଙ୍କ କ୍ରାନ୍ତିକାରୀ ସହଯୋଗୀମାନେ ଶପଥ ନେଇଥିଲେ। ତେବେ ଲାଲାଜୀଙ୍କ ଉପରକୁ ଆକ୍ରମଣ ପାଇଁ ଆଦେଶ ଦେଇଥିବା ଗୋରା ଏସ୍‌ପିଙ୍କ ପରିବର୍ତ୍ତେ ସାଣ୍ଡର୍ସ ନାମକ ଅନ୍ୟଜଣେ ପୋଲିସ ଅଧିକାରୀଙ୍କୁ ଏମାନେ ହତ୍ୟା କରିଥିଲେ। କେବଳ ଏତିକି ନୁହେଁ ଏହି କ୍ରାନ୍ତିକାରୀ ଯୁବ ଗୋଷ୍ଠୀ ୧୯୨୯ ଏପ୍ରିଲ୍ ୮ ତାରିଖରେ କେନ୍ଦ୍ରୀୟ ବିଧାନସଭାରେ ପଶି ଦର୍ଶକ ଗ୍ୟାଲେରୀରୁ ଗୃହ ମଧ୍ୟକୁ ଶକ୍ତିଶାଳୀ ହାତ ବୋମା ନିକ୍ଷେପ କରିବା ସହ ପ୍ରଚାର ପତ୍ର ଉଡ଼ାଇଥିଲେ। ଚାହିଁଥିଲେ ସେମାନେ ସହଜରେ ଖସି ପଳାଇ ପାରିଥାନ୍ତେ। କିନ୍ତୁ କାପୁରୁଷ ଭଳି ଲୁଚି ପଳାଇନଯାଇ ସେମାନେ ଧରା ଦେଇଥିଲେ ଏବଂ ବିଚାରାଳୟରେ ଗର୍ବର ସହ ଗୁଳିଚାଳନା ଓ ବୋମା ବିସ୍ଫୋରଣ ଘଟଣାକୁ ସ୍ୱୀକାର କରିଥିଲେ। ବୋମା ବିସ୍ଫୋରଣ ମାମଲାରେ ଭଗତ୍ ସିଂହ ଓ ବଟୁକେଶ୍ୱର ଦତ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଜେଲ୍‌ରେ ଏହି ଦୁଇ କ୍ରାନ୍ତିକାରୀ ନେତାଙ୍କ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

କରଞ୍ଜିଆ(ଭାସ୍କର ନ୍ୟୁଜ): ସ୍ୱର୍ଗତଃ କଂଗ୍ରେସ ଭାଇଙ୍କର ୫ମ ଶ୍ରାଦ୍ଧବାର୍ଷିକୀ ଦିବସ ଅବସରରେ ବିନୋବା ସେବା ପ୍ରତିଷ୍ଠାନ କରଞ୍ଜିଆ, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ, କେନ୍ଦୁଝର, ବିଶ୍ୱ ବନ୍ଧୁ କଂଗ୍ରେସ ଭାଇ ସେବା ଟ୍ରଷ୍ଟ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟ, କରଞ୍ଜିଆର ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିନୋବା ସେବା ପ୍ରତିଷ୍ଠାନ ର ଜିଲ୍ଲା ସଂଯୋଜକ ସଚ୍ଚିଦାନନ୍ଦଙ୍କ ସଂଯୋଜନାରେ ବଳା, ପାଣ୍ଡ, କିଆପାଣପୋଷି, ଡୁମୁରିଆ, ପିଛୁଳି, ଦେଓ ଗାଁ, ବାଟ ଦେଓଗାଁ, ଡାଟୋ, ବାଟ ଟାଇଁସିରା, କଙ୍କଡା, ଚାଞ୍ଚବଣି, କୁରୁଳିଆ, ବିଡରିଆଁ ଓ କାଳିକାପୁର ଆଦି ଗାଆଁରୁ ମୋଟ ୯୩ ବରିଷ୍ଠ ନାଗରିକ ଚକ୍ଷୁ ପରୀକ୍ଷା କରାଇଥିଲେ । କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସଂପାଦକ ଭକ୍ତ ବତ୍ସଳ ମହାନ୍ତିଙ୍କ ନେତୃତ୍ୱରେ ଭୂମିକା ଚକ୍ଷୁ ଚିକିତ୍ସାଳୟ, କରଞ୍ଜିଆର ଜୋନାଲ୍ ମ୍ୟାନେଜର କର୍ଣ୍ଣାଟ କିଶୋର ଜେନା, ଏରିଆ ମ୍ୟାନେଜର ବିରଞ୍ଚି ନାରାୟଣ ସେଠୀ, କ୍ଷେତ୍ରୀୟ ସଂଗଠକ ରଶ୍ମି ରଞ୍ଜନ ମହାନ୍ତ, ଫାର୍ମାସିଷ୍ଟ ନିବେଦିତା ମହାନ୍ତ ଓ ବରିଷ୍ଠ ସ୍ୱାସ୍ଥ୍ୟ ସହାୟିକା ସୁଶ୍ରୀ ମାମିନା ନାଏକ ବରିଷ୍ଠ ନାଗରିକଙ୍କର ଚକ୍ଷୁ ପରୀକ୍ଷା ସହିତ ପ୍ରାଥମିକ ସେବା ଯୋଗାଇ ଦେଇଥିଲେ । ଭୂମିକା ଚକ୍ଷୁ ଚିକିତ୍ସାଳୟ, କରଞ୍ଜିଆର ମ୍ୟାନେଜର ସୁନୀଲ କୁମାର ସେଠୀ, ମୋତିଆବିନ୍ଦୁ ଚିହ୍ନିତ ହୋଇଥିବା ୨୧ ବରିଷ୍ଠ ନାଗରିକଙ୍କୁ ଚିକିତ୍ସାଳୟର ମୋବାଇଲ୍ ଭ୍ୟାନ୍ ଯୋଗେ ଭୂମିକା ଚକ୍ଷୁ ଚିକିତ୍ସାଳୟ, କରଞ୍ଜିଆକୁ ମାଗଣା ଚକ୍ଷୁ ଅସ୍ତ୍ରୋପଚାର ନିମନ୍ତେ ପ୍ରେରଣ କରିଥିଲେ । ଶିରାକୁଡିରେ କଂଗ୍ରେସ ଭାଇଙ୍କ ପୁତୁରା କପିଳ ନାଏକ, ବସନ୍ତ କୁମାର ନାଏକ, ପ୍ରତାପ ନାଏକ ଓ ସୁଷମା ମହାନ୍ତ ମଧ୍ୟ ଉପସ୍ଥିତ ରହି ବିଶ୍ୱ ବନ୍ଧୁ ସେବକ ସଂଘନ୍ତ ତରଫରୁ ଦୀନ ଗରିବ ମାନଙ୍କୁ ବସ୍ତ୍ର ଦାନପ୍ରଦାନ କରାଯାଇଥିଲା ।

୨୨ତମ ଜାତୀୟ ନାଟକ ମହୋତ୍ସବ କ୍ୟାନ୍‌ଫେଷ୍ଟ-୨୦୨୫ ଉଦ୍‌ଘାଟିତ

ପ୍ରଥମ ସନ୍ଧ୍ୟାରେ ପ୍ରଦର୍ଶିତ ହେଲା ହିନ୍ଦି ନାଟକ 'କର୍ଣ୍ଣ'

ପାରାଦୀପ(ଭାସ୍କର ନ୍ୟୁଜ): ୨୨ତମ ଜାତୀୟ ନାଟକ ମହୋତ୍ସବ କ୍ୟାନ୍‌ଫେଷ୍ଟ-୨୦୨୫ ପାରାଦୀପ ବନ୍ଦରର ଜୟଦେବ ସଦନ ଠାରେ ବୁଧବାର ଦିନ ଉଦଘାଟିତ ହୋଇଯାଇଛି । ଚଳିତ ମାର୍ଚ୍ଚ ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୮ ଦିନ ଧରି ଚାଲିବାକୁ ଥିବା ଏହି ଜାତୀୟ ନାଟକ ମହୋତ୍ସବରେ ରାଜ୍ୟ ତଥା ଦେଶର ନାମିଦାମୀ ନାଟ୍ୟ ଅନୁଷ୍ଠାନ ତଥା କଳାକାର ମାନେ ଅଂଶଗ୍ରହଣ କରୁଛନ୍ତି । ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ କ୍ୟାନମାସ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦଘାଟନୀ ସନ୍ଧ୍ୟାରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ମହୋତ୍ସବକୁ ଉଦଘାଟନ କରି କ୍ୟାନମାସ ପ୍ରତି ବର୍ଷ ଏହି ମହୋତ୍ସବକୁ ଆୟୋଜନ କରି ବନ୍ଦର ସହରର ଅନ୍ତେବାସୀମାନଙ୍କୁ କେବଳ ମନୋରଞ୍ଜନର ଖୋରାକ ଯୋଗାଇ ଦେଇନାହିଁ ତା ସଙ୍ଗେ ସଙ୍ଗେ ପାରାଦୀପକୁ ଦେଶର ନାଟକ ତଥା ସଂସ୍କୃତି ମାନଚିତ୍ରରେ ଏକ ଅନନ୍ୟ ସ୍ଥାନ ଦେଇଛି ଯେଉଁଥିପାଇଁ କାନମାସ ପ୍ରଶଂସାର ପାତ୍ର ବୋଲି କହିଥିଲେ । ପାରାଦୀପ ବନ୍ଦର ସିଏମଇ ସୁଶିଲ ନାହାକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ୟାନମାସର ସଭାପତି କ୍ୟାପଟେନ ଅତୁଲ୍ୟ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନିଲାଭ୍ର ଦାସଗୁପ୍ତା, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପାରାଦୀପ ରିଫାଇନାରି ର ସିଜିଏମ ସମ୍ଭୁ ଚକ୍ରବର୍ତ୍ତୀ, ଓଡ଼ିଶାର ପ୍ରସିଦ୍ଧ ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀ, ବନ୍ଦର ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ୍ଟ, କାନମାସର ଉପଦେଷ୍ଟା କ୍ୟାପଟେନ ଅଲେଖ ସାହୁ ମଞ୍ଚାସିନ ଥିଲେ । ଏହି ଅବସରରେ ଜୀବନ ବ୍ୟାପି ସାଧନା ପାଇଁ ଶଙ୍କର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ମୁଖ୍ୟ ଅତିଥି ନାଟକ ମହୋତ୍ସବ ଅବସରରେ କ୍ୟାନଫେଷ୍ଟ ୨୦୨୫ ସ୍ମରଣିକା ଉନ୍ମୋଚନ କରିଥିଲେ । ଏଥିସହିତ ଦୀପକ ରଞ୍ଜନ ପତିଙ୍କୁ ମନୋଜ ସ୍ମୃତି ସମ୍ମାନ ପ୍ରଦାନ କରିଥିଲେ । ଉଦ୍ଘାଟନୀ ସଂଧ୍ୟାରେ ମୁମ୍ବାଇର ସମ୍ପୋର୍ଣ୍ଣମର କଳାକାର ମାନେ କୁଲଭିନ୍ଦର ବକ୍ସି ସିଂହଙ୍କ ନିର୍ଦ୍ଦେଶନାରେ ଏକ ପରୀକ୍ଷାମୂଳକ ହିନ୍ଦୀ ନାଟକ କର୍ଣ୍ଣ ମଞ୍ଚସ୍ଥ କରିଥିଲେ । ନାଟକରେ କେବଳ ତିନି ଜଣ ମହିଳା କଳାକାର ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଏବଂ ଆମ ଦେଶର ଲୁପ୍ତପ୍ରାୟ ପ୍ରାଚୀନ କଳା ଯେପରିକି ମୟୁରଭଞ୍ଜ ଛଉ, ମଣିପୁର ମାର୍ଶାଲ ଆର୍ଟ ଥଙ୍ଗ ତା, କଳରିପାୟୁଡୁ ଆଦି ଏଥିରେ ବ୍ୟବହାର କରାଯାଇଛି । ଆଜିର ସମୟରେ ଯିଏ ନିଜ ପ୍ରତିଭାର ଆଧାରରେ ଆଗକୁ ବଢ଼ନ୍ତି ସେମାନଙ୍କ ମଧ୍ୟରେ କର୍ଣ୍ଣର ଏକ ଅଂଶ ରହିଛି କିନ୍ତୁ ଆଜି ମଧ୍ୟ ଏପରି ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ପରିବର୍ତ୍ତେ ସମାଜ ତାଙ୍କ ବିଶ୍ୱାସକୁ ଭାଙ୍ଗିବାକୁ ଆଗ୍ରହୀ । ତେଣୁ ସେ ତାଙ୍କ ଜାତି ଏବଂ ଚରିତ୍ର ମଧ୍ୟରେ ଦୋଷ ଖୋଜିବା ଆରମ୍ଭ କରନ୍ତି । ଏହା କର୍ଣ୍ଣ ନାଟକର ଅନନ୍ତ କାହାଣୀ ଏବଂ ଯନ୍ତ୍ରଣା । ମୂଳତଃ କର୍ଣ୍ଣ କେବଳ ଏକ ଚରିତ୍ର ଭାବରେ ନୁହେଁ ବରଂ ଏକ ପ୍ରଶ୍ନ ଭାବରେ ଉଭା ହୋଇଛନ୍ତି । ଯାହା ମାଧ୍ୟମରେ ମାନବ ଅବସ୍ଥାର ଜଟୀଳତାକୁ ଆତ୍ମନିରିକ୍ଷଣ ପାଇଁ ପ୍ରତିଫଳିତ କରାଯାଇଛି । ପରିଶେଷରେ କାନମାସର ଉପଦେଷ୍ଟା କ୍ୟାପଟେନ ଅଲେଖ ସାହୁ ଧନ୍ୟବାଦ୍ ଦେଇଥିଲେ । ସୂଚନା ସୂଚନା ଥାଉକି, ପାରାଦୀପର କ୍ୟାନମାସ ସଂସ୍ଥା ଦ୍ୱାରା ଆୟୋଜିତ ନାଟକ ମହୋତ୍ସବ ରାଜ୍ୟ ତଥା ଆନ୍ତର୍ଜାତୀୟ ସ୍ତରରେ ବେଶ୍ ପ୍ରଶଂସିତ ଓ ଆକର୍ଷଣ ସୃଷ୍ଟି କରିପାରିଛି ।

କଥା ରଖିଲେ ଉପମୁଖ୍ୟମନ୍ତ୍ରୀ

ପରିଷଦ ଅଞ୍ଚଳରେ କଲୋନୀ ହେବ ସରସ ସୁନ୍ଦର

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଦୀର୍ଘଦିନ ହେବ ଅନେକ କାର୍ଯ୍ୟ ଅଟକି ରହିଥିବା ବେଳେ ତୁରନ୍ତ କାର୍ଯ୍ୟ ଗୁଡିକ କରାଯିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିଭିନ୍ନ ୱାର୍ଡର ଜନସାଧାରଣ ଦାବୀ କରିଥିଲେ । ଏହି ଦାବି ଉପରେ ଗୁରୁତ୍ୱ ଦେଇ ଉପମୁଖ୍ୟମନ୍ତ୍ରୀ ପରିଷଦ ଅଞ୍ଚଳରେ ଅଟକି ରହିଥିବା ଉନ୍ନୟନ କାର୍ଯ୍ୟକୁ ଟେଣ୍ଡର ମାଧ୍ୟମରେ କରାଯିବା ପାଇଁ ନିର୍ଦ୍ଦେଶ ଦେବା ପରେ ପ୍ରତ୍ୟେକ ୱାର୍ଡରେ କାର୍ଯ୍ୟ ପାଇଁ ଟେଣ୍ଡର ଡକାଯାଇଛି । ପୌରପରିଷଦ ଅଞ୍ଚଳ ସରସ ସୁନ୍ଦର କରିବା ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ବିଭିନ୍ନ କଲୋନୀକୁ କାର୍ଯ୍ୟ କରାଯିବା ପାଇଁ ଟେଣ୍ଡର ଡକାସରଛି । ବିଶେଷ କରି ନୁହାରକିରୀ, ଗଣପତି ବିହାର ସମେତ ୫୬ଟି କାର୍ଯ୍ୟ ଟେଣ୍ଡର ମାଧ୍ୟମରେ କରାଯିବା ପାଇଁ ପ୍ରକ୍ରିୟା ଚାଲିଥିବା ବେଳେ ଖୁବ୍ ଶୀଘ୍ର କାର୍ଯ୍ୟ କରାଯିବ ବୋଲି ପରିଦେ ପକ୍ଷରୁ ଜଣାପଡିଛି । ଦୀର୍ଘଦିନ ହେବ ଗଣପତି ବିହାରକୁ ରାସ୍ତା କରାଯିବା ପାଇଁ ମାନସ ମିଶ୍ର, ବସନ୍ତ ରାଉତ, ପ୍ରଫୁଲ ପରିଡା, କୈଳାସ ପୃଷ୍ଟି ସମେତ ଦାବୀ କରିଆସୁଥିଲେ । ଏହା ଉପରେ ଗୁରୁତ୍ୱ ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କଲୋନୀ ବାସୀଙ୍କ କଥା ରଖିଛନ୍ତି । ନାରାୟଣୀ ନଗର ମହାବୀର କଲୋନୀ ଶ୍ରୀକୃଷ୍ଣ ନଗର ଆଦି ବିଭିନ୍ନ କଲୋନୀରେ କାର୍ଯ୍ୟ କରାଯିବା ସହ କଲୋନୀ ରାସ୍ତାକୁ ସରସ ସୁନ୍ଦର କରାଯିବା ସହ କଲୋନୀବାସୀଙ୍କୁ ସୁଷମ ଜଳ ଯୋଗାଇଦେବା ସହ ବିଭିନ୍ନ ସମସ୍ୟା ଦୂର କରାଯିବା ପାଇଁ ଶ୍ରୀମତୀ ପରିଡା କହିଛନ୍ତି । ପ୍ରତ୍ୟେକ କଲୋନୀରେ ଆଲୋକୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରାଯିବାର ଯୋଜନା ରହିଛି ।

ଯୁବକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଗତ ହୋଲି ଦିନ ଚୌଦ୍ୱାର ଥାନା ଅଧିନ ଓଟିଏମ କଲୋନୀରେ ଜନୈକ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ କରି ଗୁରୁତର କରିଥିବା ଅଭିଯୋଗରେ ଚୌଦ୍ୱାର ପୋଲିସ୍ ଗୁରୁବାର ଦିନ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ୮ନମ୍ବର ୱାର୍ଡ଼ ଅନ୍ତର୍ଗତ ଓଟିଏମ୍ କଲୋନୀର ସ୍ନେହାଶିଷ ମଲ୍ଲିକ (୨୦) । ପୋଲିସ ସୂଚନା ଅନୁଯାୟୀ ଗତ ୧୫ ତାରିଖ ଦିନ ଓଟିଏମ୍ କଲୋନୀର କମଳ କୁମାର ପ୍ରଧାନ ଥାନାରେ ଅଭିଯୋଗ କରିଥିଲେଯେ ହୋଲିଦିନ ୪ଜଣ ଯୁବକ ଆସି କମଲଙ୍କ ଘର ଆଗରେ ଅଭଦ୍ର ଭାଷାରେ ହୋହାଲ୍ଲା କରିଥିଲେ । କମଲ ଏହାକୁ ବିରୋଧ କରିବାରୁ ଉକ୍ତ ଯୁବକ ମାନେ ତାଙ୍କୁ ମରଣାତ୍ମକ ଆକ୍ରମଣ କରି ଗୁରୁତର କରିଥିଲେ । ଆକ୍ରମଣରେ ତାଙ୍କ ମୁଣ୍ଡ ଫାଟିଯିବା ସହିତ ଛାତିରେ ଗଭୀର ଆଘାତ ଲାଗିଥିଲା । ଅଭିଯୋଗ ପାଇ ପୋଲିସ୍ ଘଟଣାର ତଦନ୍ତ କରିବା ସହିତ ଅଭିଯୁକ୍ତ ସ୍ନେହାଶିଷକୁ ଗିରଫ କରିଥିଲେ । ଅନ୍ୟ ୩ଜଣ ଫେରାର ଥିବା ଜଣା ପଡ଼ିଛି ।

ରାସ୍ତା କଡରେ ମାଂସ ବ୍ୟବସାୟ ବନ୍ଦ କରିବାକୁ ଦାବି

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଜାତୀୟ ରାଜପଥ କଡରେ ଛେଳି, କୁକୁଡା ଆଦି କାଟି ବିକ୍ରି କରିବା ଉପରେ ରୋକ ଲଗାଇବା ପାଇଁ ଦାବି କରିଛି ଷ୍ଟେଟ ହ୍ୟୁମାନ ରାଇଟ୍ସ କାଉନସିଲ । ଗୁରୁବାର ଏ ସଂପର୍କିତ ଏକ ଦାବିପତ୍ର ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପ୍ରଦାନ କରାଯାଇଛି । କାଉନସିଲ ସଦସ୍ୟଙ୍କ କହିବାନୁଯାୟୀ ରାଜପଥ କଡରେ ନିଜ ପରିବାର ପ୍ରତିପୋଷଣ ପାଇଁ ଜୀବ ହତ୍ୟା କରାଯାଇ ରାସ୍ତା କଡ଼ରେ ସର୍ବସାଧାରଣ ସ୍ଥାନରେ ଟଙ୍ଗାଯାଇ ବିକ୍ରୟ କରାଯାଉଛି । ଏହି ଦୃଶ୍ୟ କୋମଳମତି ଛାତ୍ରଛାତ୍ରୀ, ମହିଳା ଓ ନିରାମିଷାସୀ ବ୍ୟକ୍ତିବିଶେଷଙ୍କ ମନରେ କୁପ୍ରଭାବ ପାକାଉଛି । ବ୍ୟବସାୟ ପାଇଁ ସ୍ୱତନ୍ତ୍ର ସ୍ଥାନ ନିରୂପଣ ସହ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ସଭାପତି ସସ୍ମିତା ଦାସ, ନାରାୟଣ ବିଶ୍ୱାଳ, ରଞ୍ଜନ କୁମାର ବେହେରା, ସଙ୍ଗୀତ ମହାନ୍ତି, ଶିବାୟ ସାହୁ ପ୍ରମୁଖ ନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଏମ୍ପାୟାର୍ସ ପକ୍ଷରୁ ପାରାଦୀପରେ ଅନ୍ତର୍ଜାତୀୟ ପଖାଳ ଦିବସ ପାଳିତ

ପାରାଦୀପ(ଭାସ୍କର ନ୍ୟୁଜ): ମାର୍ଚ୍ଚ ୨୦ ତାରିଖ ଆନ୍ତର୍ଜାତୀୟ ପଖାଳ ଦିବସ ପରିପ୍ରେକ୍ଷୀରେ ପାରାଦୀପ ସ୍ଥିତ ହୋଟେଲ ଏମ୍ପାୟାର୍ସ ପକ୍ଷରୁ ଏହି ଦିବସ ପାଳନର ଶୁଭାରମ୍ଭ ହୋଇଯାଇଛି । ଗୁରୁବାର ଦିନ ହୋଟେଲ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ହୋଟେଲର ସାଧାରଣ ପରିଚାଳକ ସନ୍ତୋଷ ମିଶ୍ର, ସିନିଅର ମାର୍କେଟିଙ୍ଗ ଓ ସେଲ୍ସ ମ୍ୟାନେଜର ଏମ.ଏମ.ଖାନ ଏବଂ ସେଫ ବା ମୁଖ୍ୟ କୁକ ମନମୋହନ ମଲ୍ଲିକ ପ୍ରତିବର୍ଷ ପରି ଚଳିତ ଗ୍ରୀଷ୍ମ କାଳରେ ହୋଟେଲ ପକ୍ଷରୁ ସୁସ୍ୱାଦୁ ଓଡିଶାର ପ୍ରସିଦ୍ଧ ପଖାଳ ଆକର୍ଷଣୀୟ ମୂଲ୍ୟରେ ପରିବେଷଣ କରାଯିବ ବୋଲି ସୂଚନା ଦେଇଥିଲେ । ଏଥିରେ ପଖାଳ ସହିତ ଚୁନା ମାଛ ଭଜା, ଭାକୁର ମାଛ ଫ୍ରାଏ, ଚିଙ୍ଗୁଡ଼ି ଭଜା, ଶୁଖୁଆ ରାଇ, ଛୁଇଁ ଭଜା, ବଡିଚୁରା, ସାଗ ଭଜା, ଆଳୁ ଭର୍ତ୍ତା, ବାଇଗଣ ଭର୍ତ୍ତା, ପୋଟଳ ଭଜା, ଆମ୍ବ ଚଟଣି, କେରଳା ଚିପ୍ସ, ଟମାଟୋ ଚଟଣି, ପାଚିଲା ଆମ୍ବ ଓ ବିଭିନ୍ନ ପ୍ରକାରର ମିଠା ସହ ପଖାଳ ପରିବେଷଣ କରାଯିବ । ଏହି ମାସାଧିକାଲା ପଖାଳ ପରିବେଷଣ କାର୍ଯ୍ୟକ୍ରମରେ ସାଧାରଣରେ ବହୁ ସଂଖ୍ୟାରେ ଯୋଗଦେଇ ଏହି ପ୍ରସିଦ୍ଧ ଓଡ଼ିଆ ଖାଦ୍ୟର ଭରପୁର ମଜା ନେବାକୁ ହୋଟେଲ କର୍ତ୍ତୃପକ୍ଷଙ୍କ ତରଫରୁ ନିମନ୍ତ୍ରଣ କରାଯାଇଛି ।

ଯୁବ ବ୍ୟବସାୟୀଙ୍କ ବିୟୋଗରେ ଶୋକ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ପୌରପାଳିକା ୧୬ନଂ ୱାର୍ଡ ଦୌଲତାବାଦ ଗ୍ରାମର ଯୁବ ବ୍ୟବସାୟୀ ତଥା ଶ୍ରୀ ଶ୍ରୀ ରାଧାଗୋବିନ୍ଦଜୀୟୁ କମିଟିର ସଦସ୍ୟ ଲକ୍ଷ୍ମୀଧର ଦାସ(କୁନିଆ)ଙ୍କ ଅକାଳ ବିୟୋଗରେ ଏକ ଶୋକସଭା ବୁଧବାର ସଂନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ରାଧାଗୋବିନ୍ଦଜୀୟୁ କମିଟି ସଭାପତି ବ୍ରଜେନ୍ଦ୍ର ନାୟକଙ୍କ ପୌରହିତ୍ୟରେ ସ୍ଥାନୀୟ ଅମରଜ୍ୟୋତି କ୍ଲବ ପରିସରରେ ଆୟୋଜିତ ସଭାରେ ବିଧାୟକ ସୌଭିକ୍ ବିଶ୍ୱାଳ, କାଉନସିଲର ଅଜୟ କୁମାର ବେହେରା, କାଉନସିଲର ଆଶୁତୋଷ ଦାସ, ସାମ୍ବାଦିକ ଅଜିତ କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସନାତନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀନିବାସ ସୁବୁଦ୍ଧିରାୟ, ବିମ୍ବାଧର ବେହେରା, ହେମନ୍ତ କୁମାର ପାତ୍ର, ପ୍ରାଣବନ୍ଧୁ ବେହେରା, ବୈକୁଣ୍ଠ

ବିହାରୀ ଦାସ, ଜ୍ଞାନ ବିଶ୍ୱାଳ, ରାଜେନ୍ଦ୍ରନାଥ ନାୟକ, ଶରତ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ବେହେରା, ଅଭିରାମ ସ୍ୱାଇଁ, ରଞ୍ଜନ ସ୍ୱାଇଁ, ଜଗନ୍ନାଥ ପଲେଇ, ଅନାଦି ପଲେଇ, ଦେବେନ୍ଦ୍ର ରାଉତ ଓ ବିଲ୍ଲୁ ବଜାରର ସଦସ୍ୟ ବୃନ୍ଦ ଯୋଗଦେଇ ସ୍ୱର୍ଗତ ଲକ୍ଷ୍ମୀଧରଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଗ୍ରାମର ଅସହାୟ ମହିଳା ସଂଜୁ ଦେହୁରୀ, ନିଗମାନନ୍ଦ ବିଦ୍ୟାପୀଠର ଟପର ଛାତ୍ର ଚିରଞ୍ଜିବୀ ଦାସ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଟପର ଛାତ୍ରୀ ଅର୍ପିତା ଭୁୟାଁଙ୍କୁ ସମ୍ମାନିତ କରାଯାଇଥିଲା ।

ଲୋ-ଭୋଲଟେଜ୍ ସମସ୍ୟା ନେଇ ରାଇଘର-ଉମରକୋଟ ରାସ୍ତା ଅବରୋଧ କଲେ ଚାଷୀ

ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଲୋ ଭୋଲଟେଜ୍ ସମସ୍ୟା ଯୋଗୁଁ ରାଇଘର ଉମରକୋଟ ରାସ୍ତା ଅବରୋଧ କଲେ ଶତାଧିକ ଚାଷୀ । ଯେଉଁ ଦିନ ଠାରୁ ଟାଟା ପାୱାରକୁ ବିଦ୍ୟୁତ ବିକ୍ରୟ କରାଗଲା ସେହିଦିନ ଠାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । କେତେବେଳେ ବିଲ ଅଧିକ ଆସୁଛି ତ କେତେବେଳେ ଲୋ ଭୋଲଟେଜ ଯୋଗୁଁ ଚାଷକାମ ଓ ପିଲାମାନଙ୍କ ପାଠ ପଢା ରେ ବାଧା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି । ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ସରଗୁଲି ନର୍ସରୀ ଛକଠାରେ ଚାଷୀ ମାନେ ଶୁଖି ଯାଇଥିବା ମକା ଗଛ ନେଇ ରାସ୍ତା ଅବରୋଧ କରିଛନ୍ତି । ପ୍ରକାଶ ଥାଉ କି ରାଇଘର ବ୍ଲକରେ ୨୬ ଗୋଟି ପଞ୍ଚାୟତ ରହିଛି । ବହୁ ପଞ୍ଚାୟତର ଗ୍ରାମ ଗୁଡିକରେ ଦୀର୍ଘ ଦିନ ହେବ ଲୋ ଭୋଲଟେଜ ସମସ୍ୟା ଲାଗି ରହୁଥିବାରୁ ଚାଷୀ ଜମିରେ ପାଣି ମଡେଇ ପାରୁନାହାଁନ୍ତି । ବାରମ୍ବାର ବିଦ୍ୟୁତ୍ କାଟ ସାଙ୍ଗକୁ ଲୋ ଭୋଲଟେଜ ସମସ୍ୟା ଯୋଗୁଁ ଚାଷୀ ଜମିରେ ପାଣି ନ ଦେଇପାରିବାରୁ ଖରାରେ ଚାଷ ପୋଡି ନଷ୍ଟ ହେବାକୁ ଲାଗିଲାଣି । ଯାହାଫଳରେ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଫଳରେ ସରଗୁଲି ଆଦିବାସୀ ଏବଂ ସରଗୁଲି ଉଘକ ଗ୍ରାମର ଶତାଧିକ ଚାଷୀ ରାସ୍ତା ଅବରୋଧ କରି ଆନ୍ଦୋଳନରେ ବସିଛନ୍ତି । ଉଭୟ ପାର୍ଶ୍ୱରେ ଗାଡି ଅଟକ ରହିଛି, ବର୍ତ୍ତମାନ ସୁଦ୍ଧା ଘଟଣା ସ୍ଥଳରେ ବିଦ୍ୟୁତ ବିଭାଗର କର୍ମଚାରି ପହଞ୍ଚି ନ ଥିବା ବେଳେ ଏହି ମଝିରେ ମେଣ୍ଟେନନ୍ସ ବାହାନାରେ ବିଦ୍ୟୁତ୍ ଦିନ ୧୦ ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ବି କରାଯାଉଥିବା ବେଳେ କାହିଁକି ଏହାର ସମାଧାନ ହୋଇପାରୁନି କହି ଚାଷୀ ଅଭିଯୋଗ କରୁଥିବା ଦେଖିବକୁ ମିଳିଛି ।

କାଜୁ ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ

ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ଥାନା ଦଶିପୁର ଗ୍ରାମରେ ଏକ ଅଭାବ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ୭୪ତମ ବାର୍ଷିକ ସାଧାରଣ ସଭା ଜୟପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କର ସଭାପତି ଇଂ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜନ କରାଯାଇଥିଲା । ଏହି ଅବସରରେ ନିଜର ଅଭିଭାଷଣରେ ପାଣିଗ୍ରାହୀ ବ୍ୟାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ବ୍ୟାଙ୍କର ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ବାର୍ଷିକ ସାଧାରଣ ସଭାକୁ ପରିଚାଳନା କରିଥିଲେ । ବ୍ୟାଙ୍କର ଏଜିଏମ୍ ହରିଶ୍ଚନ୍ଦ୍ର ବନାଗାଡି ସବାର ଆଲୋଚିତ ବିଷୟବସ୍ତୁ ଗୁଡିକୁ ଉପସ୍ଥିତ ଅଂଶୀଧାର ମାନଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପନିବନ୍ଧକ ସମବାୟ ସମିତି ସମୂହ, ଜୟପୁର ଉପଖଣ୍ଡ, ଉପନିବନ୍ଧକ ସମବାୟ ସମିତି ସମୂହ, ରାୟଗଡା ଉପଖଣ୍ଡ, ବ୍ୟାଙ୍କର ଉପସଭାପତି ଦୁରୁପୁଡା ଭତରା, ବରିଷ୍ଠ ନିର୍ଦ୍ଦେଶକ ରମାକାନ୍ତ ରାଉଳ ତଥା ବ୍ୟାଙ୍କ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଓ ସଦସ୍ୟା ବୃନ୍ଦ ଏବଂ ବ୍ୟାଙ୍କ ସହ ଅନୁବନ୍ଧିତ ଅଂଶୀଦାର ସମବାୟ ସମିତିମାନଙ୍କ ଦ୍ୱାରା ମନୋନୀତ ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ ।

ବ୍ରିଜ୍ ଭାଙ୍ଗି ଗାଡି ଚଳାଚଳ ଠପ୍ ଅସୁବିଧା ଭୋଗୁଛନ୍ତି ସାଧାରଣ ଯାତ୍ରୀ

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍) : କୋଷାଗୁମୁଡା ବ୍ଲକର ବଡଗୁମୁଡା -ଏକୋରୀ ରାସ୍ତା ମଧ୍ୟ ଦେଇ ପ୍ରବାହିତ ହେଉଥିବା ଭାସ୍କେଲ ନଦୀ ଉପରେ ଗତ ୨୦୨୧ ମସିହାରେ ଏକ ବ୍ରିଜ ନିର୍ମାଣ ହୋଇଥିଲା । ଯାହାର ବ୍ୟୟ ଅଟକଳ ଥିଲା ୩କୋଟି ୫୭ଲକ୍ଷ ଟଙ୍କା । ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ଏହି ବ୍ରିଜ ଠିକ୍ ଠାକ ଭାବେ ନିର୍ମିତ ହୋଇଥିଲା । ଏହି ବ୍ରିଜ ହେବା ଫଳରେ ବଡଗୁମୁଡା, ଏକୋରୀ, କୋଷାଗୁମୁଡା ବ୍ଲକ ଓ ଡାବୁଗାଁ ବ୍ଲକ ସଂଯୋଗ ହେଉଥିବାରୁ ଚାରି ଚକିଆ ଓ ଭାରି ଯାନ ସବୁ ଚଳାଚଳ କରିବାରେ ସୁବିଧା ହେଉଥିଲା । ହେଲେ ଅଂଚଳର ବାଲି ମାଫିଆ ମାନଙ୍କ ପାଇଁ ଆଜି ଏହି ରାସ୍ତାରେ ଗାଡି ଚଳାଚଳ ଠପ ହୋଇଯାଇଛି । ବର୍ତ୍ତମାନ ସାଧାରଣ ଯାତ୍ରୀମାନେ ବହୁତ ହଇରାଣ ହରକତ ହେଉଥିବା ଦୃଶ୍ୟ ସାମ୍ନାକୁ ଆସୁଛି । ପ୍ରଶାସନ ସହିତ ମଧ୍ୟ ଚନ୍ଦ୍ରିକା କରି ବାଲି ମାଫିଆ ମାନେ ବ୍ରିଜ ତଳୁ ବେଧଡକ ବାଲି ଉଠେଇଲେ । ପ୍ରତିଦିନ ହଜାର ହଜାର ଟ୍ରିପ ଏହି ବ୍ରିଜ ତଳୁ ବାଲି ଉଠିଲା ହେଲେ ପ୍ରଶାସନର ନିଦ ଭାଙ୍ଗିଲା ନାହିଁ । ବ୍ରିଜର ଖମ୍ବ ତଳୁ ବାଲି ଉଠାଯିବା ପରେ ଏବେ ବ୍ରିଜଟି ବିପଦ ସଂକୁଳ ଅବସ୍ଥାରେ । ଚାରି ଚକିଆ ଯାନ କି ଭାରି ଯାନ ଉକ୍ତ ବ୍ରିଜ ଉପର ଦେଇ ଯାତାୟାତ କରିବା ସମ୍ଭବ ହେଉନି । ଜୀବନ ପ୍ରତି ବିପଦ ଥିବା ଭୟରେ କୌଣସି ବି ମଟର ଚାଳକ ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁନାହାନ୍ତି । ଫଳରେ ସାଧାରଣ ଯାତ୍ରୀମାନେ ନିଜ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ୨୦ରୁ ୨୫କିଲୋମିଟର ବାଟ ଅଧିକା ଯିବାକୁ ପଡୁଛି । ତେଣୁ ପ୍ରଶାସନ ଉକ୍ତ ବ୍ରିଜର ପୁନଃ ନିର୍ମାଣ କରିବା ସହିତ ବାଲି ମାଫିଆ ମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଅଂଚଳବାସୀ ଦାବି କରୁଛନ୍ତି ।

ବେଧଡକ ଚାଲିଛି ଦେଶୀ ଇଟାଭାଟି

ଚିକିଟି/ଗଞ୍ଜାମ, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ତହସିଲ ଅଧିନସ୍ତ ନୂଆପଡା ରାଜସ୍ୱ ଗ୍ରାମ ଗୁଡିକରେ ମାଳ ମାଳ ଦେଶୀ ଇଟାଭାଟି ଗଢି ଉଠିଛି । ଏହି ଇଟା ଭାଟି ଗୁଡିକ ବ୍ୟବସାୟିକ ଉଦ୍ଦେଶ୍ୟ ରଖି ତହସିଲରେ ଧର୍ମକୁ ଆଖିଠାର ହିସାବରେ ଖାଲି ମାଟିର ଟିକସ କାଟି ବେଶ ମୁନଫା କମାଇବାରେ ଲାଗିଛନ୍ତି । ନିୟମ ପ୍ରକାରେ ଜଣେ ଇଟାଭାଟି ଗଢିବାକୁ ହେଲେ ପ୍ରଦୂଷଣ, ତହସିଲ, ଲଘୁଖଣିଜ ଆଦି ବିଭାଗର ଅନୁମତି ଲୋଡ଼ିବାକୁ ପଡିଥାଏ । କିନ୍ତୁ ଇଟାଭାଟି ମାଲିକ ମାନେ ରାଜସ୍ୱ ବିଭାଗକୁ ସନ୍ତୁଷ୍ଟ କରି ନିଜର କାୟା ବିସ୍ତାର କରି ଚାଲିଛନ୍ତି । ଉକ୍ତ କ୍ରମରେ ବେଲପଡ଼ୀ, ବାଦ୍ୟନାଳ, ଚଡଭାର, ପତ୍ରଚୁଡ଼ି, ଦୁଲିଆପଡା, ସିରିପୁର, ସୁନ୍ଦରଡ଼ା ଆଦି ଅଞ୍ଚଳରେ ଶହ ଶହ ଦେଶୀ ଇଟାଭାଟି ଗଢି ଉଠିଥିବା ବେଳେ ଦିଗପହଣ୍ଡି ତହସିଲର ଜକର, ଭ୍ରମରପୁର ରାଜସ୍ୱ ଇଲାକାରେ ଥିବା ଧନ୍ୟରାଶି, ଗୌଡ଼ଗାଁ, ଲକ୍ଷ୍ମୀନାରାୟଣପୁର, ବନମାଳି, ଟିକରପଡା ଆଦି ଅଞ୍ଚଳରେ ପଚାଶରୁ ଊର୍ଦ୍ଧ୍ୱ ଦେଶୀ ଇଟାଭାଟି ଗଢିଉଠି ସାଧାରଣ ଜନତାଙ୍କ ନିଶ୍ୱାସ ପ୍ରଶ୍ୱାସ ବନ୍ଦ କରିବାରେ ଲାଗିଛି । ଏହି ଭାଟିରୁ ନିର୍ଗତ ହେଉଥିବା ଧୂଆଁ, ଧୂଳି, ପାଉଁଶ, ପବନ ଦ୍ୱାରା ଉଡି ସ୍ଥାନୀୟ ବାସିନ୍ଦା ଯକୃତ ଜନିତ ରୋଗରେ ଶିକାର ହେଉଛନ୍ତି । ଏହି ରୋଗ ହେବା ଫଳରେ ଜନତା ଲକ୍ଷଲକ୍ଷ ଟଙ୍କା ମେଡ଼ିକାଲରେ ଖର୍ଚ୍ଚ କରୁଥିବା ବେଳେ ଭାଟିମାଲିକ ମାନେ କୋଟିପତି ହେଉଛନ୍ତି । ଏଭଳି ସ୍ଥିତିରେ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ଖାଲି ମାଟିର ଟିକସ ନେଇ ବାହାବା ନେଉଥିବା ଦେଖିବାକୁ ମିଳୁଛି । ଉକ୍ତ ପରିସ୍ଥିତିକୁ ବେଳ ଥାଉ ଥାଉ ସୁଧାର ନକରାଯାଏ ତେବେ ଶହ ଶହ ଲୋକେ ନିଜର ଯକୃତ ହାରିବସିବେ ବୋଲି ବିଭିନ୍ନ ପରିବେଶ ବିତ୍ତମାନେ ମତ ରଖୁଛନ୍ତି ।

ଚିକିତ୍ସାଳୟରେ ଜନ୍ମ ପ୍ରମାଣ ପତ୍ର ମିଳିବାରେ ସମସ୍ୟା

ମାଲକାନାଗିରି, (ଭାସ୍କର ନ୍ୟୁଜ୍) : ମାଲକାନାଗିରି ଜିଲ୍ଲା ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଜନ୍ମ ପ୍ରମାଣପତ୍ର ମିଳିବାରେ ଲୋକଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବା ଦେଖିବାକୁ ମିଳିଛି । ସାମାଜିକ କର୍ମୀ ସଦାଶିବ ପୂଜାରୀ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିଥିଲେ । ସେ ଦେଖିଥିଲେ, ଜନ୍ମ ପ୍ରମାଣପତ୍ର ମିଳିବା ପାଇଁ ଲୋକମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରିଛନ୍ତି । କିନ୍ତୁ କର୍ମଚାରୀମାନେ ବୃଦ୍ଧ, ମହିଳା ଓ ଶିଶୁମାନଙ୍କୁ ଅସମ୍ମାନ କରୁଛନ୍ତି । ଏହି ଅସୁବିଧା ଦେଖି ଶ୍ରୀ ପୂଜାରୀ ଚିକିତ୍ସାଳୟ କର୍ମଚାରୀଙ୍କୁ ଲୋକଙ୍କୁ ଭଲ ବ୍ୟବହାର କରିବା ପାଇଁ ତାଗିଦା କରିଥିଲେ । ଏହି ଅବ୍ୟବସ୍ଥା ଆଗକୁ ଯେପରି ନ ହୁଏ ସେଥିପାଇଁ ସେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ ମେଡିକାଲ ଅଫିସର ବସନ୍ତ କୁମାର ସାହୁଙ୍କୁ ପଚାରିବାରୁ ବିଦ୍ୟୁତ୍ କାଟ ଏବଂ ନେଟୱର୍କ ସମସ୍ୟା ଯୋଗୁଁ ଲୋକେ ପ୍ରମାଣପତ୍ର ପାଇବାରେ ଅସୁବିଧା ହେଉଛି ବୋଲି ସେ କହିଛନ୍ତି ।

କଣିହାଁ ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

କଣିହାଁ, (ଭାସ୍କର ନ୍ୟୁଜ୍) : ଅନୁଗୋଳ ଜିଲ୍ଲା କଣିହାଁ ଥାନାରେ ବୁଧବାର ନୂତନ ଆଇଆଇସି ଭାବେ ରମଣୀ ରଞ୍ଜନ ଦଳେଇ ଯୋଗ ଦେଇଛନ୍ତି । ସେ ବିଧିବଦ୍ଧ ଭାବେ ପୂର୍ବରୁ ଦାୟିତ୍ୱରେ ଥିବା ମନୋଜ ପ୍ରଧାନଙ୍କ ଠାରୁ ଦାୟିତ୍ୱ ଭାର ଗ୍ରହଣ କରିଥିଲେ । ଶ୍ରୀ ଦଳେଇ ପୂର୍ବରୁ ଅନୁଗୋଳ ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ । କଣିହାଁ ଥାନାରେ ଥିବା ଆଇଆଇସି ମନୋଜ ପ୍ରଧାନଙ୍କ ଜରପଡା ଥାନାକୁ ବଦଳି ହୋଇଛି । କଣିହାଁ ଥାନା ଅଞ୍ଚଳବାସୀଙ୍କୁ ଉପଯୁକ୍ତ ନ୍ୟାୟ, କୋଇଲା କଳାବଜାରୀ ରୋକ, ମହିଳା ମାନଙ୍କୁ ନ୍ୟାୟ ପ୍ରଦାନ କରିବାର ମୂଳ ଲକ୍ଷ ବୋଲି ନୂତନ ଆଇଆଇସି ଶ୍ରୀ ଦଳେଇ ପ୍ରକାଶ କରିଛନ୍ତି ।

୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସଙ୍ଗୀତ ପ୍ରବଚନ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ବ୍ରଜରାଜନଗର ଗାନ୍ଧୀଛକ ଫାଣ୍ଡି ନିକଟରେ ଥିବା ଦୁର୍ଗା ମଣ୍ଡପ ପଡିଆରେ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସଙ୍ଗୀତ ପ୍ରବଚନ ଆରମ୍ଭ ହୋଇଛି । ଏହି ଗାୟତ୍ରୀ ଯଜ୍ଞ ବୁଧବାର ଠାରୁ ଆରମ୍ଭ ହୋଇ ଶନିବାର ପର୍ଯ୍ୟନ୍ତ ଚାଲିବ । ଏହି ଗାୟତ୍ରୀ ଯଜ୍ଞ ଦୀର୍ଘ ୧୪ ବର୍ଷ ଧରି ଚାଲି ଆସିଛି । ଗତକାଲି ଗାୟତ୍ରୀ ଯଜ୍ଞରେ ଆଖପାଖ ଅଞ୍ଚଳର ୩୦୦ ଜଣ ବାଳିକା ଓ ମହିଳା କଳସ ଧରି ଯଜ୍ଞ ମଣ୍ଡପରୁ ବାହାରି ସ୍ଥାନୀୟ ନିତାଇ ବନ୍ଧକୁ ଯାଇ ସେଠାରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରି କଳସ ଯାତ୍ରା କରିଥିଲେ । ଏହି କଳସ ଯାତ୍ରା ନିତାଇ ବନ୍ଧରୁ ବାହାରି ବାଦ୍ୟ ନୃତ୍ୟରେ ନଗର ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା । ସେଠାରେ କଳସ ଯାତ୍ରୀ ମାନଙ୍କୁ ବନ୍ଦାପନା କରି ସ୍ୱାଗତ କରିଥିଲେ । ପ୍ରଭାତି ସରାଫ ଓ ଗୌରାଙ୍ଗ ସରାଫ ଏହି ଗାୟତ୍ରୀ ଯଜ୍ଞର ମୁଖ୍ୟ ଆୟୋଜକ ଥିବାବେଳେ ହରିଦ୍ୱାର ଶାନ୍ତି କୁଞ୍ଜରୁ ଆସିଥିବା ଟୋଲି ମୁଖ୍ୟ ପଣ୍ଡିତ ସର୍ବେଷ କୁମାର ଶର୍ମା, ସହାୟକ ରମେଶ ପଟେଲ, ଗାୟକ ସୁରେଶ କୁମାର, ବାଦକ ନରେନ୍ଦ୍ର କୁମାର, ବିବେକ କୁମାରଙ୍କ ଦ୍ୱାରା ବିଧିବଦ୍ଧ ଭାବେ ମହାଯଜ୍ଞ ପ୍ରାରମ୍ଭ କରାଯାଇଛି । ଗାନ୍ଧୀଛକ ଫାଣ୍ଡି ପୋଲିସ ରାଜରାସ୍ତାରେ କଳସ ଯାତ୍ରୀ ଯାଉଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ କରି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଭୁବନେଶ୍ୱରରୁ ଗାୟତ୍ରୀ ପରିବାର ମିଡିଆ ପ୍ରଭାରୀ ଅଙ୍କୁଶ କୁମାର ମେହେର ମିଡିଆ ଦାୟିତ୍ୱ ନିର୍ବାହ କରିଥିଲେ । ରିଙ୍କି ସରାଫ, ରିଙ୍କୁ ସରାଫ, ତାରୁଣ୍ୟ ବାଳା ସାହୁ (ମାନୀ), ମୀନୁ ସିଂହ, ଅନିତା ପଶାୟାତ, ପ୍ରଦୀପ ପଶାୟତ, ଉର୍ମିଳା ମେହେର, ଜଗନ୍ନାଥ ମେହେର, କସ୍ତୁରୀ ଖମାରି, ଦୁର୍ଯୋଧନ ଖମାରି, ଦୀପକ ଗଡତିଆ, ସମୀର ଗଡତିଆ, କାଜଲ ସିଂହ ମୁକେଶ ସିଂହ, ସ୍ମୃତି ମହାରଣା, ବିଜୟ ସ୍ୱାଇଁ ପ୍ରମୁଖ ଯୋଗ ସହଯୋଗ ଦେଇଥିଲେ ।

୧୦ଦିନରେ ଠିକା ଡାକ୍ତର, କର୍ମଚାରୀଙ୍କ ଆନ୍ଦୋଳନ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଠିକା ଡାକ୍ତର ଓ କର୍ମଚାରୀଙ୍କ ଆନ୍ଦୋଳନ ଆଜିକୁ ୧୦ଦିନରେ ପହଞ୍ଚିଛି । ଫଳରେ ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ବାଧାପ୍ରାପ୍ତ ହୋଇଛି । ଏଥିରେ ମାଲକାନଗିରି ଜିଲ୍ଲାର 'ଡାକ୍ତର ଓ କର୍ମଚାରୀ ମାନେ ସାମିଲଥିବା

ବେଳେ ମାର୍ଚ୍ଚ ୧୦ରୁ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ପରିଚାଳନା କମିଟି, ମାଲକାନଗିରି ଶାଖା ସଭାପତି ବିକାଶ କୁମାର ମିଶ୍ରଙ୍କ ନେତୃତ୍ୱରେ ୮୯ ଜଣ କର୍ମଚାରୀ କାର୍ଯ୍ୟ ବନ୍ଦ କରି ଭୁବନେଶ୍ୱରରେ ଆନ୍ଦୋଳନ କରୁଛନ୍ତି । ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ଏବଂ ସ୍ଥାୟୀ ନିଯୁକ୍ତି ଆଦି ୨ ଦଫା ଦାବି ନେଇ ଗଣଧାରଣାରେ ସାମିଲ ହୋଇଛନ୍ତି ଓ ଆନ୍ଦୋଳନ ପରଠାରୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହୋଇଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଜିଲା ସଭାପତି ଶ୍ରୀ ମିଶ୍ର କହିଛନ୍ତି ।

ଉତ୍କଳ ଦିବସ ଉପଲକ୍ଷେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ

କରଞ୍ଜିଆ, (ଭାସ୍କର ନ୍ୟୁଜ୍) : କରଞ୍ଜିଆ ସ୍ଥିତ ପାଞ୍ଚପିଡ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଦିନ ଅପରାହ୍ନରେ ଉପଜିଲ୍ଲାପାଳ ପ୍ରେମାଷ୍ଣୁ ଚାନ୍ଦଙ୍କ ଅଧ୍ୟକ୍ଷତାରେ ୯୦ ତମ ଉତ୍କଳ ଦିବସକୁ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ଅପରାହ୍ନ ୪ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ଯାଏଁ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତ, ପାଞ୍ଚପାଡ଼ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକ, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାଶ, କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଭାରପ୍ରାପ୍ତ ସୂଚନା ଓ ଲୋକସଂପର୍କ ଅଧିକାରୀ ନିହାର ରଞ୍ଜନ ସେଠୀ, କରଞ୍ଜିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ନାୟକ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ତରୁ ନାଏକ, ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଥିବା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ମହାବିଦ୍ୟାଳୟ ଅଧ୍ୟାପକ ତଥା କିଛି ମାନଗଣ୍ୟ ବ୍ୟକ୍ତି ମାନେ ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଦିବସ ପାଳନ ଅବସରରେ ପ୍ରତ୍ୟୁଷରେ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ବନ୍ଦେ ଉତ୍କଳଜନନୀ ଗାନ କରାଯିବ ଏବଂ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ଉତ୍କଳ ଦିବସ ପୂର୍ବରୁ ଚିତ୍ରାଙ୍କନ, ଓଡ଼ିଶୀ କଣ୍ଠ ସଙ୍ଗୀତ, ସାଧାରଣ ଜ୍ଞାନ ପ୍ରତିଯୋଗିତା, ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ଓ ବିଭିନ୍ନ ଅତିଥି ମାନଙ୍କ ଦ୍ୱାରା ଉତ୍କଳ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରାଯିବା ସହ ପୂର୍ବ ସନ୍ଧ୍ୟାରେ ଛଉ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସମସ୍ତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଉତ୍କଳ ଦିବସ ଦିନ ପୁରସ୍କାର ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଥିଲା । ଉପଖଣ୍ଡରୁ ତିନୋଟି ଛଉନୃତ୍ୟ ଦଳକୁ ବାରିପଦା ଠାରେ ଚୈତ୍ର ପର୍ବ ଅବସରରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇ ପଠାଯିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟର ଗ୍ରାଫିକ ଅରୁଣ କୁମାର ପାଣିଗ୍ରାହୀ ପରିଚାଳନାରେ ସହଯୋଗ କରିଥିବାବେଳେ ବୈଠକ ପରିଶେଷରେ ଉପଜିଲ୍ଲାପାଳ ଶ୍ରୀ ଚାନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

କୋରାପୁଟରେ ମିଶନ ଶକ୍ତି ରଣ ମେଳା

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ମ୍ୟୁନିସିପାଲଟି ଅଡିଟୋରିୟମ ଠାରେ କୋରାପୁଟ ବ୍ଲକ ଓ ମ୍ୟୁନିସିପାଲଟିକୁ ନେଇ ମିଶନ ଶକ୍ତି ରଣ ମେଳା ଆୟୋଜିତ ହୋଇଯାଇଛି । କୋରାପୁଟ ବିଡିଓ ଦେବାଶିଷ ଗୌଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ କୋରାପୁଟ ବ୍ଲକ ଅଧ୍ୟକ୍ଷ ନମିତା ମାଝି ଓ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରନ ସେଠୀ ଅତିଥି

ଭାବେ ଯୋଗଦେଇଥିଲେ । ୫୪ମହିଳା ଏସଏଚଜିକୁ ବିଭିନ୍ନ ବ୍ୟାଙ୍କ ଦ୍ୱାରା ୪କୋଟି ୪ଲକ୍ଷ ଟଙ୍କାର ପ୍ରଦାନ କରାଯାଇଥିଲା । ଏହି ଋଣ ନେଇ ମହିଳା ଗୋଷ୍ଠୀ ସଦସ୍ୟମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରନ ସେଠୀ କହିଛନ୍ତି । କୋରାପୁଟ ବ୍ଲକ ଉପାଧ୍ୟକ୍ଷ ଶିବ ଗୋଲରୀ, ଲିଡ୍ ବ୍ୟାଙ୍କ ମ୍ୟାନେଜର ଦେବେନ୍ଦ୍ର କୁମାର ତ୍ରୀପାଠୀ, କୋରାପୁଟ ଶିଶୁ ବିକାଶ ଅଧିକାରୀ ସାବିତ୍ରୀ ପ୍ରଭା ସାହୁ, ଓଡିଶା ଜୀବିକା ମିଶନ ଡିପିଏମ ପ୍ରିୟମ୍ବଦା ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଋଣ ମେଳାରେ କୋରାପୁଟ ବିପିଏମ ସ୍ନେହଲତା ମିଶ୍ର ଯୋଗଦେଇଥିଲେ ।

ଲବକୁଶ ଆଶ୍ରମରେ ପଞ୍ଚୁଦୋଳ ମେଳଣ ଉତ୍ସବ

କାକଟପୁର, (ଭାସ୍କର ନ୍ୟୁଜ୍) : କାକଟପୁର ବ୍ଲକ ଅନ୍ତର୍ଗତ (ପାଟପୁର)ସାତେଙ୍ଗାସ୍ଥ ଲବକୁଶ ଆଶ୍ରମ ପରିସରରେ ସପ୍ତମ ବାର୍ଷିକ ପଞ୍ଚୁଦୋଳ ମେଳଣ ଉତ୍ସବ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । କାକଟପୁର, ଅସ୍ତରଙ୍ଗ ଗୋପ ପ୍ରଭୃତି ଅଞ୍ଚଳରୁ ପ୍ରାୟ (୨୧) ଟି ଦୋଳବିମାନ ବରୁଣେଇ ପୀଠରେ ପହଞ୍ଚିବା ପରେ ଆୟୋଜିତ କମିଟି ପକ୍ଷରୁ ସ୍ୱାଗତ କରାଯାଇଥିଲା । ବିମାନ ମଧ୍ୟରେ ପୂଜା ପାଉଥିବା ରାଧାକୃଷ୍ଣଙ୍କୁ ସୁସଜ୍ଜିତ ଥାଳିରେ ପୂଜାର୍ଚ୍ଚନା ଓ ବରଣୀ କରାଯିବା ପରେ ବିମାନ ଗୁଡିକ ଶୋଭାଯାତ୍ରାରେ ବାହାରିଥିଲେ । ବାଜା, ବାଣ, ସଂକୀର୍ତ୍ତନ, ଭଜନ, ଘୋଡାନାଚ ଓ ଦୋଳ ଭଉଁରି ଖେଳକୁ ଆଖ ପାଖ ଅଞ୍ଚଳର ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ । ଲବକୁଶ ଆଶ୍ରମ ପରିସରରେ ବିମାନ ଗୁଡିକ ପହଞ୍ଚିବା ପରେ ରାଧା କୃଷ୍ଣଙ୍କ ନିକଟରେ ଆଳତି କରାଯାଇ ପୂଜା କରାଯାଇଥିଲା । ଶିକ୍ଷାବିତ ଆଦିତ୍ୟ କୁମାର ମହାନ୍ତିଙ୍କ ପୌରହିତରେ ଦୋଳ ମେଳଣ କମିଟିର ମୁଖ୍

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ପଖାଳ ଦିବସ ପାଳିବା ପାଇଁ ଗାଁରୁ ସହର ବେଶ୍ ତତ୍ପରତା ଦେଖାଦେଇଛି । ଏହି ଦିବସକୁ ଏକ ନିଆରା ଢଙ୍ଗରେ ପାଳନ କରିଛି ଅଖିଳ ଭାରତୀୟ ସାହିତ୍ୟ ପରିଷଦ କେନ୍ଦୁଝର ଶାଖା । ସ୍ଥାନୀୟ ହାଇ ଫାଇବ ରେଷ୍ଟୁରାଣ୍ଟରେ ସାହିତ୍ୟ ପରିଷଦ ପକ୍ଷରୁ ଏହି ଦିବସ ପାଳନ କରାଯାଇ ପଖାଳ ଉପରେ ସାହିତ୍ୟ ଚର୍ଚ୍ଚା, କବିତା ପାଠ ଅନୁଷ୍ଠିତ ହୋଇଥିଲା । ପଖାଳ ସହ କେନ୍ଦୁଝରର ବଡି ବେଶ ଜଡ଼ିତ ଏବଂ ପ୍ରସିଦ୍ଧ । କେନ୍ଦୁଝର ବଡିକୁ ବିଶ୍ୱ ପଟରେ ରଖିବା ପାଇଁ ଏହି ପଖାଳ ଦିବସ ଆସରରେ ସାହିତ୍ୟିକ, ଯୁବପିଢ଼ି ଓ ବୁଦ୍ଧିଜୀବୀଙ୍କୁ ଆହ୍ୱାନ ଦିଆଯାଇଥିଲା । ଏହି ପଖାଳ ଦିବସ ସାହିତ୍ୟ ପରିଷଦର ଜିଲ୍ଲା ସଭାପତି ଯୋଗେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ କେନ୍ଦୁଝରଗଡ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ପୂର୍ବତନ ସିଡିଏମ୍ଓ ଭାରତୀ ବେହେରା, ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ମଦନ ମୋହନ ମହାପାତ୍ର, ମିଳନି ସାହିତ୍ୟ ସଂସଦ ଯୁଗ୍ମ ସମ୍ପାଦକ ହରିହର ମହାନ୍ତ, ଲେଖିକା ସାହିତ୍ୟ ସଂସଦ ସମ୍ପାଦିକା ଇନ୍ଦୁମତି ପାତ୍ର, ଆରଡେଇ ସାହିତ୍ୟ ସଂସଦ ସଭାପତି ବସନ୍ତ କୁମାର ବାରିକ, ସାହିତ୍ୟ ପରିଷଦ ଜିଲ୍ଲା ସମ୍ପାଦିକା ଡ଼ ଶୁଭସ୍ମିତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବା ବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସାହିତ୍ୟ ପରିଷଦ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅବିନାଶ ଦାସ । ଅନ୍ୟମାନଙ୍କ ମଧ୍ୟରେ ଅପର୍ଣ୍ଣା ବେହେରା, ବର୍ଷା ରାଣୀ ବାରିକ, ତୃପ୍ତିମୟୀ ମହାରଣା, ସରିତା ମହାନ୍ତ, ତପସ୍ୱିନୀ ସେଠୀ, ରତନ କୁମାର ମହାକୁଡ଼, ଓମ୍ ପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ ।

ଓଡ଼ିଆଙ୍କ ମନ ବୁଝେ ପଖାଳ କଂସା

➡ ଆମେ ଓଡ଼ିଆ, ଆମ ପଖାଳ ବଢିଆ

➡ 'ସବୁଜ ଶାଖା 'ପରିସରରେ ପଖାଳ ଦିବସ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : 'ଲଙ୍ଗଳ କଥା ବୁଝୁଛି କ୍ଷେତ, କ୍ଷେତ କଥା ବୁଝେ ଚଷା, ଓଡ଼ିଆ ମନ ଓଡ଼ିଆ ପ୍ରାଣ ବୁଝେ ପଖାଳ କଂସା, ଓଡ଼ିଶା ମୋ ଓଡ଼ିଶା ଏଭଳି ଅନେକ ଗୀତ ପଖାଳକୁ ନେଇ ରହିଛି । ପଖାଳ ଏକ ଖାଦ୍ୟ ନୁହେଁ, ଏହା ପ୍ରତିଟି ଓଡ଼ିଆଙ୍କର ଆବେଗ । ପୂର୍ବରୁ ଆନୁଷ୍ଠାନିକ ଭାବେ ଏହି ଦିବସ ପାଳନ ହେଉନଥିବାରୁ ଏହାର ଉତ୍ପତ୍ତି ବିଷୟରେ ବିଶେଷ ତଥ୍ୟ କାହାରି ପାଖରେ ନାହିଁ । ତେବେ ଏହା ଯେ ଓଡ଼ିଆଙ୍କ ପ୍ରିୟ, ସେଥିରେ କୌଣସି ଦ୍ୱିମତ ନାହିଁ । ୨୦୧୧ମସିହାରୁ କିଛି ଖାଦ୍ୟପ୍ରେମୀ ଏହି ଦିବସ ପାଳନ କରିଥିଲେ । ୨୦୧୫ମସିହାରେ ପ୍ରଥମ କରି ପଖାଳ ଦିବସ ପାଇଁ ଟୁଇଟର ଟ୍ରେଣ୍ଡ ଆରମ୍ଭ ହୋଇଥିଲା । ତେଣୁ ମାର୍ଚ୍ଚ ୨୦ରେ ପାଳନ ହେଉଛି ଏହି ପଖାଳ ଦିବସ । ଧନୀ ହେଉ କି ଗରିବ ସମସ୍ତେ ପଖାଳ ଖାଇବାକୁ ପସନ୍ଦ କରନ୍ତି । ପୂର୍ବରୁ ଅଭାବୀ ଚାଷୀ ପରିବାରର ଚଷା ପୁଅ ଯେତେବେଳେ ବିଲକୁ କାମରେ ଯାଉଥିଲା ଗାମୁଛାରେ ପଖାଳ କଂସାଟିଏ ବାନ୍ଧି ନେଇ ଯାଉଥିଲା । ଓଡ଼ିଆମାନେ ଯେଉଁଠି ଥାଆନ୍ତୁ ନାଁ କାହିଁକି ପଖାଳ ପ୍ରତି ସବୁବେଳେ ସେମାନଙ୍କ ଆକର୍ଷଣ ରହି ଆସିଛି । ସେଇଥି ପାଇଁ କଥାରେ ଅଛି ଝୁରି ହେଉଛି ଦିନ କାଳ, ମନ ଖୋଜୁଛି ସେ କାଳ ପଖାଳ । ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସବୁଜ ଶାଖା' ଆନୁକୂଲ୍ୟରେ ୩ୟ ବର୍ଷ ପଖାଳ ଦିବସ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଞ୍ଚଳ ଶିକ୍ଷାବିତ୍, କବି, କବିୟତ୍ରୀ ଓ ସମାଜସେବୀଙ୍କୁ ନେଇ ଏକ ଭବ୍ୟ କାର୍ଯ୍ୟକ୍ରମରେ କବି ଓ କବିୟତ୍ରୀମାନଙ୍କ ଦ୍ୱାରା ପଖାଳ ସମ୍ବନ୍ଧୀୟ କବିତା ଆବୃତ୍ତି କରାଯାଇଥିଲା । ଗତ କିଛିବର୍ଷ ମଧ୍ୟରେ ପିଜା, ବର୍ଗର ଓ ନୁଡୁଲ୍ସ ଭିତରେ ଅଣନିଶ୍ୱାସୀ ହୋଇ ପଡ଼ିଥିବା ପଖାଳ ଏବେ ନିଜର ପୂର୍ବ ଗୌରବ ଫେରିପାଇଛି । ଅସ୍ତରଙ୍ଗ ସବୁଜ ଶାଖା ପରିସରରେ ସ୍ଥାନୀୟ ଅଞ୍ଚଳ ଶିକ୍ଷାବିତ୍, ସମାଜସେବୀ, ବୁଦ୍ଧିଜୀବୀ, ଗଣ ମାଧ୍ୟମ ପ୍ରତିନିଧିଙ୍କ ସହ ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଉପସ୍ଥିତିରେ ପଖାଳ ଦିବସରେ ଦହି ପଖାଳ ସହ ୩୫ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ପରସା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ସବୁଜ ଶାଖାର ଉପଦେଷ୍ଟା ଦିବାକର ଛାଟୋଇ, ସାମ୍ବାଦିକ ବିପିନି ଦାଶ, ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ସଭାପତି ବିଜୟ ବେହେରା, ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

କୂଅରୁ ମହିଳାଙ୍କୁ ଉଦ୍ଧାର କଲା ଅଗ୍ନିଶମ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଟାକିରିଆ ବ୍ରହ୍ମପୁର ଗାଁରେ ଗୁରୁବାର ସକାଳେ ଜଣେ ମହିଳା ଅସାବଧାନତା କାରଣରୁ କୂଅ ମଧ୍ୟକୁ ପଡିଯାଇଥିଲେ । ମହିଳା ଜଣକ ହେଲେ ଗୌରୀ ବେହେରା (୫୫) । ଏ ସମ୍ପର୍କରେ ଖବର ପାଇ ଛତ୍ରପୁର ଅଗ୍ନିଶମ କେନ୍ଦ୍ରର ଏକ ଟିମ୍ ସେଠାରେ ପହଞ୍ଚି କୂଅରୁ ଉକ୍ତ ମହିଳାଙ୍କୁ ଉଦ୍ଧାର କରିଥିଲା । ପରେ ଉକ୍ତ

ମହିଳାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଅଗ୍ନିଶମ ଟିମ ଭର୍ତ୍ତି କରିଥିବା ନେଇ ଛତ୍ରପୁର ଅଗ୍ନିଶମ କେନ୍ଦ୍ରର ଆସିଷ୍ଟାଣ୍ଟ ଫାୟାର ଅଫିସର ଧନଞ୍ଜୟ ମଲିକ ସୂଚନା ଦେଇଛନ୍ତି ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଶୂନ୍ୟ କଟନି ଛଟନି ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦିନିକିଆ ମାଲକାନଗିରି ଗସ୍ତରେ ଆସି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ କରିଛନ୍ତି । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସମସ୍ତଙ୍କୁ ସ୍ୱାଗତ କରିବା ସହ ଖାଦ୍ୟ ଯୋଗାଣ, କୃଷି, ଉଦ୍ୟାନ କୃଷି, ସମବାୟ ସମିତି ଓ ମାପ ଓଜନ ବିଭାଗକୁ ସେମାନଙ୍କର କାର୍ଯ୍ୟ ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ଜିଲ୍ଲାରେ ଧାନ କ୍ରୟ ଭଲ ଭାବରେ ହୋଇଛି । ଶୂନ୍ୟ କଟନି ଛଟନି ଉପରେ ଧାନ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । କମ୍ ମୂଲ୍ୟରେ ଧାନ କ୍ରୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନୁରୂପ ଭାବେ ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି । କୃଷକଙ୍କ ସହାୟତା ରାଶି ଯେପରି ଠିକ୍ ଭାବରେ ଚାଷୀଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଚଳିତ ବର୍ଷ ରାସନ୍ କାର୍ଡ ନିମନ୍ତେ ୬ ଲକ୍ଷ ୮୦ ହଜାର ହିତାଧିକାରୀ ଦରଖାସ୍ତ ଆବେଦନ କରିଛନ୍ତି । ବ୍ଲକୱାରୀ ସର୍ଭେ କରି ଯୋଗ୍ୟ ହିତାଧିକାରୀଙ୍କୁ ରାସନ୍ କାର୍ଡ ବଣ୍ଟନ ପାଇଁ କୁହାଯାଇଛି । ସୂଚନା ଦିଆଯାଇଛି ଯେ ଆସନ୍ତା ଏପ୍ରିଲ ୧୪ରେ ରାଜ୍ୟସ୍ତରୀୟ ରାସନ୍ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ ହେବ । ଏଥି ନିମନ୍ତେ ଇ-କେୱାଇସି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅନ୍ତ୍ୟୋଦୟ କାର୍ଡ ସର୍ଭେରେ ଯାହାର ଭଲ ସ୍ଥିତି ଆସି ଯାଇଛି, ସେମାନଙ୍କର କାର୍ଡ ପ୍ରତ୍ୟାହାର କରି ନେବାକୁ ମଧ୍ୟ କୁହାଯାଇଛି । ଯାହା ଫଳରେ ନୂଆ ତଥା ଗରିବ ହିତାଧିକାରୀ ଏଥିରୁ ଲାଭାନ୍ୱିତ ହୋଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ ମଧ୍ୟ ଠିକ୍ ଭାବରେ ସର୍ଭେ କରିବା ପାଇଁ କୁହାଯାଇଛି । ଶେଷ ଧାନ କିଣା ରତୁରେ କାହା ବ୍ୟାଙ୍କ୍ ଏକାଉଣ୍ଟକୁ ଟଙ୍କା ପ୍ରାପ୍ତ ହୋଇଛି ତାହା ସୁନିଶ୍ଚିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ମାପ ଓ ଓଜନ ବିଭାଗକୁ ମଧ୍ୟ ନିୟମିତ ବ୍ୟବଧାନରେ ବୃହତ୍ ବ୍ୟବସାୟ ପ୍ରତିଷ୍ଠାନ ଯେପରିକି ସୁନା ଦୋକାନ, ପେଟ୍ରୋଲ ପମ୍ପ ଇତ୍ୟାଦି ଅଚାନକ ଗସ୍ତ କରି ମାନ ଓ ଗୁଣବତ୍ତା ତଦାରଖ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁହାଯାଇଛି । ଏହି ଅବସରରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଉପସ୍ଥିତ ରହି ଚାଷୀଙ୍କ ସୁବିଧା ଓ ଉନ୍ନତି ନିମନ୍ତେ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ବୋଲଗଡ଼ ରନ୍ କୃଷ୍ଣମୋହନଙ୍କ ସ୍ମୃତିଚାରଣ

ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ଼ର ମୁରବୀ, ପୂର୍ବତନ ସରପଞ୍ଚ ତଥା ବୋଲଗଡ ରନ୍ ସ୍ୱର୍ଗତ କୃଷ୍ଣ ମୋହନ ପାଲଟାସିଂହଙ୍କ ଦ୍ୱାଦଶାହ ଅବସରରେ ବୋଲଗଡ଼ ସଦର ମହକୁମାସ୍ଥ ନିଜ ବାସଭବନ ଠାରେ ବୁଧବାର ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ପୂର୍ବତନ ମନ୍ତ୍ରୀ ଅରୁଣ କୁମାର ସାହୁ , ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ବୋଲଗଡ଼ ବିଡ଼ିଓ ଶରତ କୁମାର ମଲ୍ଲିକ, ବିଜେପି ନେତା ପ୍ରକାଶ ରଣବିଜୁଳି, କଂଗ୍ରେସ ନେତା ପୃଥିବୀ ବଲ୍ଲବ ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ସାଂସଦ ପ୍ରତିନିଧି ରବୀନ୍ଦ୍ର କୁମାର ସୁବୁଦ୍ଧି, ଦେବରାଜ ସେନାପତି, ରଘୁନାଥ ଷଡ଼ଙ୍ଗୀ, ଶିକ୍ଷାବିତ୍ ହରିବନ୍ଧୁ ସାହୁ, ବୈକୁଣ୍ଠ ମହାରଣା, ପ୍ରଫୁଲ୍ଲ ମହାପାତ୍ର, କାଳୀଚରଣ ଜୟସିଂହ, ସୁମନ୍ତ ଛୋଟରାୟ, ଲୁସି ମହାପାତ୍ର ପ୍ରମୁଖ ସ୍ମୃତିଚାରଣ ସଭାରେ ସ୍ୱର୍ଗତ ପାଲଟାସିଂହଙ୍କ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ । ଏହି ସ୍ମୃତିସଭାରେ କବି ସାହିତ୍ୟିକ ଶ୍ରୀକାନ୍ତ ନାୟକ ସଂଯୋଜନା କରିଥିବାବେଳେ ସ୍ୱର୍ଗତ ପାଲଟା ସିଂହଙ୍କ ବଡ଼ପୁତ୍ର ବଜେନ୍ଦ୍ର କୁମାର ପାଲଟାସିଂହ ସ୍ୱାଗତ ଭାଷଣ ଦେଇଥିଲେ । କନିଷ୍ଠ ପୁତ୍ର କୁନା ପାଲଟାସିଂହ ଧନ୍ୟବାଦ୍ ଦେଇଥିଲେ । ବଂଶାଧର ସଂଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅବିନାଶ ସୁବୁଦ୍ଧିଙ୍କ ସମେତ ଅନୁଷ୍ଠାନର କଳାକାରମାନେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭଜନ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମନୋଜ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

ବାଲିଆ ମେଳଣ ଉଦ୍‌ଯାପିତ

ଡେରାବିଶ (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ଦକ୍ଷିଣ ପାର୍ଶ୍ୱ ବାଲିଆ ମେଳଣ ପଡ଼ିଆରେ ସ୍ଥାନୀୟ ଜମିଦାର କାନୁନ୍‌ଗୋ ପରିବାରଙ୍କ ଦ୍ୱାରା ଆୟୋଜିତ ହୋଇଆସୁଥିବା ବାଲିଆ ମେଳଣ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ମେଳଣରେ ଥାନପତି ଭାବରେ ବୁଢ଼ା ଗୋବିନ୍ଦଜୀଉ ଓ ଗାଦିଶ୍ୱର ଭାବରେ ଝିଙ୍କଡ଼ିମଠ ବିମାନ ପଡ଼ିଆରେ ଉପବେଶନ କରିବା ପରେ ପଡ଼ିଆକୁ ଥିବା ବିଭିନ୍ନ ବାଟ ଦେଇ କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ମଠ ଓ ମନ୍ଦିରର ବିମାନମାନେ ଆସିଥାନ୍ତି । କେନ୍ଦ୍ରାପଡ଼ା ବ୍ଲକର ଜମଧର ପଞ୍ଚାୟତର ଜଣ୍ଡିଲୋ, ବଡ଼ଗାଁ, ବଣହରା(ଜାଗମଠ), ପୋଟଳିମଠ, ତରାପୁର ବିମାନ ଗୁଡ଼ିକ ଖୁବ୍ ଜାକଜମକରେ ମେଳଣ ପଡ଼ିଆକୁ ଆସିଥିବା ବେଳେ ଡେରାବିଶ ବ୍ଲକର ଲଛମନଜୀଉ, ବାଘିଲୋ, ଓଲଡ଼ି ମଠ, ଜହ୍ନିମୂଳ, ନରସିଂହପୁର, ବନ୍ଧପଡ଼ା, ସୋରିଷିଆ, କାଦୁଆ ଆଦି ଗ୍ରାମର ବିମାନଗୁଡ଼ିକ ପାରମ୍ପରିକ ବାଜା ଓ ସଂକୀର୍ତ୍ତନ ମଧ୍ୟରେ ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ । ଏହି ମେଳଣ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଲକ୍ଷାଧିକ ଦର୍ଶକ ଉପସ୍ଥିତ ରହି ମେଳଣକୁ ଉପଭୋଗ କରିଥିଲେ । ବିଳମ୍ବିତ ରାତିରେ କାନୁନ୍‌ଗୋ ପରିବାର ତରଫରୁ ସମସ୍ତ ବିମାନ ସମ୍ମୁଖରେ ଭୋଗଲାଗି କରାଯିବା ପରେ ବିମାନ ଗୁଡ଼ିକ ନିଜ ନିଜ ସ୍ଥାନକୁ ଫେରିଯାଇଥିଲେ । ବହୁ ଜନସମାଗମ ପାଇଁ କେନ୍ଦ୍ରାପଡ଼ା ସଦର ଥାନା ତରଫରୁ ପୋଲିସ୍ ମୁତୟନ କରାଯାଇଥିଲା । ଶହ ଶହ ସଂଖ୍ୟାରେ ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥିଲେ । ସୂଚନାଯୋଗ୍ୟ ପଞ୍ଚୁଦୋଳରେ ଅନୁଷ୍ଠିତ ଏହି ବାଲିଆ ମେଳଣ ଅଞ୍ଚଳର ଦୀର୍ଘଦିନ ଧରି ଅନୁଷ୍ଠିତ ହୋଇଥାଏ । ଯଦିଓ ଏହି ମେଳଣ ଜାତୀୟ ହୋଲିର ଦିନକ ପରେ ଆରମ୍ଭ ହୋଇଥାଏ ଏବଂ ବିମାନ ଗୁଡ଼ିକ ଭୋଗଲାଗି ପରେ ବାହୁଡ଼ି ଯାଇଥାନ୍ତି ତଥାପି ଏଠାରେ ପଶରା ମେଳିଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଚାରିଦିନ ଧରି ସେମାନଙ୍କ ବ୍ୟବସାୟ କରିଥାନ୍ତି । ମେଳଣର ଗୋଟିଏ ଦିନ ପରେ ଦୀର୍ଘ ବର୍ଷ ହେବ ଏହି ମେଳଣ ପଡ଼ିଆ ନିକଟସ୍ଥ ହାଟପଡ଼ିଆରେ ମଧୁସାଗର ମହୋତ୍ସବ ତିନିଦିନ ଧରି ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ଗୁରୁ, ଶୁକ୍ର ଓ ଶନି ତିନିଦିନ ଧରି ଏହି ମେଳଣ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

ଭୋଟର କାର୍ଡ ସହ ଲିଙ୍କ ହେବ ଆଧାର

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ୍ କରାଯିବା ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ନିର୍ବାଚନ ଅଧିକାରୀ ଗଞ୍ଜାମ ମତଦାତାଙ୍କୁ ନିଜ ଭୋଟର କାର୍ଡ ସହିତ ଆଧାର ଲିଙ୍କ୍ କରିବାକୁ ନିବେଦନ କରିଛନ୍ତି । ଏନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଛି । ନିର୍ବାଚନ କମିଶନ କହିଛନ୍ତି ଯେ, ବର୍ତ୍ତମାନ ପ୍ରଚଳିତ ଆଇନ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଭୋଟର କାର୍ଡ ସହ ଆଧାର ଲିଙ୍କ୍ କରାଯିବ । ତେବେ ଏହା ବାଧ୍ୟତା ମୂଳକ ଭାବେ ନୁହେଁ, ସମ୍ପୂର୍ଣ୍ଣ ଇଚ୍ଛାଧୀନ ଭାବେ କରାଯିବ ବୋଲି କମିଶନ କହିଛନ୍ତି । ନିର୍ବାଚନ କମିଶନଙ୍କ କହିବାନୁଯାୟୀ ସମ୍ବିଧାନର ଧାରା ୩୨୬ ଅନୁସାରେ ମତଦାନର ଅଧିକାର କେବଳ ଭାରତୀୟ ନାଗରିକଙ୍କୁ ମିଳିଥାଏ । କିନ୍ତୁ ଆଧାର ହେଉଛି କେବଳ ଜଣେ ବ୍ୟକ୍ତିଙ୍କ ପରିଚୟ । ସେଥିପାଇଁ ଭୋଟର ପରିଚୟ ପତ୍ର ସହିତ ଆଧାର ନମ୍ବର ଲିଙ୍କ୍ କରାଇବା ଲାଗି ସମସ୍ତ ଆଇନ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଭୋଟର କାର୍ଡ ସହ ଆଧାର ଲିଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ପାରଦର୍ଶିତା ଓ ସମାବେଶିତାକୁ ପ୍ରୋତ୍ସାହିତ କରିବା । ଏଥିପାଇଁ ନିର୍ବାଚନ କମିଶନ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ମୁଖ୍ୟ ନିର୍ବାଚନ ଅଧିକାରୀସ୍ତରରେ ବୈଠକ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଭୋଟର କାର୍ଡ ସହିତ ଆଧାର ଲିଙ୍କ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏଥିନିମନ୍ତେ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇ ନାହିଁ । ଯେଉଁମାନେ ନିଜର ଭୋଟର କାର୍ଡକୁ ଆଧାର ସହ ଯୋଡିବେ ନାହିଁ, ସେମାନଙ୍କ ନାମ ଭୋଟର ତାଲିକାରୁ କଟିବ ନାହିଁ । ଏଥିସହ ନିର୍ବାଚନ କମିଶନ ମଧ୍ୟ ଏହି ମାମଲାରେ ସମସ୍ତ ଜାତୀୟ ଓ ରାଜ୍ୟ ମାନ୍ୟତା ପ୍ରାପ୍ତ ରାଜନୈତିକ ଦଳମାନଙ୍କ ଠାରୁ ଏପ୍ରିଲ ୩୦ ସୁଦ୍ଧା ଆବଶ୍ୟକ ପରାମର୍ଶ ମାଗିଛନ୍ତି ।

ସରକାରୀ ନିର୍ଦ୍ଦେଶକୁ ଫୁ

ଖେରଙ୍ଗ ପଞ୍ଚାୟତରେ ଚାଲିଛି ବେଆଇନ ନିର୍ମାଣ କାର୍ଯ୍ୟ

ଚାନ୍ଦବାଲି (ଭାସ୍କର ନ୍ୟୁଜ୍) : ସରକାରୀ ଜାଗାରେ ସରକାରୀ ପ୍ରକଳ୍ପ ନିର୍ମାଣ ପାଇଁ ସଂରକ୍ଷିତ ଥିବାବେଳେ ଚାନ୍ଦବାଲି ବ୍ଲକ ଖେ

ଉମରକୋଟ (ଭାସ୍କର ନ୍ୟୁଜ) : କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପାରମ୍ପରିକ କିସମର ସଂରକ୍ଷଣ ଉପରେ ଗୁରୁତ୍ୱ ସମ୍ପର୍କିତ ଏକ କର୍ମଶାଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଲୁପ୍ତପ୍ରାୟ କିସମର ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି । ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ କୃଷି ଅଧିକ ଅସୁରକ୍ଷିତ ହେଉଥିବା ବେଳେ ପାରମ୍ପରିକ କିସମ ଲୋପ ପାଉଥିବାରୁ ବର୍ଷାଭିତ୍ତିକ ଅଞ୍ଚଳ ଉପରେ ଆଲୋଚନା ଓ ନୀତିଗତ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ବୋଲି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ମୁଖ୍ୟ ବୈଜ୍ଞାନିକ ଡ ଶଶାଙ୍କ ଲେଙ୍କା ବକ୍ତବ୍ୟ ରଖିଥିଲେ । ବୈଜ୍ଞାନିକ ଡ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ.ପରିତୋଷ ମୁର୍ମୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ସେମିଲିଗୁଡା ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଗବେଷଣା ଡ ପର୍ଶୁରାମ ସିୟାଲ ଯୋଗଦେଇ କୃଷି ଓ କୃଷକ କଲ୍ୟାଣ ନିମନ୍ତେ ପାରମ୍ପରିକ କିସମର ବିହନ କୃଷିକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଉମରକୋଟ ବ୍ଲକ କୃଷି ଅଧିକାରୀ ସନ୍ତୋଷ ନାୟକ, ବରିଷ୍ଠ ଚାଷୀ ପତିରାମ ମାଝି, ମହିଳା ଚାଷୀ ଦୀପ୍ତି ମଣି ଧାରୁଆ, ଇ ଏଫ୍ କୋ କ୍ଷେତ୍ର ସଂଯୋଜକ ଧୀରେନ୍ଦ୍ରସିଂ ୟାଦବ ପ୍ରମୁଖ ଯୋଗଦେଇଥିବାବେଳେ କୃଷି ବିଜ୍ଞାନ କେନ୍ଦ୍ରର ଫାର୍ମ ମ୍ୟାନେଜର ବୀଣାପାଣି ତରିଆ, କୃଷି ଯନ୍ତ୍ରପାତି ଇଂ ସ୍ୱାଗତିକା ମଲ୍ଲିକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ରତି ରଞ୍ଜନ ବେହେରା ସହଯୋଗ କରିଥିଲେ । ଶେଷରେ ଉପସ୍ଥିତ ଚାଷୀ ପ୍ରଦର୍ଶନୀ ବୁଲି ଦେଖିଥିଲେ ।

ଅଙ୍ଗଦାନ କରି ପାଞ୍ଚଜଣଙ୍କୁ ଜୀବନ ଦାନଦେଲେ ଚନ୍ଦ୍ରଶେଖର

ରାୟଗଡା(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଡୁକୁମ୍ ଗ୍ରାମର ଯୁବକ ଚନ୍ଦ୍ର ଶେଖର ନାୟକ ଦୁର୍ଘଟଣା ର ଶିକାର ହୋଇ ସ୍ଥାନୀୟ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଆନ୍ଧ୍ର ଶ୍ରୀକାକୁଲମ୍‌ର ଜେଏମଏସ ଜେମ୍ସ ମେଡିକାଲ କଲେଜ୍ ରେ ଚିକିତ୍ସିତ ହେଉଥିଲେ । ଯୁବକଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ବ୍ରେନ୍ ଡେଡ୍ ହୋଇସାରିଥିବା ସେଠାକାର ଡାକ୍ତର କହିଥିଲେ । ତାଙ୍କୁ ଭେଣ୍ଟି ଲେଟର ମଧ୍ୟରେ ରଖାଯାଇ ଚିକିତ୍ସା କରାଯାଉଥିଲା । ଯୁବକ ବଞ୍ଚିବା କଷ୍ଟ ନେଇ ଡାକ୍ତର ପରିବାର କର୍ତ୍ତୃପକ୍ଷ କୁ କହିବା ପରେ ଗୁରୁତର ଯୁବକର ବାପା କୃଷ୍ଣଚନ୍ଦ୍ର ନାୟକ ତାଙ୍କ ପୁଅର ଶରୀରରେ ଥିବା ବିଭିନ୍ନ ଅଙ୍ଗ ଦାନ କରିବା ପାଇଁ ଡାକ୍ତର ଙ୍କୁ କହିଥିଲେ । ତାଙ୍କ ପୁଅର ଜୀବନ ଅନ୍ୟମାନଙ୍କ ଦେହରେ ବଞ୍ଚିରହିବା ପାଇଁ ନିବେଦନ କରିଥିଲେ । କୃଷ୍ଣଙ୍କ ନିବେଦନ କୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଯୁବକର ଅର୍ଗାନ କାଢି ଆବଶ୍ୟକ ଥିବା ଅନ୍ୟ ରୋଗୀଙ୍କ ଦେହରେ ପ୍ରତିରୋପଣ ପାଇଁ ରାଜି ହୋଇଥିଲେ । ଆଜି ସଙ୍କଟାପନ୍ନ ଭାବେ ଥିବା ଯୁବକ ଚନ୍ଦ୍ର ଶେଖର ନାୟକଙ୍କ ବିଭିନ୍ନ ଅଙ୍ଗ ଦାନ କୁ ନେଇ ପ୍ରକ୍ରିୟା ଆରମ୍ଭ କରିଥିଲେ ମେଡିକାଲ୍ କର୍ତ୍ତୃପକ୍ଷ । ଯୁବକ ଙ୍କୁ ମେଡିକାଲ ଅପରେସନ ଥିଏଟର ମଧ୍ୟକୁ ନିଆଯାଇଛି । ତାଙ୍କ ଶରୀରରୁ କିଡନି,ଲିଭର,ହାର୍ଟ ଅଙ୍ଗ କଢ଼ାଯାଇଛି । ଚେନାଇ ହାଇଦ୍ରାବାଦ ବଡମେଡିକାଲ୍‌ର ବରିଷ୍ଠ ଡାକ୍ତରିଦଳ ଶରୀରର ଅଙ୍ଗ କଢ଼ାଯିବା ପାଇଁ ନିୟୋଜିତ ରହିଥିଲେ । ଯୁବକର ଅଙ୍ଗ ବାହାର କରିବା ପରେ ଆନ୍ଧ୍ର ସରକାର ଶ୍ରୀକାକୁଲମ୍ ଠାରେ ଗ୍ରୀନ୍ କରିଡର କରି ଏୟାରଲିଫଟ୍ କରିଥିବା ଜଣାପଡିଛି । ଯୁବକ ଅଙ୍ଗଦାନ କରିବା ପରେ ହାଇଦ୍ରାବାଦ ଓ ବିଶାଖାପାଟଣା ମେଡିକାଲ୍ କୁ ପଠାଯାଇଥିବା ମେଡିକାଲ ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଛି । ଯୁବକ ଙ୍କ ଅଙ୍ଗଦାନ ପରେ ଆବଶ୍ୟତା ଥିବା ପାଞ୍ଚ ଜଣ ରୋଗୀଙ୍କ ଦେହରେ ପ୍ରତିରୋପଣ କରି ଜୀବନ ଲାଭ କରିବେ ବୋଲି ମେଡିକାଲ ର ଟ୍ରାନ୍ସପ୍ଲାଣ୍ଟ କୋଡିନେଟର କେଶବ କହିଛନ୍ତି । ପାଞ୍ଚଜଣ ରୋଗୀଙ୍କ ଜୀବନ ବଞ୍ଚିବା ପାଇଁ ପୁଅ ର ଶେଷ ଅବସ୍ଥାରେ ଅଙ୍ଗଦାନ କରିବା ପଦକ୍ଷେପ ନେବା ମହତ ଚିନ୍ତାଧାରା କୁ ନେଇ ଅଞ୍ଚଳରେ ବେଶ୍ ଚର୍ଚ୍ଚାରେ ରହିବା ସହ ପ୍ରଶଂସା ମଧ୍ୟ ସାଉଁଟିଛନ୍ତ । ଅଙ୍ଗଦାନ କରିବା ପରେ ମେଡିକାଲ୍ କର୍ତ୍ତୃପକ୍ଷ ପୁଅର ଶବକୁ ଶେଷ ସମ୍ମାନ ଜଣାଇ ଶବକୁ ପରିବାରକୁ ହସ୍ତାନ୍ତର କରିଛି । ଜୀବନ ଦାନ ଯୋଜନାରେ ସାମିଲ୍ କରାଯାଇ ଅଙ୍ଗଦାନ କରିଥିବା ଜଣାପଡିଛି । ସୂଚନା ମୁତାବକ ମୃତ ଯୁବକ ଚନ୍ଦ୍ର ଶେଖର ନାୟକ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉଟସୋର୍ସିଂ ସଂସ୍ଥାପକ୍ଷରୁ ପିଅନ କର୍ମଚାରୀ ଭାବେ ଏକ ମାସ ହେବ କାମ କରୁଥିଲେ । ମୁନିଗୁଡା ମେଡିକାଲରୁ ତାଙ୍କ ଘରକୁ ଫେରିବା ବେଳେ ରାସ୍ତା ରେ ଥିବା ଏକ ଗଛକୁ ପିଟି ହୋଇ ଦୁର୍ଘଟଣାର ଶିକାର ହୋଇଥିଲେ । ଦୁର୍ଘଟଣା ଘଟିଥିଲା ୧୫ ତାରିଖ ହୋଲି ଦିନ ବୋଲି ପରିବାର ପକ୍ଷରୁ ଜଣାପଡିଛି।

ବନ ବିଭାଗର ବିନାନୁମତିରେ ଜଙ୍ଗଲ ଜମିରୁ ମାଟି ନେଇଗଲା ଠିକା ସଂସ୍ଥା

ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନ

କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ପୋଟ୍ରେଲ ପଞ୍ଚାୟତ ଏମଭି -୩୫ ଛକ ନିକଟ ତଥା ସୋମନାଥପୁର ବନାଞ୍ଚଳ ଏବଂ କିଛି ଅଞ୍ଚଳ କାମ୍ପେଡା ରାଜସ୍ୱ ସର୍କଲ ଅଧୀନରେ ବାଲିମେଳା- ମାଲକାନଗିରି ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଜଙ୍ଗଲ ଜମିରୁ ଗତ ରବିବାର ଏବଂ ସୋମବାର ଦୁଇଦିନ ଧରି ଦିନ ଦ୍ୱିପ୍ରହରରେ ବନ ବିଭାଗ ଏବଂ ପ୍ରଶାସନର କୌଣସି ଅନୁମତି ନନେଇ ରାସ୍ତା କାର୍ଯ୍ୟ କରୁଥିବା ବିଏମଏସ କନଷ୍ଟ୍ରକ୍ସନ ନାମକ ଠିକା ସଂସ୍ଥା ପକ୍ଷରୁ ଜେସିବି ଯୋଗେ ସେଠାରେ ଏକ ପୋଖରୀ ଖୋଳି ବଡ ବଡ ଟିପର ଯୋଗେ ମାଟି ବୋହି ନେଇ ନିର୍ମାଣ ହେଉଥିବା ବାଲିମେଳା-ମାଲକାନଗିରି ମୁଖ୍ୟ ରାସ୍ତାରେ ବିଛାଇବା ଘଟଣା ଏବେ ସମସ୍ତ ଅଞ୍ଚଳରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଏହି ବନାଞ୍ଚଳ ଦାୟିତ୍ୱରେ ଥିବା ବନ ବିଭାଗର କର୍ମଚାରୀ ଓ ଅଧିକାରୀ କିପରି ଭାବେ ଏହି ଘଟଣା ସମ୍ପର୍କରେ ଜାଣି ପାରିଲେନି ତାହାକୁ ଅଞ୍ଚଳବାସୀଙ୍କ ମନରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ସୋମବାର ସନ୍ଧ୍ୟା ପ୍ରାୟ ୭ ଘଟିକା ସମୟରେ ଏ ସମ୍ପର୍କରେ ଗଣ ମାଧ୍ୟମ ପ୍ରତିନିଧି ମାନଙ୍କ ପକ୍ଷରୁ ବନ ବିଭାଗର ଅଧିକାରୀଙ୍କ ନିକଟକୁ ପୋଖରୀ ଖାନନ ହେଉଥିବା କାର୍ଯ୍ୟର ଫଟୋ, ଅଞ୍ଚଳର ଲୋକେସନ ସହ ସମସ୍ତ ତଥ୍ୟ ପ୍ରଦାନ କରାଯିବା ସହ ସମସ୍ତେ ସୂଚନା ବିସ୍ତୃତ ଭାବେ ଦିଆଯାଇଥିଲା । ହେଲେ ବିଡମ୍ବନାର ବିଷୟ ବନ ବିଭାଗର କୌଣସି କର୍ମଚାରୀ କିମ୍ବା ଅଧିକାରୀ ଘଟଣା ସ୍ଥଳକୁ ଆସିନ ଥିଲେ । ଏହାକୁ ନେଇ ଅଞ୍ଚଳବାସୀ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଗତକାଲି ବାଲିମେଳା ବନଖଣ୍ଡ ଅଧିକାରୀ ଲିଖିତା କଅଁରଙ୍କ ନେତୃତ୍ୱରେ ସୋମନାଥ ପୁର ବନପାଳ କ୍ଷୀର ଲତା ନାୟକ, ବନରକ୍ଷୀ ସୁଜାତା ବୈରାଗୀ, ପ୍ରଶାନ୍ତ କୁମାର ରାଉତଙ୍କ ସହ ଏକ ଟିମ ଘଟଣା ସ୍ଥଳରେ ପହଁଞ୍ଚି ଉକ୍ତ ଅଞ୍ଚଳ ପରିଦର୍ଶନ କରିବା ସହ ଘଟଣାର ତଦନ୍ତ କରିଥିଲେ । ରାସ୍ତା କାମ କରୁଥିବା ଠିକା ସଂସ୍ଥାର ଉକ୍ତ ଅଞ୍ଚଳରେ କାର୍ଯ୍ୟ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ରେଞ୍ଜର ପଚାରିବାରୁ ସେଠାରୁ ମାଟି ନେବା ପାଇଁ ବନ ବିଭାଗର କୌଣସି ଅନୁମତି ନେଇ ନଥିବା ସ୍ୱୀକାର କରିଥିଲେ । ଏମଭି -୩୫ ଗାଁରେ ରହୁଥିବା ସତ୍ୟ ବିଶ୍ୱାସଙ୍କ ପୁଅ ମାଣିକ ବିଶ୍ୱାସ ଆମକୁ ଜାଗା ଦେଖାଇଥିଲେ । ସେ କହିଥିଲେ ଯେ ମୋର ଅଧାଖୋଳା ହୋଇଥିବା ପୋଖରୀକୁ ଖୋଳି ତୁମେ ମାଟି ନେଇଯାଅ ବୋଲି କହିଥିଲେ । ଏ ସମ୍ପର୍କରେ ମାଣିକଙ୍କ ପରିବାର ଲୋକଙ୍କୁ ପଚାରିବାରୁ ସେମାନ କହିଥିଲେ ଯେ କମ୍ପାନୀବାଲା ଆମକୁ ମାଟି ନେବାକୁ କହିଥିଲେ କିନ୍ତୁ ତୁମେ ବନ ବିଭାଗର ଅନୁମତି ଆଣିଲେ ନେବ ବୋଲି କହିବା ପରେ ସେମାନେ ଆମକୁ କହିଥିଲେ ଯେ ବନ ବିଭାଗର ଜଣେ ଦିଦିଙ୍କ ସହ ଆମ୍ଭେ କଥା ହେଇଛୁ ବୋଲି କହିବା ପରେ ଆମେ ମାଟି ନେବାକୁ କହିଥିଲୁ ବୋଲି କହିଛନ୍ତି । ଘଟଣାର ପୁଙ୍ଖାନୁ ପୁଙ୍ଖ ତଦନ୍ତ ପାଇଁ ରାସ୍ତା କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ମୁଖ୍ୟ ଏବଂ ମାଣିକ ବିଶ୍ୱାସଙ୍କୁ ରେଞ୍ଜର ଗତକାଲି ସନ୍ଧ୍ୟା ୪/୫ ସୁଧା ଅଫିସକୁ ଡାକିଥିଲେ । ହେଲେ ଉଭୟ ପକ୍ଷ ଆସିନଥିବା ଜଣାପଡିଛି । ତେବେ ବେଆଇନ ଭାବେ ଖୋଳାଯାଇଥିବା ପୋଖରୀ ମଝିରେ ଥିବା ୧୧ କେଭିର ବିଦ୍ୟୁତ ଖୁଣ୍ଟ ମୂଳରୁ ମାଟି ଖୋଳା ଯାଇଥିବା ଯୋଗୁ ବର୍ତ୍ତମାନ ଉକ୍ତ ଖୁଣ୍ଟଟି ବିପଦସଂକୁଳ ଅବସ୍ଥାରେ ରହିଛି । ତେବେ ଏହି ଘଟଣାରେ ବନ ବିଭାଗ ପକ୍ଷରୁ କାହାରି ବିରୁଦ୍ଧରେ କୌଣସି ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ସୂଚନା ଥାଉକି ଗତ ୨୦୨୩ ମସିହା ଜୁନ ମାସ ୨୭ ତାରିଖରେ ଏମଭି-୩୫ ଗ୍ରାମର ମାଣିକ ବିଶ୍ୱାସ ବେଆଇନ ଭାବେ ସରକାରୀ ଜାଗାରେ ଘର ନିର୍ମାଣ କରିବା ସହ ଘରକୁ ଲାଗି ରହିଥିବା ଜଙ୍ଗଲ ଜମିରେ ମେସିନ ଯୋଗେ ପୋଖରୀ ଖନନ କରୁଥିଲେ । ତେବେ ଏହି ଖବର ଶୁଣିବା ମାତ୍ରେ କାମ୍ପେଡା ରାଜସ୍ୱ ନିରୀକ୍ଷକ ବିଭୁଦତ୍ତ ଗୌଡ଼, ବନ ରକ୍ଷୀ ସୁବ୍ରତ ପରିଡାଙ୍କ ସମେତ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା, ଓର୍କେଲ ଥାନା ଅଧିକାରୀ ରଘୁନାଥ ମାଝିଙ୍କ ନେତୃତ୍ୱରେ ସେଠାରେ ଥିବା ଜେସିବି ମେସିନକୁ ଜବତ କରି ଥାନାକୁ ନେବା ସହ ପ୍ରଶାସନ ପକ୍ଷରୁ ମାଣିକଙ୍କ ଠାରୁ ପ୍ରାୟ ଏକ ଲକ୍ଷ୍ୟ ଟଙ୍କା ଜୋରିମାନା ଆଦାୟ ମଧ୍ୟ କରାଯାଇଥିଲା । ଭବିଷ୍ୟତରେ ସେଠାରେ ଆଉ କୌଣସି କାର୍ଯ୍ୟ ନ କରିବାକୁ ପ୍ରଶାସନ ପକ୍ଷରୁ କଡା ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା । ଏହି ଘଟଣାର ଦୁଇ ବର୍ଷ ପରେ ପୁନର୍ବାର ଉକ୍ତ ସ୍ଥାନରେ ଥିବା ପୋଖରୀକୁ ବେଆଇନ ଭବେ ଉକ୍ତ ପୋଖରୀ ଖୋଳି ସମ୍ପ୍ରସାରଣ କରି ସେଠାରୁ ମାଟି ନେବା ଘଟଣା ଅଞ୍ଚଳବାସୀଙ୍କୁ ଚକିତ କରିଛି । ତେବେ ପ୍ରକୃତରେ କାହା ଇଙ୍ଗିତରେ ଜଙ୍ଗଲ ଜମିରୁ ମାଟି ଖୋଳି ନିଆଗଲା ଏବଂ ଏହି ଘଟଣାରେ କେଉଁ ମାନଙ୍କର ସମ୍ପୃକ୍ତି ରହିଛି ତାହା ସ୍ପଷ୍ଟ ହୋଇପାରିନାହିଁ । ତେବେ ବନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ତେବେ ଏ ସମ୍ପର୍କରେ ବାଲିମେଳା ରେଞ୍ଜର ଶ୍ରୀମତୀ କଅଁରଙ୍କୁ ପଚାରିବାରୁ । ସେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି । ନିଶ୍ଚୟ ଭାବେ ବିଭାଗ ପକ୍ଷରୁ ଏ ନେଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ନାବାଳିକା ଗଣଦୁଷ୍କର୍ମ ଘଟଣା ।।।

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ବଡ଼ଚଣା ଗ୍ରସ୍ତରେ ଗୁରୁବାର ପିସିସି ସଭାପତି ଭକ୍ତ ଚରଣ ଦାସ ଓ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲାଲୁ ଗ୍ରସ୍ତ ପରିପ୍ରେକ୍ଷିରେ ବଡ଼ଚଣା ବ୍ଲକ ତରଫରୁ କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ ନିଳକଣ୍ଠ ମିଶ୍ରଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଚଣ୍ଡିଖୋଲ ଛକ ଠାରେ ସେମାନଙ୍କୁ ବଡ଼ଚଣା ମାଟିକୁ ସ୍ୱାଗତ କରି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ । ଚଣ୍ଡିଖୋଲ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ଅଣାଯାଇ ବାଲିଚନ୍ଦ୍ରପୁର ବଜାରରେ ପହଞ୍ଚିବା ପରେ ଅପେକ୍ଷାରତ କଂଗ୍ରେସ କର୍ମୀମାନେ ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ପ୍ରଭାରୀ ଅଜୟ କୁମାର ଲାଲୁ ଓ କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ପରେ ବାଲିଚନ୍ଦ୍ରପୁର ବଜାର ମଧ୍ୟରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପିସିସି ସଭାପତି ଓ ରାଜ୍ୟ କଂଗ୍ରେସ ନେତୃବୃନ୍ଦ ମାଲ୍ୟାର୍ପଣ କରିବା ପରେ ସେଠାରୁ ତାଙ୍କୁ ଶୋଭାଯାତ୍ରାରେ ଏହି ବ୍ଲକ ଅନ୍ତର୍ଗତ ମଝିପଡ଼ା ପଞ୍ଚାୟତ ଚଣ୍ଡିଆ ଗ୍ରାମକୁ ଯାଇଥିଲେ । ଚଣ୍ଡିଆ ଗ୍ରାମର ଝିଅ ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଭିମନ୍ୟୁ ସାମନ୍ତସିଂହାର ଡ଼ିଗ୍ରୀ କଲେଜର ଅର୍ଥନୀତି ବିଭାଗର ଅଧ୍ୟାପକଙ୍କ ଦ୍ୱାରା ଚଳିତ ବର୍ଷ ଜାନୁଆରୀ ୬ ତାରିଖ ଅସଦାଚରଣର ଶିକାର ହୋଇଥିଲା । ସେଥିନେଇ ପିସିସି ସଭାପତି ଚଣ୍ଡିଆ ଗ୍ରସ୍ତ କରି ପିଡ଼ିତା ଛାତ୍ରୀଙ୍କ ସମ୍ପର୍କରେ ପରିବାର ଲୋକଙ୍କ ସହିତ ଆଲୋଚନା କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ପିଡ଼ିତା ଛାତ୍ରୀଟି କିପରି ନ୍ୟାୟ ପାଇବ ସେ ନେଇ କଂଗ୍ରେସ ସବୁ ସମୟରେ ସେମାନଙ୍କ ସହିତ ଯୋଡ଼ି ହୋଇ ଅଛି ବୋଲି ନେତୃବୃନ୍ଦ ମାନେ କହିଥିଲେ ।

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି । ଏଥିରେ ବିଭିନ୍ନ ବିଭାଗର ୬ଟି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

ଜିନ୍ଦଲ ଗ୍ରୁପ ଅଧକ୍ଷା ଏମେରିଟସ୍ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମ ଉତ୍ସବ ପାଳିତ

ଅନୁଗୁଳ(ଭାସ୍କର ନ୍ୟୁଜ): ଅନୁଗୁଳ ସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ଠାରେ ୧୨ ଦିନ ଧରି ଚାଲିଥିବା 'ସେଲିବ୍ରେଟିଂ ଦି ଲିଗାସି' କାର୍ଯ୍ୟକ୍ରମ, ଜିନ୍ଦଲ ଗ୍ରୁପ ଅଧକ୍ଷା ଏମେରିଟସ୍ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ପାଳନ ସହିତ ଶେଷ ହୋଇଛି । ଏହି କାର୍ଯ୍ୟକ୍ରମ ଜେଏସପି ଅଧକ୍ଷ ନବୀନ ଜିନ୍ଦଲଙ୍କ ସମ୍ମାନାର୍ଥେ ମାର୍ଚ୍ଚ ୯ ତାରିଖରେ ଆରମ୍ଭ ହୋଇଥିଲା । ଏଥିରେ ସମ୍ପ୍ରଦାୟ ଏବଂ ଶ୍ରମିକଙ୍କ ଉନ୍ନତି ଲକ୍ଷ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଏବଂ ଉଦ୍ଦେଶ୍ୟ ରଖି ପାଳନ କରାଯାଇଥିଲା, ଯାହା ସମାଜ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିଲା । ୧୨ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଦିବସ, ସଂସ୍କୃତି ଦିବସ, ପ୍ରେରଣା ଦିବସ, ଦକ୍ଷତା ଦିବସ, ଜ୍ଞାନ ଦିବସ, ରଙ୍ଗ ଦିବସ, ଏକତା ଦିବସ, କ୍ରୀଡ଼ା ଦିବସ, ସୁରକ୍ଷା ଦିବସ, ଆଧ୍ୟାତ୍ମିକତା ଦିବସ ଏବଂ ସଶକ୍ତିକରଣ ଦିବସ ଅନ୍ତର୍ଭୁକ୍ତ ଥିଲା । ଜେଏସପିର ସମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ସମେତ ସୀମା ମଲହାନ ଏବଂ ଅନିତା ମିତ୍ତଲଙ୍କ ନେତୃତ୍ୱରେ ପରିଚାଳିତ ଜିନ୍ଦଲ ମହିଳା ସମିତିର ସହଯୋଗରେ ଏହି କାର୍ଯ୍ୟକ୍ରମକୁ ଅନୁଗୁଳର ସ୍ଥାନୀୟ ମ୍ୟାନେଜମ୍ୟାଣ୍ଟ ପରିଚାଳନା କରିଥିଲା । ଜିନ୍ଦଲ ଷ୍ଟିଲର ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ରକ୍ତଦାନ ଶିବିରରେ କର୍ମଚାରୀ, ସାଧାରଣ ନାଗରିକ ଏବଂ ରୋଟାରୀ କ୍ଲବର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜେଏସପି ଅନୁଗୁଳ ପ୍ଲାଣ୍ଟ ମୁଖ୍ୟ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ ସିହ୍ନା, ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ମାତାଜୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ ।

ମିଡିଆ ଫେଡେରେସନ ଅଫ୍ ଓଡିଶାର ତପନ ସଭାପତି ନିର୍ବାଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମିଡିଆ ଫେଡରେସନ ଅଫ୍ ଓଡିଶାର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି, ବରିଷ୍ଠ ସଦସ୍ୟ ଗୌର ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ତପନ ବିହାରୀ ଭଞ୍ଜ, ସଭାପତି, ଅମଲେନ୍ଦୁ ସିହ୍ନା, ଉପସଭାପତି, ସିଦ୍ଧାର୍ଥ ଶଙ୍କର ମିଶ୍ର, ସମ୍ପାଦକ, ସନ୍ତୋଷ ତ୍ରିପାଠୀ, ଯୁଗ୍ମ ସମ୍ପାଦକ, ସମୀର ରାୟ, ସହକାରୀ ସମ୍ପାଦକ, ସୌଭାଗ୍ୟ ମହାନ୍ତି, କୋଷାଧ୍ୟକ୍ଷ ଓ ବାର ଜଣ ସଦସ୍ୟ କାର୍ଯ୍ୟକାରୀ କମିଟି କୁ ନିର୍ବାଚିତ ହୋଇଛନ୍ତି, ଗୌର ଚନ୍ଦ୍ର ମହାପାତ୍ରଙ୍କୁ ପ୍ରତିଷ୍ଠାତା ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି । ଫେଡେରେସନର ସଭାପତି ଭଞ୍ଜ ଘୋଷଣା କରିଛନ୍ତି ଯେ ଖୁବ୍‌ଶୀଘ୍ର ନୂଆଦିଲ୍ଲୀସ୍ଥିତ ମିଡିଆ ଫେଡରେସନ ଅଫ୍ ଇଣ୍ଡିଆ ସହ ସହବନ୍ଧିତ ହେବ ।

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କଳିଙ୍ଗ କମର୍ସିଆଲ କର୍ପୋରେସନ ଲିମିଟେଡ୍‌ର ଅଧ୍ୟକ୍ଷ ଡକ୍ଟର ସୌମ୍ୟରଞ୍ଜନ ସାମଲ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ୧ କୋଟି ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି ।

ଭକ୍ତ ଦାସଙ୍କ ଯାଜପୁର ଜିଲ୍ଲା ଗସ୍ତ

ଜିଲ୍ଲା କଂଗ୍ରେସ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା

ଯାଜପୁର (ଭାସ୍କର ନ୍ୟୁଜ): ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲୁ ଆଜି ଯାଜପୁର ଜିଲ୍ଲା ଗସ୍ତରେ ଆସିଛନ୍ତି । ରାଜ୍ୟ ସଭାପତି ହେଲା ପରେ ଏହା ତାଙ୍କର ପ୍ରଥମ ଜିଲ୍ଲା ଗସ୍ତ ହୋଇଥିବା ବେଳେ ଶ୍ରୀ ଦାସ ଏଥିପାଇଁ ପ୍ରଥମେ ମା ବିରଜାଙ୍କ କ୍ଷେତ୍ରରୁ ତାଙ୍କର ଉକ୍ତ ଯାତ୍ରା ଆରମ୍ଭ କରିଛନ୍ତି । ଜିଲ୍ଲାର ପ୍ରବେଶ ଦ୍ୱାର ଛତିଆ ଠାରୁ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଥିଲା । ବଡଚଣା, ଚଣ୍ଡିଖୋଲ,ଜାରକା, କୁଆଖିଆ,ବରୁଆଁ ଠାରେ ଉଭୟ ନେତାଙ୍କୁ ଶହ ଶହ ସଂଖ୍ୟକ ଦଳୀୟ କର୍ମୀ ମାନେ ସ୍ୱାଗତ କରିଥିବା ବେଳେ ଯାଜପୁର ଟାଉନ୍ ପ୍ରବେଶ ଦ୍ୱାର ମଲ୍ଲିକାପୁର ଠାରୁ ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ ଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ରେ ଶ୍ରୀ ଦାସ ଓ ଶ୍ରୀ ଲଲୁ ଏବଂ ଅନ୍ୟ ନେତୃବୃନ୍ଦ ଙ୍କୁ ଗୌତମ ବୁଦ୍ଧ ସଂସ୍କୃତି ଭବନ କୁ ପାଛୋଟି ନିଆଯାଇଥିଲା । ଜିଲ୍ଲା ସଭାପତି ଶ୍ରୀ ରାଉତ ଙ୍କ ଅଧ୍ୟକ୍ଷତା କ୍ରମେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପିସିସି ସଭାପତି ଶ୍ରୀ ଦାସ ବକ୍ତବ୍ୟ ରଖି ଦଳର କର୍ମୀମାନଙ୍କୁ ସଂଗଠିତ ଶିକ୍ଷିତ ଓ ଶୃଂଖଳିତ ହୋଇ ସଂଘର୍ଷ ଓ ସଂକଳ୍ପିତ ହେଲେ ସଫଳତା ନିଶ୍ଚିତ ମିଳିବ ବୋଲି କହିଥିଲେ । ଖୁବ୍ ଶୀଘ୍ର ଯାଜପୁର ରେ ୨୦ ହଜାର କର୍ମୀ ସମର୍ଥକ ଓ ଶୁଭେଚ୍ଛୁ ମାନଙ୍କୁ ଏକ ସମାବେଶ ଅନୁଷ୍ଠିତ ହେବ ବୋଲି ଶ୍ରୀଦାସ ସୂଚନା ଦେଇଥିଲେ ।ସଭା ପରେ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ ନେତା ଆସନ୍ତା ୨୭ ତାରିଖ ରେ ନାରୀ ନିର୍ଯ୍ୟାତନା ବନ୍ଦ ଓ ନାରୀ ସୁରକ୍ଷା ଦାବିରେ ଦଳ ବିଧାନସଭା ଘେରାଉ କରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ରାଜୀବଗାନ୍ଧୀ ପଂଚାୟତ ରାଜ ସଂଗଠନ ର ଅଧକ୍ଷ ସୁଦର୍ଶନ ଦାସ, ପୂର୍ବତନ ରାଜ୍ୟସଭା ସାଂସଦ ରାମଚଂଦ୍ର ଖୁଣ୍ଟିଆ, ବରିଷ୍ଠ କଂଗ୍ରେସ ନେତା ଶରତ ରାଉତ, ଚିନ୍ମୟ ବେହୁରା, ବନ୍ଦିତା ପରିଡ଼ା,ଅଜୟ ସାମଲ, ସନ୍ତୋଷ ନନ୍ଦ,ସୁଦିପ କର, ଶ୍ରୀନାଥ ମିଶ୍ର,କିଶାନ ପଣ୍ଡା,ପଦ୍ମାକର ଗୁରୁ,ନରେଶ ମହାନ୍ତି, ଶୁଭେନ୍ଦୁ ମହାନ୍ତି , କନକଲତା ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ହରେକୃଷ୍ଣ ସାହୁ, ବିଭୂତି ମହାପାତ୍ର, ଚନ୍ଦ୍ରଶେଖର ସାହୁ, ଦୁର୍ଯ୍ୟୋଧନ ବେହେରା,ଭରତ ପରିଡ଼ା,ବିଳାଶ ରାଉତରାୟ, ଅରଜିତ ନାୟକ,ଅନନ୍ତ ଦାସ,ଆଦିତ୍ୟ ମହାନ୍ତି, ସୁଧାଂଶୁ ଦେଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ପାଣିପାଗ ବିଭାଗର ସୂଚନା

ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି । ଏ ନେଇ ଚାରୋଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହି ଜିଲ୍ଲାଗୁଡ଼ିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ସୁନ୍ଦରଗଡ଼ । ତେବେ କେତେକ ସ୍ଥାନରେ ବର୍ଷା ସମୟରେ ପବନର ବେଗ ଘଣ୍ଟାପ୍ରତି ୫୦ରୁ ୬୦ କିମି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରପକ୍ଷରୁ କୁହାଯାଇଛି ଯେ ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ବରଗଡ଼, ସୋନପୁର, ବୌଦ୍ଧ ଓ ଯାଜପୁର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ରହିଛି । ଏଥିପାଇଁ ଏହିସବୁ ଜିଲ୍ଲାକୁ ଯେଲୋ ୱାର୍ଣ୍ଣିଂ ଜାରି ହୋଇଛି । ବର୍ଷା ସମୟରେ ପବନ ମଧ୍ୟ ବୋହିବ ବୋଲି ସୂଚନା ଦିଆଯାଇଛି । ତେବେ ଏଭଳି ପାଗ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଲାଗି ରହିବ । ପାଣିପାଗ ବିଶେଷଜ୍ଞ କହିଛନ୍ତି ଯେ ବାୟୁମଣ୍ଡଳ ଉପରି ଭାଗରେ ଲଘୁଚାପ ପ୍ରଭାବ ରହିଛି । ଏଥିସହ ଉତ୍ତର-ପଶ୍ଚିମ ଭାରତରେ ଏକ ଟ୍ରାପଲାଇନ୍ ରହିଥିବାରୁ ଏହାଫଳରେ ରାଜ୍ୟରେ କାଳବୈଶାଖୀ ବର୍ଷା ହେବ । ଏପରିକି ବର୍ଷା ସମୟରେ କେତେକ ସ୍ଥାନରେ ପବନର ବେଗ ୭୦ରୁ ୭୫ କିମି ରହିବ ବୋଲି ବିଭାଗ କହିଛି । ତେବେ ଏବେ ବି ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି । ବିଶେଷକରି ପଶ୍ଚିମ ଓଡ଼ିଶାରେ ସ୍ଥିତି ଭୟଙ୍କର ରୂପ ଧାରଣ କରିଛି । ଏପରିକି ତାପମାତ୍ରା ୪୩ଡିଗ୍ରୀ ମଧ୍ୟ ଟପିଯାଇଛି । ତେବେ ବର୍ଷା ହେଲେ ତାତିରୁ ସାମାନ୍ୟ ମୁକ୍ତି ମିଳିବ ବୋଲି ଆଶା କରାଯାଉଛି । ଅନ୍ୟପକ୍ଷରେ ମୟୂରଭଞ୍ଜର ବିଶୋୟୀ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ତାଣ୍ଡବ ରଚିଥିବା ସୂଚନା ମିଳିଛି । ପ୍ରବଳ ପବନ ସହ କୁଆପଥର ମାଡ଼ ହେବାରୁ ୫୦ଜଣରୁ ଅଧିକ ଆହତ ହୋଇଥିବା ସୂଚନା ଦିଆଯାଇଛି । ସେହିପରି ବିଦ୍ୟୁତ ତାର ଛିଣ୍ଡି ଯାଇଥିବାରୁ ସେବା ପ୍ରଭାବିତ ହୋଇଥିବା ସୂଚନା ମିଳିଛି ।

କ୍ରାଉନ୍ ହୋଟେଲ ପକ୍ଷରୁ ପଖାଳ ଦିବସ ପାଳିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : କ୍ରାଉନ୍ ହୋଟେଲ ପକ୍ଷରୁ ବିଶ୍ୱ ପଖାଳ ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ କ୍ରୀଡା ଏବଂ ଯୁବ ବ୍ୟାପାର, ସଂସ୍କୃତି ଏବଂ ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ । ସେହିପରି ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପସଭାପତି ଗୋଲଖ ମହାପାତ୍ର, 'ଓଡ଼ିଶା ଭାସ୍କର'ର ସିଇଓ ଏବଂ ସଂପାଦକ କୌସ୍ତୁଭ ଦାସ ଏବଂ ଅନ୍ୟ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ । ଏହି ଉତ୍ସବରେ ହୋଟେଲ ପକ୍ଷରୁ ୧୬ପ୍ରକାରର ରାଇସ, ୧୯୭ ପ୍ରକାରର ଦେଶୀ ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା । ଫଳରେ ବିଶ୍ୱ ଦରବାରରେ ଓଡ଼ିଶାର ଗୌରବ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଏହି ଅବସରରେ ମାଷ୍ଟର ଚେଫ୍ ଅବିନାଶ ନାୟକଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା । ଅନ୍ୟପକ୍ଷରେ ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ପଖାଳ ଦିବସ ମଧ୍ୟ ପାଳିତ ହୋଇଯାଇଛି । ବିଭିନ୍ନ ସ୍ଥାନରେ ବନ୍ଧୁ ପରିଜନଙ୍କୁ ଦହି ପଖାଳ ଓ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରାଯାଉଥିବା ଦେଖିବାକୁ ମିଳିଥିଲା ।

ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ୍ ନଂ.:ଇ-ଟେଣ୍ଡର/୨୦୨୫/୦୩/୨, ତାରିଖ ୧୯.୦୩.୨୦୨୫ । ଡିଭିଜନାଲ ରେଳପଥ ପରିଚାଳକ (ଇଞ୍ଜିନିୟର), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ଦ୍ୱାରା ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ ଉଲ୍ଲେଖିତ ତାରିଖରେ ୧୫.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବା କ୍ରମିକ ସଂଖ୍ୟା ଏବଂ ଟେଣ୍ଡର ନମ୍ବର; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଆୟ ଟଙ୍କା: (୧) ଇ-କେଜିପିବକ୍ସ-ଡିଇଏନ-୦୩-୨୦୨୫; ସହକାରୀ ଡିଭିଜନାଲ ଇଞ୍ଜିନିୟର/କାର୍ଯ୍ୟାଳୟ/ଖଡ଼ଗପୁରଙ୍କ ଅଧିକାର କ୍ଷେତ୍ରରେ ଖଡ଼ଗପୁର-କାର୍ଯ୍ୟାଳୟ ଡିପୋର ଭିତ୍ତିଭୂମିର ଉନ୍ନତି; ଟ.୫୫,୫୧,୧୦, ୫୭୨.୯୬; ଟ.୪,୨୭,୬୦୦/-। (୨)ଇ-କେଜିପିବକ୍ସ-ଡିଇଏନ-୦୪-୨୦୨୫; ସହକାରୀ ବିଭାଗୀୟ ଯନ୍ତ୍ର/କାରଖାନା/ଖଡ଼ଗପୁରଙ୍କ ଅଧୀନରେ ଖଡ଼ଗପୁର କାରଖାନାରେ ବାୟୋଟଏଲେଟ୍ ରକ୍ଷଣାବେକ୍ଷଣ ପାଇଁ ଭିତ୍ତିଭୂମି ସୁବିଧାର ବିକାଶ; ଟ.୨,୨୫,୮୧, ୬୨୬.୮୨; ଟ.୨, ୬୨,୯୦୦/-। ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ଉଭୟ ପାଇଁ ୦.୦୦। କାର୍ଯ୍ୟ ସମାପ୍ତି ଅବଧି: ଉଭୟ ପାଇଁ ୧୨ ମାସ। ଖୋଲିବାର ତାରିଖ: କ୍ରମିକ.ନଂ.୧ ପାଇଁ ୧୦.୦୪.୨୦୨୫ ଏବଂ କ୍ରମିକ.ନଂ. ୨ପାଇଁ ୧୬.୦୪.୨୦୨୫। ବିଡିଂ ଆରମ୍ଭ ତାରିଖ: ୧୦.୦୪.୨୦୨୫ର କ୍ରମିକ.ନଂ.୧ ପାଇଁ ୨୭.୦୩.୨୦୨୫ର ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ ଏବଂ ୧୬.୦୪.୨୦୨୫ର କ୍ରମିକ. ନଂ. ୨ ପାଇଁ ୨୭.୦୩.୨୦୨୫ର ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ନିର୍ଦ୍ଦିଷ୍ଟକରଣ ପାଇଁ http://www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟିପ୍ପଣୀ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡଦାତାମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ।

(PR-1255)

ନବଦାସ ହତ୍ୟା ମାମଲା, କ୍ରାଇମବ୍ରାଞ୍ଚର ଖୋଳତାଡ଼

ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଗୁଳିମାଡ଼ ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ତୃତୀୟ ଦିନରେ ବି ତଦନ୍ତ ଜାରି ରଖିଛି । ଗତ ମଙ୍ଗଳବାରଠାରୁ ଝାରସୁଗୁଡ଼ାରେ ଦୁଇଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ତଦନ୍ତ କରିବା ସହ ଖୋଳତାଡ଼ ଜାରି ରଖିଛନ୍ତି । ଏହି ମାମଲାରେ କ୍ରାଇମବ୍ରାଞ୍ଚ ସ୍ୱର୍ଗତଃ ନବ ଦାସଙ୍କ ପରିବାରର ସଦସ୍ୟ, ବିମାନବନ୍ଦର କର୍ତ୍ତୃପକ୍ଷ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବୟାନ ରେକର୍ଡ କରିଛି । ଗୁରୁବାର ତୃତୀୟ ଦିନରେ ନବ ଦାସଙ୍କୁ ଗୁଳି କରାଯାଇଥିବା ସ୍ଥାନ ବ୍ରଜରାଜନଗରର ଗାନ୍ଧୀଛକ ଯାଇ ସେଠାରେ ତଦନ୍ତ କରିଥିବା ସୂଚନା ମିଳିଛି । ଏହାସହ ଅଭିଯୁକ୍ତ ଗୋପାଳ ଦାସଙ୍କ ବିଷୟରେ ମଧ୍ୟ ବ

ନୂଆଦିଲ୍ଲୀ: ରାଣା ଦଗୁବାଟୀ, ପ୍ରକାଶ ରାଜ, ବିଜୟ ଦେବରକୋଣ୍ଡା ଓ ମଞ୍ଜୁ ଲକ୍ଷ୍ମୀଙ୍କ ସମେତ ପ୍ରାୟ ୨୫ ଜଣ ଲୋକପ୍ରିୟ ସେଲିବ୍ରିଟି ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ଏତଲା ଦାୟର କରିଛି ତେଲଙ୍ଗାନା ପୁଲିସ। ଏମାନଙ୍କ ବିରୋଧରେ ବେଆଇନ ବେଟିଂ ଆପ୍ସକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଛି। ଯେଉଁମାନଙ୍କ ବିରୋଧରେ ତେଲଙ୍ଗାନା ପୁଲିସ ଏତଲା ଦାୟର କରିଛି ସେମାନଙ୍କ ମଧ୍ୟରେ ୬ ଜଣ ଟଲିଉଡ ତାରକା ଅଛନ୍ତି। ମିୟାପୁର ଥାନାରେ ଏତଲା ଦାୟର ହୋଇଛି। କୁହାଯାଉଛି ଯେ, ୩୨ ବର୍ଷୀୟ ବ୍ୟବସାୟୀ ଫନୀନ୍ଦ୍ର ଶର୍ମା ଏକ ପିଟିସନ ଦାଖଲ କରିଥିଲେ, ଯାହା ଆଧାରରେ ହାଇଦ୍ରାବାଦର ମିୟାପୁର ଥାନାରେ ଏତଲା ଦାୟର ହୋଇଛି। ଏତଲା ଅନୁଯାୟୀ, ରାଣା ଦଗୁବାଟୀ, ମଞ୍ଜୁ ଲକ୍ଷ୍ମୀ, ନିଧି ଅଗ୍ରୱାଲ, ବିଜୟ ଦେବରକୋଣ୍ଡା, ପ୍ରଣିତା ଏବଂ ଅନ୍ୟ ୧୮ ଜଣ ସୋସିଆଲ୍ ମିଡିଆ ଇନଫ୍ଲୁଏନସର ବେଟିଂ ଆପ୍‌କୁ ପ୍ରୋତ୍ସାହିତ କରୁଛନ୍ତି।

ଶୁଳ୍କକୁ ନେଇ ଭାରତ ଉପରେ ଟ୍ରମ୍ପ ଖପ୍ପା

ନୂଆଦିଲ୍ଲୀ: ଶୁଳ୍କ ବୃଦ୍ଧି ନେଇ ଭାରତ ଉପରେ ଆମେରିକା ଖପ୍ପା। ଟ୍ରମ୍ପ କହିଛନ୍ତି ଯେ ସେ ଆଶା କରୁଛନ୍ତି ଭାରତ ଖୁବ ଶୀଘ୍ର ଆମେରିକୀୟ ସାମଗ୍ରୀ ଉପରେ ଲାଗୁ ହୋଇଥିବା ଶୁଳ୍କ ହ୍ରାସ କରିବ। ଏହା ସହିତ ସେ ପୁଣି ଥରେ ଦୋହରାଇଛନ୍ତି ଯେ ଆମେରିକା ଏପ୍ରିଲ ୨ରୁ ଭାରତ ଉପରେ ଶୁଳ୍କ ଲାଗୁ କରିବ। ଏକ ଆମେରିକୀୟ ନ୍ୟୁଜ ୱେବସାଇଟକୁ ସାକ୍ଷାତକାର ଦେଇ ଟ୍ରମ୍ପ କହିଛନ୍ତି ଯେ ତାଙ୍କର ଭାରତ ସହିତ ଭଲ ସମ୍ପର୍କ ରହିଛି। ସେ ଆହୁରି କହିଛନ୍ତି, ଭାରତ ସହିତ ମୋର ଏକମାତ୍ର ସମସ୍ୟା ହେଉଛି ଯେ ସେମାନେ ବିଶ୍ୱର ସର୍ବାଧିକ ଶୁଳ୍କ ଲାଗୁ କରୁଥିବା ଦେଶଗୁଡ଼ିକ ମଧ୍ୟରୁ ଗୋଟିଏ। ଏପ୍ରିଲ ୨ରେ ଆମେ ସେମାନଙ୍କଠାରୁ ସମାନ ଶୁଳ୍କ ଆଦାୟ କରିବୁ ଯାହା ସେମାନେ ଆମଠାରୁ ଆଦାୟ କରନ୍ତି। ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର ସମ୍ପର୍କରେ ସେ କହିଛନ୍ତି ଯେ ଏହା ମହାନ ଦେଶମାନଙ୍କର ଏକ ଗୋଷ୍ଠୀ ଯେଉଁମାନେ ବାଣିଜ୍ୟରେ ଆମେରିକାକୁ କ୍ଷତି ପହଞ୍ଚାଉଥିବା ଦେଶଗୁଡ଼ିକର ମୁକାବିଲା ପାଇଁ ଏକାଠି ହେଉଛନ୍ତି। ଏହି ସମୟରେ ସେ ଚାଇନାର ନାମ ନେଇ ନଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଆମେରିକା ଗସ୍ତ ସମୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। 'ଆମର ଏକ ଶକ୍ତିଶାଳୀ ବାଣିଜ୍ୟ ଅଂଶୀଦାର ଗୋଷ୍ଠୀ ଅଛି,' ଟ୍ରମ୍ପ କହିଛନ୍ତି। ଅନେକ କ୍ଷେତ୍ରରେ, ଆମେ ଆମର ବନ୍ଧୁମାନଙ୍କ ଅପେକ୍ଷା ଆମର ଶତ୍ରୁମାନଙ୍କ ସହିତ ଭଲ ବ୍ୟବହାର କରୁ। ବାଣିଜ୍ୟ କ୍ଷେତ୍ରରେ ଆମ ସହିତ ଖରାପ ବ୍ୟବହାର କରୁଥିବା ୟୁରୋପୀୟ ସଂଘ ପରି, ଭାରତ ଏବଂ ସମସ୍ତେ ସେମାନଙ୍କୁ ଏକ ସହଯୋଗୀ ଭାବରେ ଭାବିବେ।

ଝାଡ଼ଖଣ୍ଡର ସରକାରୀ ହସ୍ପିଟାଲରେ ଶସ୍ତା ହେବ ସ୍ୱାସ୍ଥ୍ୟସେବା

ରାଞ୍ଚି: ବିଧାନସଭାର ବଜେଟ ଅଧିବେଶନରେ ଗୁରୁବାର ସ୍ୱାସ୍ଥ୍ୟ ଚିକିତ୍ସା ଶିକ୍ଷା ଏବଂ ପରିବାର କଲ୍ୟାଣ ବିଭାଗ ପାଇଁ ୭୪ ବିଲିୟନ ୭୦ କୋଟି ୫୦ ଲକ୍ଷ ୮୬ ହଜାର ଟଙ୍କାର ଅନୁଦାନ ଦାବି ଆଲୋଚନା ପରେ ଅନୁମୋଦନ କରାଯାଇଛି। ସରକାରଙ୍କ ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଡକ୍ଟର ଇରଫାନ ଅନସାରୀ ବିରୋଧୀଙ୍କୁ କଟାକ୍ଷ କରିଥିଲେ ଏବଂ ଆଗାମୀ ଯୋଜନାଗୁଡ଼ିକୁ ମଧ୍ୟ ଗୃହର ଟେବୁଲରେ ରଖିଥିଲେ। ସେ କହିଥିଲେ ଯେ ସ୍ୱାସ୍ଥ୍ୟ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ। ରାଜ୍ୟର ସମସ୍ତ ମେଡିକାଲ କଲେଜ ହସ୍ପିଟାଲ ଏବଂ ସଦର ହସ୍ପିଟାଲରେ ରୋବୋଟିକ ସର୍ଜରୀ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରାଯିବ। ଏହା ଆର୍‌ଆଇଏମ୍‌ଏସ୍‌ରୁ ଆରମ୍ଭ ହେବ। ସମସ୍ତ ସରକାରୀ ହସ୍ପିଟାଲରେ ୧୦ ଟଙ୍କାରେ ୧୦ ପ୍ରକାରର ପରୀକ୍ଷା କରାଯିବ। ଏଥିରେ ସିକଲ ସେଲ ଆନିମିଆ, ଡେଙ୍ଗୁ, ମ୍ୟାଲେରିଆ, ଫାଇଲେରିଆସିସ, ସିବିସି, କ୍ରିଏଟିନିନ, ରକ୍ତ ଶର୍କରା, ଚିକୁନଗୁନିଆ, ନିୟମିତ ପରିସ୍ରା ଏବଂ କୋଭିଡ-୧୯ ପାଇଁ ପରୀକ୍ଷା ଅନ୍ତର୍ଭୁକ୍ତ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ସେମାନେ ୬୫୦୦ କୋଟି ଟଙ୍କା ବ୍ୟୟରେ ଆର୍‌ଆଇଏମ୍‌ଏସ୍ ପୁନଃନିର୍ମାଣ କରିବାକୁ ଯାଉଛନ୍ତି। ଏହା ସହିତ, ଆର୍‌ଆଇଏମ୍‌ଏସ୍‌ର କ୍ଷମତା ୨୨୦୦ଶଯ୍ୟାରୁ ୩୫୦୦ ଶଯ୍ୟାକୁ ବୃଦ୍ଧି ହେବାକୁ ଯାଉଛି। ସୁପର ସ୍ପେଶାଲିଟିର କ୍ଷମତା ୨୦୦ ରୁ ୯୫୦ ଶଯ୍ୟାକୁ ବୃଦ୍ଧି କରାଯିବ। ଏଥିପାଇଁ, ୭୫୦ଶଯ୍ୟା ବିଶିଷ୍ଟ ଏକ ନୂତନ ସୁପର ସ୍ପେଶାଲିଟି କୋଠା ନିର୍ମାଣ କରାଯିବ। ୫୦୦୦ କ୍ଷମତା ବିଶିଷ୍ଟ ଏକ ନୂତନ ଓପିଡି କୋଠା ନିର୍ମାଣ କରାଯିବ। ଏଥିରେ, ଓପିଡି ବ୍ୟତୀତ, ସମସ୍ତ ପ୍ରକାରର ପରୀକ୍ଷା ଗୋଟିଏ କୋଠାରେ କରାଯିବ। ସ୍ୱାସ୍ଥ୍ୟମନ୍ତ୍ରୀ ଗୃହରେ ଘୋଷଣା କରିଛନ୍ତି ଯେ ସଦର ହସ୍ପିଟାଲରେ ୨୪୭ ସୁପର ସ୍ପେଶାଲିଟି ସେବା ଯୋଗାଇ ଦିଆଯିବ। ମେଡିକାଲ କଲେଜ ପାଇଁ ଏମ୍‌ଆର୍‌ଆଇ, ସିଟି ସ୍କାନ ମେସିନ, ଡିଜିଟାଲ ଏକ୍ସ-ରେ କିଣାଯାଉଛି। ଏଥିପାଇଁ, ଯୋଗାଣକାରୀଙ୍କଠାରୁ ଏକ ସର୍ତ୍ତ ମଧ୍ୟ ରଖାଯାଇଛି ଯେ ତାଙ୍କୁ ଉକ୍ତ ମେସିନଗୁଡ଼ିକ ଚଳାଇବାକୁ ପଡିବ। ଏଥିପାଇଁ ତାଙ୍କଠାରୁ ଦଶ ବର୍ଷର ଚୁକ୍ତିନାମା ନିଆଯିବ। ଆମେ ସମସ୍ତ ସଦର ହସ୍ପିଟାଲରେ ଓଉଟ ଏବଂ ଜିଲା ହସ୍ପିଟାଲରେ ମଡ୍ୟୁଲାର ଓଟି ନିର୍ମାଣ କରିବାକୁ ଯାଉଛୁ।

ହଟିଲା ଚାଷୀଙ୍କ ଆନ୍ଦୋଳନ: ଖୋଲିଲା ଶମ୍ଭୁ ବର୍ଡର

ନୂଆଦିଲ୍ଲୀ : ଦୀର୍ଘ ୧୩ ମାସ ପରେ ସର୍ବସାଧାରଣଙ୍କ ନିମନ୍ତେ ଉନ୍ମୁକ୍ତ ହୋଇଛି ଶମ୍ଭୁ ବର୍ଡର। ଫଳରେ ପଞ୍ଜାବ ଓ ଅମ୍ବାଲା ସଡ଼କରେ ପାଖାପାଖି ୪୦୪ ଦିନ ପରେ ଯାନବାହନ ଚଳାଚଳ କରୁଥିବାର ଦେଖାଯାଇଛି। ଏଥିପାଇଁ ବୁଧବାର ରାତିରେ ପଞ୍ଜାବର ୫ ହଜାର ଜବାନ କାର୍ଯ୍ୟାନୁଷ୍ଠାନ କରି ଶମ୍ଭୁ ଓ ଖନୌରୀ ବର୍ଡରରୁ ଚାଷୀଙ୍କୁ ହଟାଇବା ସହ ସେମାନଙ୍କ ଦ୍ୱାରା ନିର୍ମିତ ଅସ୍ଥାୟୀ ନିର୍ମାଣକୁ ବୁଲଡୋଜର ଲଗାଇ ଭାଙ୍ଗି ଦେଇଥିଲେ।୧୩ ମାସ ହେଲା ଚାଷୀଙ୍କ ବିରୋଧ ପ୍ରଦର୍ଶନ ନିମନ୍ତେ ରାସ୍ତାକୁ ଅବରୋଧ କରା ଯାଇଥିଲା। ଚାଷୀଙ୍କ ଆନ୍ଦୋଳନ ଯୋଗୁ ଏହି ରାସ୍ତା ଅବରୋଧ ହୋଇଥିଲା। ଫଳରେ ସରକାରଙ୍କର ୨୫୦ କୋଟି ଟଙ୍କାର ଟୋଲ ଟ୍ୟାକ୍ସ କ୍ଷତି ହୋଇଛି। ସେହିପରି ପ୍ରଦର୍ଶନକାରୀଙ୍କୁ ହଟାଇବା ପାଇଁ ଫୋର୍ସଙ୍କ ନିମନ୍ତେ ୪୦ କୋଟି ଟଙ୍କା ବ୍ୟୟ ହୋଇଛି। ଶମ୍ଭୁ ଓ ଖନୌରୀ ବର୍ଡରରୁ ବିକ୍ଷୋଭକାରୀ ଚାଷୀଙ୍କୁ ହଟାଇବା ପରେ ହରିୟାଣା ପୋଲିସର ଯବାନମାନେ ଗୁରୁବାର ରାସ୍ତାରେ ରଖାଯାଇଥିବା ସିମେଣ୍ଟ ବାରିକେଡକୁ ହଟାଇ ଦେଇଛନ୍ତି। ପଞ୍ଜାବର ଚାଷୀ ଯେପରି ଦିଲ୍ଲୀ ଯାଇ ନ ପାରନ୍ତି ସେମାନଙ୍କୁ ଅଟକାଇବା ଲାଗି ଏହି ଅବରୋଧକ ସବୁ ଲଗାଯାଇଥିଲା। ଶମ୍ଭୁ ଓ ଖନୌରୀ ବର୍ଡରରେ ଶମ୍ଭୁ-ଅମ୍ବାଲା ଓ ସଙ୍ଗରୁର-ଜିନ୍ଦ ସଡ଼କକୁ ସଫା କରିବା ଓ ରାସ୍ତାରୁ କଂକ୍ରିଟ ଅବରୋଧ ହଟାଇବା ପାଇଁ ଗୁରୁବାର ଦିନ ତମାମ ଜେସିବି ଓ ଅନ୍ୟ ମେସିନ ସବୁ ବ୍ୟବହାର କରାଯାଇଥିଲା। ପ୍ରଦର୍ଶନକାରୀ ଚାଷୀ ଏହି ରାସ୍ତାରେ ଡେରା ପକାଇବା ଯୋଗୁ ବର୍ଷାଧିକ କାଳ ହେଲା ରାସ୍ତା ବନ୍ଦ ଥିଲା।



ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏମ୍‌ଜିଏମ୍ ମିନେରାଲ୍ସର ଅଧକ୍ଷ ପଙ୍କଜ ଲୋଚନ ମହାନ୍ତି ଓ ନିର୍ଦ୍ଦେଶକ ସିଦ୍ଧାର୍ଥ ମହାନ୍ତି ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଆନିମଲ୍ ଆଡପ୍‌ସନପାଇଁ ୧ କୋଟି ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

ବିଷ୍ଣୁଦେବଙ୍କୁ ଭେଟିଲେ ଆଇଆଇଏମ୍ ରାୟପୁରର ନିର୍ଦ୍ଦେଶକ ରାମକୁମାର

ରାୟପୁର: ଗୁରୁବାର ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ଭାରତୀୟ ପ୍ରବନ୍ଧ ସଂସ୍ଥାନ୍ (ଆଇଆଇଏମ୍) ରାୟପୁରର ନିର୍ଦ୍ଦେଶକ ରାମକୁମାର କାକାନି ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଆସନ୍ତା ୨୨ ଓ ୨୩ତାରିଖରେ ଆଇଆଇଏମ୍‌ରେ ଆୟୋଜିତ ଦ୍ୱିଦିନିଆ ପବ୍ଲିକ ଲିଡରସିପ୍ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶ୍ରୀ କାକାନି ଶ୍ରୀ ସାଏଙ୍କୁ ଆମନ୍ତ୍ରଣ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ନିମନ୍ତ୍ରଣ ସ୍ୱୀକାର କରିବା ସହ ଯୋଗଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପ୍ରଫେସର ସଞ୍ଜୀବ ପରାସର ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ କାକାନି କହିଥିଲେ ଏହି ବିଶେଷ କାର୍ଯ୍ୟକ୍ରମ ଛତିଶଗଡର ବିଧାୟକମାନଙ୍କ ପାଇଁ ଆୟୋଜିତ କରାଯାଇଛି। ଯାହାର ଉଦ୍ଦେଶ୍ୟ ହେଉଛି ସମକାଳୀନ ପ୍ରବନ୍ଧନ ଏବଂ ନୀତି ନିର୍ମାଣ ସହ ଯୋଡ଼ି ହୋଇ ମହତ୍ତ୍ୱପୂର୍ଣ୍ଣ ଉପରେ ବିଚାର ବିମର୍ଶ କରିବା। ଏହି ମଞ୍ଚାରେ ପ୍ରଖ୍ୟାତ ନୀତି ନିର୍ମାତା, ଶିକ୍ଷାବିତ୍, ବିଚାରକ ତଥା ଅନ୍ୟମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ସହଯୋଗାତ୍ମକ ଆଲୋଚନା କରିବେ। ଆଇଆଇଏମ୍ ନିର୍ଦ୍ଦେଶକ ଶ୍ରୀ କାକାନି ଆହୁରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ସାଏଙ୍କ ଉପସ୍ଥିତ ଏହି କାର୍ଯ୍ୟକ୍ରମର ଗରୀମା ବୃଦ୍ଧି କରିବ ଏବଂ ଅଂଶ ଗ୍ରହଣ କରିଥିବା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହେବ।

ମୋତେ ଅପମାନ କର କିନ୍ତୁ ପଶ୍ଚିମବଙ୍ଗକୁ ନୁହେଁ : ମମତା

ନୂଆଦିଲ୍ଲୀ: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମାର୍ଚ୍ଚ ୨୨ରେ ଲଣ୍ଡନ ଯାଉଛନ୍ତି। ତାଙ୍କୁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରାଯାଇଛି। ଏହା ପରେ ସେ ସେଠାରେ ଆହୁରି ଅନେକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ତାଙ୍କ ଲଣ୍ଡନ ଗସ୍ତ ସମ୍ପର୍କରେ ମମତା ବାନାର୍ଜୀ କହିଛନ୍ତି ଯେ ତାଙ୍କ ଅନୁପସ୍ଥିତିରେ ମନ୍ତ୍ରୀମାନେ କାର୍ଯ୍ୟ କରିବା ପାଇଁ ମନ୍ତ୍ରଣାଳୟରେ ରହିବେ। ମମତା କହିଥିଲେ ଯେ ଯେତେବେଳେ ଆମ ଦେଶର ନେତାମାନେ ବିଦେଶ ଯାଆନ୍ତି, ଆମେ ସେମାନଙ୍କ ବିରୁଦ୍ଧରେ କିଛି କହୁନାହୁଁ, କିନ୍ତୁ ଏଠାରେ କିଛି ଲୋକ ଅଛନ୍ତି ଯେଉଁମାନେ ହ୍ୱାଟସଆପ୍ ଏବଂ ଇମେଲ୍ ମାଧ୍ୟମରେ ଆମ ବିରୁଦ୍ଧରେ ପ୍ରଚାର କରନ୍ତି। ଲଣ୍ଡନ ଗସ୍ତ ସମୟରେ କିଛି ଲୋକ ଭୁଲ କଥା ପ୍ରସାର କରିବାକୁ ଚେଷ୍ଟା କରୁଛନ୍ତି। ସେ କହିଛନ୍ତି ଯେ ସେହି ଲୋକମାନେ କିଛି ମିଥ୍ୟା କଥା ତିଆରି କରୁଛନ୍ତି ଏବଂ ସେଗୁଡ଼ିକୁ ହ୍ୱାଟସଆପ୍ ଗ୍ରୁପରେ ପଠାଉଛନ୍ତି। ସେମାନେ ଇମେଲ୍ ପଠାଉଛନ୍ତି। ସେମାନେ ପଶ୍ଚିମବଙ୍ଗକୁ ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି। ଦୟାକରି ମୋତେ ଅପମାନିତ କରନ୍ତୁ, ପଶ୍ଚିମବଙ୍ଗକୁ ନୁହେଁ। ଯେଉଁମାନେ ବିଦେଶରେ ମୋ ବିରୁଦ୍ଧରେ ଇମେଲ୍ ପଠାଉଛନ୍ତି, ସେମାନେ ଲୋକଙ୍କ ଶତ୍ରୁ। ମୁଖ୍ୟମନ୍ତ୍ରୀ ବାନାର୍ଜୀ ଆହୁରି କହିଛନ୍ତି ଯେ ଯଦିଓ ମୁଁ ବିଦେଶରେ ଥାଏ, କୌଣସି ଜରୁରୀକାଳୀନ ପରିସ୍ଥିତିରେ, ମୁଖ୍ୟମନ୍ତ୍ରୀ ସଚିବାଳୟ ମୁଖ୍ୟ ମନୋଜ ପନ୍ତ ଏବଂ ମୁଁ ଫୋନରେ ଉପଲବ୍ଧ ରହିବୁ। ମମତା ମାର୍ଚ୍ଚ ୨୧ ତାରିଖରେ ଲଣ୍ଡନ ଯିବେ ଏବଂ ତାଙ୍କର ବକ୍ତୃତା ମାର୍ଚ୍ଚ ୨୭ରେ ହେବାର କାର୍ଯ୍ୟକ୍ରମ ରହିଛି। ମମତା ବାନାର୍ଜୀ କହିଛନ୍ତି ଯେ ଥରେ ନୀତି ଆୟୋଗର ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ବିଦେଶ ଯିବା ଉଚିତ, ଏହା ନିବେଶ ଆଣିଥାଏ। କିନ୍ତୁ ଅନେକ ଥର ସେମାନେ ବାହାରକୁ ଯିବା ପୂର୍ବରୁ ଆମକୁ ଅନୁମତି ଦିଅନ୍ତି ନାହିଁ। ମୁଁ ଆଶା କରିବି ଯେ ଯେତେବେଳେ ଆମ ଦେଶର ନେତାମାନେ ବିଦେଶ ଯାଆନ୍ତି, ଆମେ ସେମାନଙ୍କ ବିରୁଦ୍ଧରେ କିଛି କହୁ ନାହୁଁ । କିନ୍ତୁ ଏଠାରେ କିଛି ଲୋକ ଅଛନ୍ତି ଯେଉଁମାନେ ହ୍ୱାଟ୍ସଆପ ଏବଂ ଇମେଲ୍ ମାଧ୍ୟମରେ ଆମ ବିରୁଦ୍ଧରେ ପ୍ରଚାର ପ୍ରସାର କରନ୍ତି।

ବାଣିଜ୍ୟ

ନୂଆଦିଲ୍ଲୀ: ଭିମ-ୟୁପିଆଇ କାରବାର କରୁଥିବା ଛୋଟ ବ୍ୟବସାୟୀଙ୍କ ପାଇଁ ଏକ ବଡ଼ ଖବର ଅଛି। କେନ୍ଦ୍ର ସରକାର ଏବେ କମ୍ ମୂଲ୍ୟର ଭିମ-ୟୁପିଆଇ କାରବାରକୁ ପ୍ରୋତ୍ସାହିତ କରିବାକୁ ଯୋଜନା କରୁଛନ୍ତି। ଯାହା ଅଧୀନରେ କମ କାରବାର ପାଇଁ ବ୍ୟବସାୟୀମାନଙ୍କୁ ପ୍ରୋତ୍ସାହନ ଦିଆଯିବ। ସୂଚନା ଅନୁଯାୟୀ, ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହା ଅଧୀନରେ, ବ୍ୟବସାୟୀମାନଙ୍କୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଟଚଓ (ଚ୨ଗ) କାରବାର ପାଇଁ ପ୍ରତି କାରବାର ପାଇଁ ୦.୧୫% ପ୍ରୋତ୍ସାହନ ପ୍ରଦାନ କରାଯିବ। ସରକାରଙ୍କ ଅନୁଯାୟୀ, ଏହି ଯୋଜନାରେ ପ୍ରାୟ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ସୂଚନା ଅନୁଯାୟୀ, ଏହି ଯୋଜନା ପଛରେ ସରକାରଙ୍କ ଉଦ୍ଦେଶ୍ୟ ହେଉଛି ଦେଶରେ ସ୍ୱଦେଶୀ ଭିମ-ୟୁପିଆଇ ପ୍ଲାଟଫର୍ମକୁ ପ୍ରୋତ୍ସାହିତ କରିବା। ଏହା ବ୍ୟତୀତ, ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ ଭିମ-ୟୁପିଆଇରୁ ମୋଟ ୨୦୦୦୦ କୋଟି ଟଙ୍କାର କାରବାରର ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନା ଦେଶରେ ଏକ ସୁଦୃଢ଼ ଏବଂ ସୁରକ୍ଷିତ ଡିଜିଟାଲ୍ ପେମେଣ୍ଟ ଭିତ୍ତିଭୂମି ନିର୍ମାଣରେ ସାହାଯ୍ୟ କରିବ।

ଟିସିଏସ୍ ଓ ଏୟାର ନ୍ୟୁଜିଲାଣ୍ଡ ମଧ୍ୟରେ ରାଜିନାମା

ନୂଆଦିଲ୍ଲୀ: ଟାଟାକନସଲ୍ଟାନ୍ସି ସର୍ଭିସେସ (ଟିସିଏସ) ଓ ଏୟାର ନ୍ୟୁଜିଲାଣ୍ଡ ମଧ୍ୟରେ ଏକ ପାଞ୍ଚ ବର୍ଷୀୟ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗିତାରେଏୟାର ନ୍ୟୁଜିଲାଣ୍ଡର ଡିଜିଟାଲ୍ ଭିତ୍ତିଭୂମି ଆଧୁନିକୀକରଣ କରିବା ଏବଂ ଏଆଇ ପରିଚାଳିତ ନବସୃଜନରେ ଆଗରେ ରଖିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ସହଯୋଗିତାରେ ଏୟାର ନ୍ୟୁଜିଲାଣ୍ଡର ଡିଜିଟାଲ କ୍ଷମତାକୁ ବୃଦ୍ଧି କରିବା, ଗ୍ରାହକ ଅନୁଭୂତି ସୁଧାରିବା ଏବଂ ବିଭିନ୍ନ ବ୍ୟବସାୟିକ ଦିଗରେ କାର୍ଯ୍ୟକାରୀ ଦକ୍ଷତା ବୃଦ୍ଧିକ ରାଯିବ। ଏହି ଚୁକ୍ତିନାମାଟି ସିଏସର ମୁମ୍ବାଇସ୍ଥିତ ବନ୍ୟାନ ପାର୍କ କ୍ୟାମ୍ପସରେ ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ରାଇଟ୍ ଅନରେବଲ୍ କ୍ରିଷ୍ଟୋଫର୍‌ଲକ୍ସନ, ଟାଟାଗ୍ରୁପ୍ ଅଧକ୍ଷ ନଟରାଜନ୍ ଚନ୍ଦ୍ରଶେଖରନ, ଏୟାର ନ୍ୟୁଜିଲାଣ୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗ୍ରେଗଫୋରାନ ଏବଂ ଟିସିଏସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଏବଂ ପରିଚାଳନା ନିର୍ଦ୍ଦେଶକ କେ. କୃତିବାସନ ଉପସ୍ଥିତ ଥିଲେ। ଏୟାର ନ୍ୟୁଜିଲାଣ୍ଡର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗ୍ରେଗ୍ ଫୋରାନ୍ କହିଛନ୍ତି ଯେ, 'ଟିସିଏସର ଆଧୁନିକ ପ୍ରଯୁକ୍ତିରେ ବିଶେଷତା ଆମକୁ ଗ୍ରାହକ ଅନୁଭୂତି ସୁଧାରିବା, ପରିଚାଳନା ସୁଗମ କରିବା ଏବଂ ସାଇବର୍ ସୁରକ୍ଷା ଏବଂ ଡାଟା ସୁରକ୍ଷା ପ୍ରତି ଆମର ପ୍ରତିବଦ୍ଧତାକୁ ଦୃଢ଼ କରିବାରେ ସାହାଯ୍ୟ କରିବ। ଟିସିଏସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଏବଂ ପରିଚାଳନା ନିର୍ଦ୍ଦେଶକ କେ କୃତିବାସନ କହିଛନ୍ତି ଯେ, 'ଏୟାର ନ୍ୟୁଜିଲାଣ୍ଡସହିତ ଏକ ଡିଜିଟାଲ୍ ଆଧୁନିକଏୟାରଲାଇନ୍ ହେବାର ଯାତ୍ରାରେ ସହଯୋଗୀ ହେବା ପାଇଁ ଆମେ ଉତ୍ସାହିତ।

କୋଟାକ୍ ମ୍ୟୁଚୁଆଲ୍ ଫଣ୍ଡ୍ ଛୋଟି ଏସ୍‌ଆଇପି ଶୁଭାରମ୍ଭ

ମୁମ୍ବାଇ : କୋଟାକ୍ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍ 'ଛୋଟି ଏସ୍‌ଆଇପି' ଆରମ୍ଭ କରିବାର ଘୋଷଣା କରିଛି। ଛୋଟି ଏସ୍‌ଆଇପି କୋଟାକ୍ ମହିନ୍ଦ୍ରା ମ୍ୟୁଚୁଆଲ୍ ଫଣ୍ଡର ସମସ୍ତ ଯୋଗ୍ୟ ଯୋଜନା ପାଇଁ ଉପଲବ୍ଧ ହେବ। ସେବି ଏବଂ ଏଏମଏଫଆଇ ବର୍ତ୍ତମାନରେ ଛୋଟି ଏସ୍‌ଆଇପି (ସ୍ମଲ୍ ଟିକେଟ୍ ଏସ୍ ?ଆଇପି) ପ୍ରଚଳନ କରିଛନ୍ତି, ଯାହା ଅଧିକରୁ ଅଧିକ ଭାରତୀୟଙ୍କୁ ସମ୍ପତ୍ତି ସୃଷ୍ଟି ଯାତ୍ରାରେ ସାମିଲ କରିବା ପାଇଁ ଏକ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରୁଛି। ଏଏମଏଫଆଇ କୋଟାକ୍ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲି

ମୁମ୍ବାଇ : ଆଇପିଏଲ୍ ୨୦୨୫ ସିଜିନ୍ ପୂର୍ବରୁ ରାଜସ୍ଥାନ ରୟାଲ୍ସକୁ ବଡ ଝଟ୍‌କା ଲାଗିଛି । ସାମସନଙ୍କ ସ୍ଥାନରେ ରିୟାନ ପରାଗ ସମ୍ଭାଳିବେ ଟିମ୍‌ର ଦାୟିତ୍ୱ । ସଞ୍ଜୁ ସାମସନ ଆହାତ ଜନିତ କାରଣରୁ ବାଦ୍ ପଡିଛନ୍ତି । କାରଣ ସେ ଏଯାଏଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାଁନ୍ତି । ଏହି କାରଣରୁ, ରାଜସ୍ଥାନ ରୟାଲ୍ସ ଏକ ବଡ଼ ନିଷ୍ପତ୍ତି ନେଇ ଅଧିନାୟକତ୍ୱ ପରିବର୍ତ୍ତନ କରିଛି । ତାଙ୍କ ସ୍ଥାନରେ ଷ୍ଟାର ଅଲରାଉଣ୍ଡର ରିୟାନ ପରାଗଙ୍କୁ ଦଳର କମାଣ୍ଡ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ତେବେ ଏଥର ଆଇପିଏଲ୍‌ରେ ସାମସନଙ୍କୁ ରିୟାନ ପରାଗଙ୍କ ଅଧିନାୟକତ୍ୱରେ ଖେଳିବାର ଦେଖାଯିବ । ରାଜସ୍ଥାନ ରୟାଲ୍ସର ପ୍ରଥମ ମ୍ୟାଚ୍ ୨୩ ମାର୍ଚ୍ଚରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ହେବ । ପ୍ରଥମ ଥର ପାଇଁ, ରିୟାନ ପରାଗ ଅଧିନାୟକତ୍ୱର ଦାୟିତ୍ୱ ନେବେ । ସାମସନଙ୍କୁ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସରୁ ବ୍ୟାଟିଂ ପାଇଁ ଅନୁମତି ମିଳିଛି କିନ୍ତୁ ଏପର୍ଯ୍ୟନ୍ତ ୱିକେଟ କିପିଂ ପାଇଁ ସବୁଜ ସଙ୍କେତ ମିଳିନାହିଁ । ଏପରିସ୍ଥିତିରେ, ରାଜସ୍ଥାନ ରୟାଲ୍ସ ଅଧିନାୟକତ୍ୱ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି । ଫ୍ରାଞ୍ଚାଇଜ୍ ଗୁରୁବାର, ମାର୍ଚ୍ଚ ୨୦ ତାରିଖରେ ଘୋଷଣା କରିଥିଲା ଯେ ରିୟାନ ପରାଗ ପ୍ରଥମ ୩ଟି ମ୍ୟାଚ୍ ପାଇଁ ଦଳର ନେତୃତ୍ୱ ନେବେ । ଏହି ସମୟ ମଧ୍ୟରେ ସଞ୍ଜୁ ସାମସନ ଜଣେ ବ୍ୟାଟ୍ସମ୍ୟାନ୍ ଭାବରେ ଖେଳିବା ଜାରି ରଖିବେ । ସଞ୍ଜୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ହିଁ ଅଧିନାୟକ ଭାବରେ ଫେରିବେ। ସଞ୍ଜୁ ସାମସନ ନିଜେ ସମଗ୍ର ଦଳର ସାମ୍ନାରେ ରିୟାନ ପରାଗଙ୍କୁ ଅଧିନାୟକ ପଦ ଘୋଷଣା କରିଥିଲେ। ଗତ ମାସରେ ଇଂଲଣ୍ଡ ବିପକ୍ଷ ପଞ୍ଚମ ଟି-୨୦ ମ୍ୟାଚ୍ ସମୟରେ ସଞ୍ଜୁ ସାମସନଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା । ଏହା ପରେ, ସେ ପଡ଼ିଆ ବାହାରକୁ ଚାଲିଯାଇଥିଲେ । ତଥାପି, ବିସିସିଆଇ ଡାକ୍ତରୀ ଦଳ ଦ୍ୱାରା ବ୍ୟାଟିଂ ପାଇଁ ଫିଟ୍ ଘୋଷିତ ହେବା ପରେ ସେ ସମ୍ପ୍ରତି ରାଜସ୍ଥାନ ରୟାଲ୍ସର ପ୍ରଶିକ୍ଷଣକୁ ଫେରିଛନ୍ତି । କିନ୍ତୁ ପ୍ରଶ୍ନ ଥିଲା ତାଙ୍କ ୱିକେଟ କିପିଂ ବିଷୟରେ । ଯେଉଁଠାରୁ ସେ ଏବେ ବି ବିସିସିଆଇରୁ ଫିଟନେସ୍ ପ୍ରମାଣପତ୍ର ପାଇବାକୁ ଅପେକ୍ଷା କରିଛନ୍ତି ।

ବିବାହ ବନ୍ଧନରୁ ମୁକ୍ତ ହେଲେ ଚହଲ ଓ ଧନଶ୍ରୀ

ମୁମ୍ବାଇ: ବିବାହ ବନ୍ଧନରୁ ମୁକ୍ତ ହେଲେ ଚହଲ ଓ ଧନଶ୍ରୀ। ଏଥିସହ ଉଭୟଙ୍କ ୪ ବର୍ଷର ବୈବାହିକ ଜୀବନ ଉପରେ ପଡ଼ିଛି ପୂର୍ଣ୍ଣଚ୍ଛେଦ । ଭାରତୀୟ କ୍ରିକେଟର ଯୁଜଭେନ୍ଦର ଚହଲ ଏବଂ ତାଙ୍କ ପତ୍ନୀ ଧନଶ୍ରୀ ବର୍ମାଙ୍କ ଅଫିସିଆଲି ଡିଭୋର୍ସ ହୋଇସାରିଛି । ଆଜି ସେମାନଙ୍କର ଡିଭୋର୍ସ ହୋଇଥିବା ନେଇ ରିପୋର୍ଟରୁ ଜଣାପଡିଛି । ଆଜି ବମ୍ବେ ହାଇକୋର୍ଟ ସେମାନଙ୍କର ପାରସ୍ପରିକ ସହମତିରେ ଛାଡପତ୍ର ଆବେଦନ ଗ୍ରହଣ କରିଥିବା ଜଣାପଡିଛି । ଏବେ ଆଉ ସ୍ୱାମୀ ସ୍ତ୍ରୀ ହୋଇରହିବେ ନାହିଁ ଚହଲ ଏବଂ ଧନଶ୍ରୀ। ତେବେ ୨୨ରେ ଇଣ୍ଡିଆନ ପ୍ରିମିୟର ଲିଗ୍ ଆରମ୍ଭ ହେବାକୁ ଥିବା ବେଳେ ଆସନ୍ତାକାଲିଠୁ ଭାରତୀୟ ସ୍ପିନର ଯୁଭି ମ୍ୟାଚରେ ବ୍ୟସ୍ତ ରହିବ । ଫଳରେ ଆଜି ଭିତରେ ହିଁ ଏହି ମାମଲାର ସମାଧାନ ନେଇ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । ମାତ୍ର ୫୧ ମାସର ବୈବାହିକ ଜୀବନ ପରେ ପରସ୍ପର ଠାରୁ ଅଲଗା ହୋଇଛନ୍ତି ଚହଲ ଧନଶ୍ରୀ । ଆଜି ଆନୁଷ୍ଠାନିକ ଭାବେ ସେମାନଙ୍କର ଛାଡପତ୍ର ହୋଇସାରିଛି । କିନ୍ତୁ ପୂର୍ବରୁ ହିଁ ପରସ୍ପର ଠାରୁ ଅଲଗା ରହୁଥିଲେ ଚହଲ ଏବଂ ଧନଶ୍ରୀ । କିଛି ଦିନ ପରସ୍ପରକୁ ଡେଟ୍ କରିବା ପରେ ୨୦୨୦ ଡିସେମ୍ବର ୨୨ରେ ବିବାହ କରିଥିଲେ, ଧନଶ୍ରୀ ଏବଂ ଚହଲ । କିନ୍ତୁ ୨୦୨୨ ବେଳକୁ ସେମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା । ପ୍ରଥମେ ପରସ୍ପରକୁ ଇନଷ୍ଟାଗ୍ରାମରୁ ଅନଫଲୋ, ଆଉ ତାପରେ ନିଜ ସରନେମରୁ ଚହଲ ହଟାଇ ଦେଇଥିଲେ ଧନଶ୍ରୀ । ହେଲେ ଏହାର କିଛି ଦିନ ପରେ ସବୁ କିଛି ଠିକ୍ ହୋଇଗଲା ବୋଲି ପୋଷ୍ଟ କରି ଉଭୟ ଜଣାଇଥିଲେ । କିନ୍ତୁ ପୁଣି ଥରେ ଗତ ବର୍ଷ ସେମାନଙ୍କ ମଧ୍ୟରେ କଥା ବିଗିଡିଥିଲା । ସେବେଠୁ ଅଲଗା ରହୁଥିଲେ ଦମ୍ପତି । ଆଉ ତା ପରେ ଉଭୟଙ୍କ ବିବାହ ବିଚ୍ଛେଦ ଖବରର ଶିରୋନାମା ପାଲଟିଥିଲା । ସୂଚନାଯୋଗ୍ୟ, ଚହଲ ଧନଶ୍ରୀଙ୍କଠୁ ଡ୍ୟାନ୍ସ ଶିଖିବାକୁ ଚାହୁଁଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଥିଲା । ଡ୍ୟାନ୍ସ କରୁ କରୁ ପରସ୍ପରର ନିକଟତର ହୋଇଥିଲେ ଚହଲ ଓ ଧନଶ୍ରୀ। ପୁଣି ଉଭୟ ପରସ୍ପରର ପ୍ରେମରେ ପଡ଼ିଥିଲେ । ୨୦୨୦ରେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ବିବାହର କିଛି ମାସ ପରେ ଦୁହିଁଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା । ଫଳରେ ଦୁହିଁଙ୍କ ବୈବାହିକ ଜୀବନ ବେଶି ସମୟ ତିଷ୍ଠି ପାରି ନ ଥିଲା । କୋର୍ଟରେ ଦାଖଲ କାଗଜପତ୍ର ଅନୁସାରେ ଦୁହେଁ ୨୦୨୨ରୁ ପରସ୍ପରଠୁ ଅଲଗା ରହୁଥିଲେ ।

ଚାମ୍ପିଅନ୍ସ ଟ୍ରଫି : ଭାରତୀୟ ଦଳ ଉପରେ ଟଙ୍କା ବର୍ଷା କଲା ବିସିସିଆଇ

ମୁମ୍ବାଇ: ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିଥିବା ଭାରତୀୟ କ୍ରିକେଟ୍ ଦଳ ଉପରେ କୋଟି କୋଟି ଟଙ୍କା ବର୍ଷା ହେବାକୁ ଯାଉଛି । ଭାରତୀୟ କ୍ରିକେଟ ଦଳ ପାଇଁ ବିସିସିଆଇ ୫୮ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି । ଭାରତ ମାର୍ଚ୍ଚ ୯ ତାରିଖରେ ନ୍ୟୁଜିଲ୍ୟାଣ୍ଡକୁ ପରାସ୍ତ କରି ଚାମ୍ପିଅନ୍ସ ଟ୍ରଫି ଜିତିଥିଲା । ଏହା ଭାରତର ତୃତୀୟ ଚାମ୍ପିଅନ୍ସ ଟ୍ରଫି ଥିଲା । ଗତବର୍ଷ ଜୁନ୍ ୨୯ ତାରିଖରେ ଭାରତ ଟି-୨୦ ବିଶ୍ୱକପ୍ ମଧ୍ୟ ଜିତିଥିଲା । ଅଧିନାୟକ ରୋହିତ ଶର୍ମାଙ୍କ ଦକ୍ଷ ଏବଂ ଚତୁର ନେତୃତ୍ୱରେ, ଭାରତ ଟୁର୍ଣ୍ଣାମେଣ୍ଟରେ ପ୍ରାଧାନ୍ୟ ବିସ୍ତାର କରିଥିଲା । ଦଳ ବାଂଲାଦେଶ ବିପକ୍ଷରେ ଏକ ଦୃଢ଼ ବିଜୟ ସହିତ ସେମାନଙ୍କର ଅଭିଯାନ ଆରମ୍ଭ କରିଥିଲା, ତା'ପରେ ପାକିସ୍ତାନ ବିପକ୍ଷରେ ବିଜୟ ହାସଲ କରିଥିଲା । ଏହାପରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୪୪ ରନର ବିଜୟ ସହିତ ଗତି ଜାରି ସେମିଫାଇନାଲରେ ପ୍ରବେଶ କରିଥିଲା । ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଚାରି ୱିକେଟରେ ପରାସ୍ତ କରି ଫାଇନାଲକୁ ଯାଇଥିଲା । ୯ ମାର୍ଚ୍ଚରେ ଦୁବାଇରେ ଅନୁଷ୍ଠିତ ଫାଇନାଲରେ ଭାରତ ନ୍ୟୁଜିଲାଣ୍ଡକୁ ଚାରି ୱିକେଟରେ ପରାସ୍ତ କରିଥିଲା, ଯେଉଁଥିରେ ଅଧିନାୟକ ଶର୍ମା ୭୬ ରନ ସ୍କୋର ସହିତ ଦଳର ନେତୃତ୍ୱ ନେଇଥିଲେ । ହେଲେ ବିସିସିଆଇ ସଭାପତି ରୋଜର ବିନ୍ନି ଏକ ପ୍ରେସ୍ ରିଲିଜ୍ ଜାରି କରି କହିଛନ୍ତି, 'କ୍ରମାଗତ ଦୁଇଟି ଆଇସିସି ଟାଇଟଲ୍ ଜିତିବା ସ୍ୱତନ୍ତ୍ର । ଏହି ପୁରସ୍କାର ଟିମ୍ ଇଣ୍ଡିଆର ପ୍ରତିବଦ୍ଧତା ଏବଂ ଉତ୍କର୍ଷତାର ସ୍ୱୀକୃତି ଦେବ ।' ପୂର୍ବରୁ ବିସିସିଆଇ, ଆଇସିସି ଟି-୨୦ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳକୁ ୧୨୫କୋଟି ଟଙ୍କାର ପୁରସ୍କାର ରାଶି ଦେଇଥିଲା । ଏହି ରାଶି ଖେଳାଳିମାନଙ୍କ ସହିତ ପ୍ରଶିକ୍ଷକ, ସହାୟକ କର୍ମଚାରୀ ଏବଂ ଚୟନ କମିଟିର ସଦସ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ଟି-୨୦ ବିଶ୍ୱକପ୍ ପାଇଁ ଏକ ୪୨ ଜଣିଆ ଭାରତୀୟ ଦଳ ଯାଇଥିଲା । ସେମାନଙ୍କ ମଧ୍ୟରେ ୧୫ ଜଣ ଖେଳାଳି ଥିଲେ । ପ୍ରତ୍ୟେକ ଖେଳାଳିଙ୍କୁ ୫ କୋଟି ଟଙ୍କାର ପୁରସ୍କାର ରାଶି ଦିଆଯାଇଥିଲା ।

ସରିଲା ଅଧିନାୟକଙ୍କ ବୈଠକ

ନିୟମ ପରିବର୍ତ୍ତନ କଲା ବିସିସିଆଇ

ମୁମ୍ବାଇ: ମାର୍ଚ୍ଚ ୨୨ରେ ଆଇପିଏଲ୍ ୨୦୨୫ର ଶୁଭାରମ୍ଭ ହେବାକୁ ଯାଉଛି । ଏହା ପୂର୍ବରୁ ଗୁରୁବାର ସବୁ ଦଳର ଅଧିନାୟକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିସିସିଆଇର ମୁଖ୍ୟାଳୟ ମୁମ୍ବାଇରେ ଏହି ବୈଠକ ବସିଥିଲା । ଏଥର ଆଇପିଏଲ୍‌ରେ ଅନେକ ନିୟମରେ ପରିବର୍ତ୍ତନ କରାଯାଇଛି । ବୋଲରଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ବିସିସିଆଇ ବଲ୍‌ରେ ଲାଳ ବ୍ୟବହାର ଉପରେ ଲାଗିଥିବା କଟକଣାକୁ ହଟାଇ ଦେଇଛି । ଏବେ ବୋଲର ମ୍ୟାଚ୍‌ରେ ବଲ୍ ଉପରେ ଲାଳ ଲଗାଇ ପାରିବେ । ଏହା ସହିତ ଅନେକ ନିୟମରେ ପରିବର୍ତ୍ତନ ଘଟିଛି । କ୍ରିକବଜର ଖବର ମୁତାବକ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । କରୋନା ସମୟରେ ସ୍ଥିତିକୁ ଦୃଷ୍ଟିରେ ରଖି ବିସିସିଆଇ ଆଇପିଏଲ୍‌ରେ ବଲ୍‌ରେ ଲାଳ ବ୍ୟବହାର ଉପରେ କଟକଣା ଲଗାଇଥିଲା । କିନ୍ତୁ ଆଜି ଏହା ଉପରୁ କଟକଣା ହଟାଇ ଦେଇଛି । ଏହା ବାଦ୍ ମ୍ୟାଚ୍‌ରେ ଦ୍ୱିତୀୟ ବଲ୍‌କୁ ନେଇ ନିୟମରେ ପରିବର୍ତ୍ତନ ହୋଇଛି । ନୂଆ ନିୟମ ଅନୁଯାୟୀ, ମ୍ୟାଚ୍‌ରେ ଦ୍ୱିତୀୟ ବୋଲର ଦ୍ୱିତୀୟ ଇନିଂସର ୧୧ତମ ଓଭର ପରେ ଆସିବ । ଏହି ନିୟମ ରାତିରେ କାକରକୁ ଦୃଷ୍ଟିରେ ରଖି ନିଆଯାଇଛି । ଆଇସିସି ଚାମ୍ପିଅନ୍ସ ଟ୍ରଫି ସମୟରେ ଭାରତର ଅନୁଭବୀ ଦ୍ରୁତ ବୋଲର ମହମ୍ମଦ ଶାମି କହିଥିଲେ ଯେ, ବଲ୍‌ରେ ଲାଳ ଲଗାଇବାର ଆବଶ୍ୟକତା ରହିଛି । ନଚେତ୍ ଏହା ସଂପୂର୍ଣ୍ଣ ବ୍ୟାଟରଙ୍କ ପକ୍ଷରେ ରହିଯିବ । ଦକ୍ଷିଣ ଆଫ୍ରିକାର ଭର୍ଣ୍ଣନ ଫିଲାଣ୍ଡର ଓ ନ୍ୟୁଜିଲାଣ୍ଡର ଟିମ୍ ସାଉଦି ମଧ୍ୟ ଏହାର ସମର୍ଥନ କରିଥିଲେ । ଏହା ପୂର୍ବରୁ କରୋନା ସମୟରେ ଆଇସିସି ପ୍ରଥମେ ବଲ୍‌ରେ ଲାଳ ଲଗାଇବା ଉପରେ କଟକଣା ଲଗାଇଥିଲା ।

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୦ତମ କ୍ରୀଡା ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଖେଳକୁଦ ଦ୍ୱାରା କେବଳ ଶାରୀରିକ ବିକାଶ ନୁହେଁ ବୌଦ୍ଧିକ ବିକାଶ ବି ସମ୍ଭବପର ହୋଇଥାଏ । ଖେଳାଳି ନିଜେ ଦେଖିଥିବା ସ୍ୱପ୍ନକୁ ସାକାର କରିବାପାଇଁ ତା'ର ସାମର୍ଥ୍ୟ ଉପଯୋଗ କରି ସଫଳତା ହାସଲ କରିଥାଏ ବୋଲି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ମତବ୍ୟକ୍ତ କରିଛନ୍ତି । ଆଜି ପ୍ରତିଷ୍ଠାନର ଖେଳ ପଡିଆରେ ଦୁଇଦିନିଆ ୬୦ତମ କ୍ରୀଡା ଉତ୍ସବକୁ ଉଦଘାଟନ କରି ସେ କହିଲେ ଯେ, କ୍ରୀଡା ଓ କ୍ରୀଡାବିତ ସର୍ବଦା ସମାଜକୁ ଶୃଙ୍ଖଳିତ କରିଥାନ୍ତି । କ୍ରୀଡା ଉତ୍ସବର ପ୍ରାରମ୍ଭରେ ଛାତ୍ର ପରିଷଦର ଉପଦେଷ୍ଟା ପ୍ରଫେସର ଲକ୍ଷ୍ମୀଧର ବେହେରା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । କ୍ରୀଡା ଉତ୍ସବର ସଂଯୋଜକ ପ୍ରଫେସର ରାମାକାନ୍ତ ମାହାଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଫେସର ରୀତାଞ୍ଜଳି ଦାଶ, ଡ଼ ସୌରଭ କାପୁର, ଡ଼ କଳିଙ୍ଗ କେତକୀ, ଡ଼ ବେଦପ୍ରକାଶ ବର୍ମା ଓ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକାଗଣ ଉପସ୍ଥିତ ରହି ପ୍ରତିଭାଗୀଙ୍କୁ ଉତ୍ସାହିତ କରିଥିଲେ । ପ୍ରତିଷ୍ଠାନର କ୍ରୀଡା ଶିକ୍ଷକ ବୃନ୍ଦାବନ ଭୋଇ ଓ ଅଧ୍ୟାପକ ଡ଼କେତୁଲ କୁମାର ବିଭିନ୍ନ କ୍ରୀଡା

ପ୍ରତିଯୋଗିତାର ସଂଯୋଜନା କରୁଅଛନ୍ତି । ଏହି ସମାରୋହରେ ପୁରାତନ ଛାତ୍ର ସଂସଦର ସଭାପତି ଡ଼ ହାଡିବନ୍ଧୁ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ । କାର୍ଯ୍ୟକାରୀ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ରାଉତ, ଅନୁଭାଗ ଅଧିକାରୀ ଅଶୋକ କୁମାର ବଳିଆରସିଂହ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ଶୁକ୍ରବାର ଉଦଯାପନୀ ଉତ୍ସବରେ ପ୍ରସିଦ୍ଧ ପାରା ଅଲମ୍ପିଆନ ପଦ୍ମଶ୍ରୀ ପ୍ରମୋଦ ଭଗତ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ।

ଓଡ଼ିଶା ଅଲିମ୍ପିକ ସଂଘ ନିର୍ବାଚନ ତାଲିକା ପ୍ରକାଶ

ସମୀର ସଭାପତି, ଅଭିଜିତ ସଂପାଦକ

କଟକ (ଭାସ୍କର ନ୍ୟୁଜ): ୨୦୨୫-୨୦୨୯ ପାଇଁ ଓଡ଼ିଶା ଅଲିମ୍ପିକ ସଂଘ (ଓଓଏ)ର ନିର୍ବାଚନ ଶେଷ ହୋଇଛି । ବରିଷ୍ଠ ବିଜେପି ନେତା ସମୀର ମହାନ୍ତି ବିନା ପ୍ରତିଦ୍ୱନ୍ଦ୍ୱିତାରେ ସଂଘର ସଭାପତି ହେବା ସ୍ଥିର ହୋଇଥିବା ବେଳେ ବିଶିଷ୍ଟ କ୍ରୀଡ଼ା ସଂଗଠକ ତଥା ଅଲିମ୍ପିକ୍ ସଂଘର ସଂପାଦକ ରହିଥିବା ଅଭିଜିତ ପାଲ ପୁଣି ଥରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଶ୍ରୀ ମହାନ୍ତି ଭୁବନେଶ୍ୱର ଜିଲ୍ଲା ଦୌଡ଼କୁଦ ସଂଘର ପ୍ରତିନିଧିତ୍ୱ କରୁଛନ୍ତି । ସେ ପ୍ରଥମଥର ପାଇଁ ଓଓଏ ସଭାପତି ହେବେ । ଓଓଏର ନିର୍ବାଚନ ପ୍ରକ୍ରିୟା ଗତ ଫେବୁଆରି ୨୭ତାରିଖରୁ ଆରମ୍ଭ ହୋଇଥିଲା । ସଂଘର ଅଧିନିୟମ ଅନୁସାରେ ଅଲିମ୍ପିକ ସଂଘର ଗୋଟିଏ ସଭାପତି, ଗୋଟିଏ ସାଧାରଣ ସମ୍ପାଦକ, ୬ଟି ଉପସଭାପତି, ଦୁଇଟି ଯୁଗ୍ମ ସମ୍ପାଦକ, ଗୋଟିଏ କୋଷାଧ୍ୟକ୍ଷ, ୧୧ଟି କାଉନ୍‌ସିଲ ସଦସ୍ୟ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଚଳିତ ମାସ ୧୭ ତାରିଖ ପ୍ରାର୍ଥୀପତ୍ର ଦାଖଲ ଏବଂ ୧୯ ତାରିଖ ପ୍ରାର୍ଥୀପତ୍ର ଯାଞ୍ଚର ଶେଷ ତାରିଖ ରହିଥିଲା । ନିର୍ବାଚନ ଅଧିକାରୀ ରହିଥିବା ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଗୟାଧର ପଣ୍ଡା ଆଜି ପ୍ରାର୍ଥୀପତ୍ର ଯାଞ୍ଚ କରି ଚୂଡ଼ାନ୍ତ ତାଲିକା ପ୍ରକାଶ କରିଛନ୍ତି । ସଂଘର ବିଭିନ୍ନ ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିବା ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି । ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି, ଉପସଭାପତି କମଳାକାନ୍ତ ପାଣ୍ଡେ, ବିନୋଦ ଦାଶ, ପ୍ରତାପ ଶତପଥୀ, ନଳିନୀ କୁମାର ଦାସ, ଦୁଲାଲ୍ ଚନ୍ଦ୍ର ପ୍ରଧାନ, ଜନାର୍ଦ୍ଦନ ଦାଶ, ସଂପାଦକ ଅଭିଜିତ ପାଲ, ଯୁଗ୍ମସଂପାଦକ ହରିନାରାୟଣ ପୂଜାରୀ, ଜେ. କାମେଶ୍ୱର ରାଓ, କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସେହିପରି ସଂଘର କାଉନସିଲ ସଦସ୍ୟ ଭାବେ ଅଭୟ ମହାପାତ୍ର, ଅଜୟ ବେହେରା, ହରିପ୍ରସାଦ ପଟ୍ଟନାୟକ, କିଶୋର କୁମାର ମିଶ୍ର, ବିଜୟ ବେହେରା, ଧୀରେନ ପଲାଇ, ମନୋଜ କୁମାର ସ, ଅଶୋକ କୁମାର ସାହୁ, ବୀରେନ୍ଦ୍ର କୁମାର ବେହେରା, ପ୍ରସନ୍ନ କୁମାର ରାଉତ, ଡକ୍ଟର ଗୌର ଗୋବିନ୍ଦ ସାମନ୍ତ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଆସନ୍ତା ୩୦ ତାରିଖରେ ଆନୁଷ୍ଠାନିକ ଭାବେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ । ପୂର୍ବରୁ ଜଗମୋହନ ପଟ୍ଟନାୟକ ଓଓଏ ସଭାପତି ରହିଥିଲେ । ଚଳିତ ନିର୍ବାଚନରେ ବିନୋଦ ଦାଶ, ହରିନାରାୟଣ ପୂଜାରୀ, ଜେ. କାମେଶ୍ୱର ରାଓ, ରବିଶଙ୍କର ପ୍ରତିହାରୀ ନୂଆ ମୁହଁ ବୋଲି ସୂଚନା ମିଳିଛି ।

ଆଇପିଏଲ୍ କାର୍ଯ୍ୟସୂଚୀରେ ସାମାନ୍ୟ ପରିବର୍ତ୍ତନ

ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୫ ମାର୍ଚ୍ଚ ୨୨ରୁ ଆରମ୍ଭ ହେଉଛି । ତେବେ ଏହାର ଖେଳସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଏପ୍ରିଲ ୬ ତାରିଖରେ କୋଲକାତାର ଇଡେନ ଗାଡେନ୍‌ରେ ଖେଳାଯିବାକୁ ଥିବା କୋଲକାତା ନାଇଟରାଇଡର୍ସ ଓ ଲକ୍ଷ୍ନୌ ସୁପରଜାୟାଣ୍ଟସ ମଧ୍ୟରେ ହେବାକୁ ଥିବା ମ୍ୟାଚ ଗୌହାଟୀରେ ଖେଳାଯିବ । କୋଲକାତାରେ ରାମନବମୀ ପାଳନ ହେତୁ ଏହି ନିଷ୍ପତ୍ତି ନିଆଯାଇଛି । କୋଲକାତା ପୋଲିସ ସୂଚନା ଦେଇଛି ଯେ ସେମାନେ ଏହି ଦିନ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇ ପାରିବେ ନାହିଁ । ଗତବର୍ଷ ରାମନବମୀରେ କୋଲକାତା ସମେତ ପଶ୍ଚିମବଙ୍ଗର କେତେକ ସ୍ଥାନରେ ହିଂସା ଦେଖାଯାଇଥିଲା । ଏବର୍ଷ କେବଳ କୋଲକାତାରେ ୨୦ ହଜାରରୁ ଅଧିକ ଶୋଭାଯାତ୍ରା ବାହାରିବ ବୋଲି ପୁଲିସ ଅଟକଳ କରିଛି । ଏହାକୁ ଦୃଷ୍ଟିରେ ରଖି ଏବର୍ଷ ପୁଲିସ ସତର୍କ ହୋଇଯାଇଛି ।

OFFICE OF THE EXECUTIVE ENGINEER,
NATIONAL HIGHWAYS DIVISION, DHANBAD.(Combined Office Building Campus)
Telephone No.0326-2313339 e-mail: eenhdhanbad-jhr@nic.in

Letter No:- **CORRIGENDUM** Date:-

e-Tender Reference No.-NH/Dhanbad/13/2024-25 Dated- 04.01.2025
PR No. : 343694 Road (24-25)D & Corrigendum PR No. 346664(Road)24-25*D
Name of Work : Elevated flyover in Dhanbad Town from km-53 (Dhansar) on (NH-218) to Govindpur on NH-19 (Old NH-02)
Note : Date extended for the above mention Tender

Bid Doc.	Sl No.	Event Description	Previous Date	Modified Date
NIT	1	Last date for submission of queries	05.03.2025, 11.00 PM	21.04.2025, 11.00 PM
	2	Pre bid meeting	05.03.2025, 1500 PM	21.04.2025, 1500 PM
	3	Dead line for Submission of bids	25.03.2025, 15.00 PM	14.05.2025, 15.00 PM
	4	Dead line for opening of bids	03.04.2025, 15.00 PM	22.05.2025, 15.00 PM

But for the above changes, all other Term & Condition given in the above cited tender notice remain un-altered.

Executive Engineer
National Highway Division,
Dhanbad-826001

PR 348859 Road(24-25).D

Jhumri Telaiya Nagar Parishad
Near Bazar Samiti, Koderma Block,
Distt. Koderma, Jharkhand

Reference No.- ULB/NIT/JHUMRI-TELAIYA SEPTAGE/TENDER/1910/2025/ Date:- 20-03-2025
Tender Notice (5th Call)
IMPORTANT INFORMATION

ବିବିଧବର୍ଣ୍ଣା

କିସମିସ ପରି ଦେଖାଯାଉଥିବା ମୁନକ୍କାରେ ଭରିରହିଛି ଅନେକ ତତ୍ତ୍ୱ । ଯଦି ଏହାକୁ ଆପଣ ସକାଳୁ ଖାଲିପେଟରେ ପାଣିରେ ଭିଜାଇ ଖାଇବେ ତେବେ ଏଥିରେ ଆପଣଙ୍କର ସ୍ୱାସ୍ଥ୍ୟ ସହ ଜଡିତ ଅନେକ ସମସ୍ୟା ଦୂର ହେବ । ମୁନକ୍କାର ନ୍ୟୁଟ୍ରିସନ କଥା ଆଲୋଚନା କରିବାକୁ ଗଲେ, ଏହା ପ୍ରୋଟିନ, ଆଇରନ, ଫୋଲେଟ, ଫାଇବର, ଭିଟାମିନ ସି, ମ୍ୟାଗ୍ନିସିୟମ, ପୋଟାସିୟମ ଭଳି ଅନେକ ପୋଷକ ତତ୍ତ୍ୱରେ ଭରପୁର ମାତ୍ରା ରହିଥାଏ । ଆସନ୍ତୁ ଜାଣିବା ଫାଇଦା..। ସକାଳୁ ଖାଲି ପେଟରେ ପାଣିରେ ଭିଜାଯାଇଥିବା ମୁନକ୍କାର ସେବନ କରିବା ଦ୍ୱାରା ପାଚନ ପ୍ରକ୍ରିୟା ବା ହଜମ ହେବାର ଗୁଣକୁ ଏହା ଠିକ୍ ରଖିଥାଏ । ଏଥିରେ ଆପଣଙ୍କର ଗ୍ୟାସ, ଏସିଡିଟୀ ଭଳି ସମସ୍ୟା ଦୂର ହୋଇଥାଏ । ମୁନକ୍କା ଆଇରନ ସହ କମ୍ପ୍ଲେକ୍ସ ଭିଟାମିନର ସୋର୍ସ ଅଟେ । ଏଥିପାଇଁ ଏହାକୁ ସକାଳୁ ଖାଲିପେଟରେ ଖାଆନ୍ତୁ । ଏହାକୁ ସେବନ କରିବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୋଇଥାଏ । ମୁନକ୍କା ପ୍ରୋଟିନ ଏବଂ କ୍ୟାଲିସିୟମରେ ପରିପୂର୍ଣ୍ଣ । ଏହା ମିନେରାଲ୍‌ସରେ ବି ମିଳିଥାଏ । ଏହା ହାଡ଼ ଏବଂ ମାଂସପେଶୀକୁ ଶକ୍ତି ପ୍ରଦାନ କରିବା ସହ ଦୁର୍ବଳତାକୁ ଦୂର କରିଥାଏ । ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରିଥାଏ । ଯାହାଦ୍ୱାରା ଲିଭର, କିଡନୀ, ପାଚନ, ଆଦି ଅଙ୍ଗକୁ ମଧ୍ୟ ଫାଇଦା ମିଳିଥାଏ । ଏହାକୁ ଖାଲିପେଟରେ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ।

ଶିଶୁଙ୍କ ଠାରେ ଦେଖାଯାଉଛି କି ଏହିସବୁ ଲକ୍ଷଣ

ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ

ଶିଶୁମାନଙ୍କ ଶରୀର ଖୁବ୍ ସମ୍ବେଦନଶୀଳ ହୋଇଥାଏ । ଏଣୁ ସେମାନେ ଛୋଟ ଛୋଟ କଥାରେ ପ୍ରତିକ୍ରିୟା ଦେଇଥାନ୍ତି । ତେବେ ବେଳେବେଳେ ପିଲାମାନେ କ'ଣ କହିବାକୁ ଚାହିଁଥାନ୍ତି ସେ କଥା ମା'ମାନେ ବୁଝିପାରନ୍ତି ନାହିଁ । ଯାହା ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଅଧିକ ବଢ଼ାଇଦେଇଥାଏ । ଏଭଳି ପରିସ୍ଥିତିରେ ଶିଶୁ ସହ ପୂରା ପରିବାର ମଧ୍ୟ ଅସୁବିଧାରେ ପଡ଼ିଥାନ୍ତି । ତେବେ ଆସନ୍ତୁ ଜାଣିବା ପିଲାଙ୍କଠାରେ ଦେଖାଯାଉଥିବା କେଉଁ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ୍...

ବାରମ୍ବାର ପରିସ୍ରା କରିବା

ଶିଶୁ ଯଦି ବାରମ୍ବାର ପରିସ୍ରା କରୁଛି, ତେବେ ତା' ରକ୍ତ ପରୀକ୍ଷା କରନ୍ତୁ । ଏହା ଡାଇବେଟିସ୍‌ର ଲକ୍ଷଣ ହୋଇଥାଇପାରେ । ଆଜିକାଲି ପିଲାଙ୍କଠାରେ ଖୁବ୍ କମ୍ ବୟସରୁ ଏଭଳି ସମସ୍ୟା ଦେଖାଦେଉଛି । ତେଣୁ ଏହି ଲକ୍ଷଣକୁ ଅଣଦେଖା କରନ୍ତୁ ନାହିଁ ।

ସବୁବେଳେ କାନ୍ଦିବା

ନବଜାତକ କାନ୍ଦିବାକୁ ସାଧାରଣ କଥା କୁହାଯାଉଥିଲେ ମଧ୍ୟ ବେଳେ ବେଳେ ଶରୀରରେ କୌଣସି ସମସ୍ୟା ଯୋଗୁ ପିଲାଟିଏ କାନ୍ଦିଥାଏ । ଯାହାକୁ ମା'ମାନେ ଜାଣିପାରିନଥାନ୍ତି । ଏଭଳି ସ୍ଥିତିରେ ଯଦି ଆପଣଙ୍କ ଶିଶୁ ସବୁବେଳେ କାନ୍ଦୁଛି ତେବେ ତାର ଶରୀର ଦେଖନ୍ତୁ ପିମ୍ପୁଡ଼ି କିମ୍ବା କୌଣସି ବିଷାକ୍ତ ଜନ୍ତୁ କାମୁଛି କି, କିମ୍ବା ଡ୍ରେସ ଟାଇଟ୍ ଅଛି କି । ଏସବୁ ଧ୍ୟାନ ରଖିବା ଜରୁରି ।

ଚେତା ହରାଇବା

ପିଲାମାନଙ୍କ ଠାରେ ମୁଣ୍ଡବିନ୍ଧା, ଅଳସୁଆମି ଓ ଅଚେତ ହେବା ଭଳି ସମସ୍ୟା ଦେଖାଦିଏ । ଏହାକୁ ମା'ମାନେ ସାଧାରଣ ଭାବୁଥିଲେ ମଧ୍ୟ ଏହା ସାଧାରଣ ସମସ୍ୟା ନୁହେଁ । ପିଲାଙ୍କ ଶରୀର ଖୁବ୍ ସମ୍ବେଦନଶୀଳ ହୋଇଥାଏ । ଏଣୁ ଛୋଟ ଛୋଟ କଷ୍ଟ ସେମାନେ ସହ୍ୟ କରିପାରନ୍ତି ନାହିଁ । ଏଭଳି ପରିସ୍ଥିତିରେ ଡାକ୍ତରଙ୍କୁ ନିହାତି ଦେଖାନ୍ତୁ ।

ଜ୍ୱର ହେବା

ଶିଶୁକୁ ବାରମ୍ବାର ଜ୍ୱର ହେଉଥିଲେ ଏହା ସାଧାରଣ ନୁହେଁ । ଶରୀରର ଇମ୍ୟୁନିଟି ସିଷ୍ଟମ୍‌ରେ ସମସ୍ୟା ଥିଲେ ତାପମାତ୍ରା ବୃଦ୍ଧି ହୋଇଥାଏ । ଯାହା ଶିଶୁ ପାଇଁ ଘାତକ ସାଜିପାରେ । ସାଧାରଣ ଭାବେ ଶିଶୁଙ୍କ ତାପମାତ୍ରା ୧୦୦.୪ ଏଫ୍‌ରୁ ୧୦୨ଏଫ୍ ଭିତରେ ରହିବା କଥା । ତା'ଠାରୁ ଅଧିକ ତାପମାତ୍ରା ରହିଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

ପ୍ରତିକ୍ରିୟା ନ ଦେବା

ଯଦି ଆପଣଙ୍କ ଶିଶୁ ଆପଣଙ୍କ ସ୍ପର୍ଶର କୌଣସି ପ୍ରତିକ୍ରିୟା ଦେଉନାହିଁ, ତେବେ ଏହି କଥାକୁ ଅଣଦେଖା କରନ୍ତୁ ନାହିଁ । ତୁରନ୍ତ ତାକୁ ଡାକ୍ତରଙ୍କୁ ଦେଖାନ୍ତୁ । ଶରୀରରେ କୌଣସି ସମସ୍ୟା ଥିବାରୁ ସେ କହିନପାରି ଏଭଳି ପ୍ରତିକ୍ରିୟା ଦେଉଥାଇପାରେ ।

ଚିନ୍ତାରେ ନତାଶା

ବର୍ତ୍ତମାନ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନାମ ଜସ୍ମିନ୍ ୱାଲିଆଙ୍କ ସହ ଯୋଡା ଯାଉଛି । ଆଇସିସି ଚାମ୍ପିଅନ୍ସ ଟ୍ରଫି ସମୟରେ ହାର୍ଦ୍ଦିକଙ୍କ ରୁମର୍ଡ ଗର୍ଲଫ୍ରେଣ୍ଡ ଦୁବାଇ ଷ୍ଟାଡିୟମରେ ମ୍ୟାଚ୍ ଦେଖୁଥିବାର ନଜର ଆସିଥିଲେ । ସେବେଠାରୁ କଳ୍ପନାଜଳ୍ପନା ଆରମ୍ଭ ହୋଇଛି । ପୂର୍ବ ପତ୍ନୀ ନତାଶାଙ୍କ ସହ ଛାଡପତ୍ର ପରେ ହାର୍ଦ୍ଦିକଙ୍କ ଆଗକୁ ବଢିଛନ୍ତି । କିନ୍ତୁ ଏବେ ନତାଶାଙ୍କ ଲାଟେଷ୍ଟ୍ ପୋଷ୍ଟ ଦେଖିଲେ ଲାଗୁଛି ଯେ ତାଙ୍କ ଜୀବନରେ ନୂଆ ପ୍ରେମ ପାଇ ନାହାଁନ୍ତି । ଅଭିନେତ୍ରୀ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଷ୍ଟୋରୀ ସେୟାର କରିଛନ୍ତି । ଯେଉଁଥିରେ ସେ ପ୍ରେମ ଏବଂ ବିଶ୍ୱାସକୁ ନେଇ କିଛି କହିଛନ୍ତି । ଏହି କ୍ରିପ୍ଟିକ୍ ପୋଷ୍ଟ ପ୍ରଶଂସକଙ୍କ ଚିନ୍ତା ବଢାଇ ଦେଇଛି । ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରୀରେ ନତାଶା ଫଟୋ ସେୟାର କରିବାବେଳେ ଲେଖିଛନ୍ତି, "ନିଜ ମନରେ କିମ୍ବା କୌଣସି ମଣିଷ ରୂପରେ ଶୈତାନକୁ ମିଛ କହିବାକୁ ଦିଅନ୍ତୁ ନାହିଁ । ତାଙ୍କୁ ନିଜର ସଫଳତା ଏବଂ ଗୁରୁତ୍ୱ ଉପରେ ପ୍ରଶ୍ନ କରିବାକୁ ଦିଅନ୍ତୁ ନାହିଁ । ଆପଣ ବି ଜଣେ ମଣିଷ, ଯାହାକୁ ଭଗବାନ କୌଣସି ଏକ ଉଦ୍ଦେଶ୍ୟ ପାଇଁ ଏହି ଜଗତକୁ ପଠାଇଛନ୍ତି । ତାଙ୍କ ଉପରେ ବିଶ୍ୱାସ କରନ୍ତୁ । ଭଗବାନ ଆପଣଙ୍କୁ କେବେ ବି ଛାଡିବେ ନାହିଁ । ବିଶ୍ୱାସର ସହିତ ଚାଲନ୍ତୁ । ପ୍ରେମ ଏବଂ ଭରସାର କଥା କହିବାକୁ ଭୁଲନ୍ତୁ ନାହିଁ । ଆପଣଙ୍କ ଦିନ ଭଲରେ କଟିବ ।" ଏହି ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ନତାଶା ହାର୍ଦ୍ଦିକ ୨୦୨୦ ମସିହାରେ ଏକ ଇଣ୍ଟିମେଣ୍ଟ୍ ଫଙ୍କସନ୍‌ରେ ବିବାହ କରିଥିଲେ । ଯେଉଁଥିରେ କେବଳ ସେମାନଙ୍କ ପରିବାର ଉପସ୍ଥିତ ଥିଲେ । ଦୁହେଁ ହିନ୍ଦୁ ଏବଂ ଖ୍ରୀଷ୍ଟିଆନ ରୀତିନୀତି ଅନୁଯାୟୀ ଫେବୃଆରୀ ୨୦୨୩ ରେ ଏହି ଦମ୍ପତି ପୁନର୍ବାର ବିବାହ କରିଥିଲେ, କିନ୍ତୁ ଗତ ବର୍ଷ ଏହି ଦମ୍ପତି ପରସ୍ପରର ସହ ଅଲଗା ହୋଇଯାଇଥିଲେ ।

୫୧ ବର୍ଷ ବୟସରେ ବି ଫିଟ୍ ଅଛନ୍ତି ମଲାଇକା

ମଲାଇକା ଅରୋରା ତାଙ୍କ ଫ୍ୟାଶନ୍ ସେନ୍ସ କାରଣରୁ ସବୁବେଳେ ହେଡଲାଇନ୍‌ରେ ରହିଥାଆନ୍ତି । ୫୧ ବର୍ଷ ବୟସରେ ମଧ୍ୟ ଅଭିନେତ୍ରୀ ତାଙ୍କ ଫିଟ୍‌ନେସ୍ ଏବଂ ଷ୍ଟାଇଲ୍‌ରେ ହାଇଚାଇ ସୃଷ୍ଟି କରନ୍ତି । ବୁଧବାର ସକାଳେ ଯେତେବେଳେ ଅଭିନେତ୍ରୀ ବାହାରକୁ ଆସିଥିଲେ, ସେତେବେଳେ ସମସ୍ତଙ୍କ ଆଖି ତାଙ୍କ ଉପରେ ରହିଥିଲା । ୫୧ ବର୍ଷ ବୟସରେ ମଧ୍ୟ ପ୍ରଶଂସକମାନେ ମଲାଇକାଙ୍କ ସୌନ୍ଦର୍ଯ୍ୟ ଏବଂ ଫିଟନେସ୍ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ଏବଂ ତାଙ୍କ ଫଟୋ ଉପରେ ପ୍ରେମ ବର୍ଷା କରୁଛନ୍ତି । ମଲାଇକା ଅରୋରା ମୁମ୍ବାଇରେ ବହୁତ ଷ୍ଟାଇଲିସ୍ ଲୁକ୍‌ରେ ନଜର ଆସିଥିଲେ । ଏହି ସମୟରେ ଅଭିନେତ୍ରୀ ଏକ ସ୍ଲିଭ୍‌ଲେସ୍ ଲମ୍ବା ଧଳା ପୋଷାକରେ ବହୁତ ସୁନ୍ଦର ଦେଖାଯାଉଥିଲେ । ମଲାଇକା ନିଜ ଚୁଟିକୁ ଖୋଲା ରଖିଥିଲେ ଏବଂ କମ୍ ମେକ୍‌ଅପ୍ ନେଇଥିଲେ । ମଲାଇକା ତାଙ୍କ ଧଳା ପୋଷାକ ସହିତ ଏକ ମ୍ୟାଚିଂ ପର୍ସ ଧରିଥିଲେ । ଏହା ସହିତ ଏକ ମ୍ୟାଚିଂ ହିଲ୍ ମଧ୍ୟ ପିନ୍ଧିଥିଲେ । ଏହି ସମୟରେ ଅଭିନେତ୍ରୀ କଳା ଚଷମା ପିନ୍ଧି ହାଇଚାଇ ସୃଷ୍ଟି କରୁଥିବା ଦେଖିବାକୁ ମିଳିଥିଲା । ମଲାଇକା ମଧ୍ୟ ଅନେକ ଫଟୋ କ୍ଲିକ୍ କରି ଘାତକ ଲୁକ୍‌ରେ ପୋଜ୍ ଦେଇଥିଲେ । ସୋସିଆଲ ମିଡିଆରେ ମଲାଇକାଙ୍କ ଏହି ଧଳା ପୋଷାକର ଫଟୋ ଖୁବ୍ ଭାଇରାଲ ହେଉଛି । ୫୧ ବର୍ଷ ବୟସରେ ମଧ୍ୟ ପ୍ରଶଂସକମାନେ ମଲାଇକାଙ୍କ ସୌନ୍ଦର୍ଯ୍ୟ ଏବଂ ଫିଟନେସ୍ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ଏବଂ ତାଙ୍କ ଫଟୋ ଉପରେ ପ୍ରେମ ବର୍ଷା କରୁଛନ୍ତି ।

ପନିର ଅସଲି କି ନକଲି ଜାଣିବେ କିପରି ?

ଆଜିକାଲି ସମୟରେ ବଜାରରେ ଚାଉଳଠାରୁ ଆରମ୍ଭ କରି ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ନକଲି ମିଳୁଛି । ଫଳରେ ଲୋକେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେଭଳି ଗୋଟିଏ ଜିନିଷ ହେଲା ପନିର । ବଜାରରେ ନକଲି ପନିର ମିଳୁଥିବାରୁ ଲୋକେ କିଭଳି ଅସଲି କାହାକୁ ଜାଣିବେ ଚିନ୍ତାରେ ପଡ଼ନ୍ତି । ଆଜି ଆମେ ସେ ବିଷୟରେ ଆପଣଙ୍କୁ କହିବୁ...

- ପନିରକୁ ଗରମ କରିବା ପରେ ଥଣ୍ଡା ହେବାକୁ ରଖନ୍ତୁ । ଏହି ପାଣିରେ କିଛି ମାତ୍ରାରେ ହରଡ଼ ଡାଲି ପକାନ୍ତୁ । ୧୦ ମିନିଟ ଛାଡ଼ି ଦିଅନ୍ତୁ । ଯଦି ପାଣିର ରଙ୍ଗ ହାଲ୍‌କା ଲାଲ ହୋଇଯାଏ ତେବେ ପନିର ଅପମିଶ୍ରିତ ବୋଲି ଜଣାପଡ଼ିଥାଏ ।
- ଅସଲି ପନିରକୁ ହାତରେ ଭାଙ୍ଗିଦେଲେ ସହଜରେ ଭାଙ୍ଗିଯିବ । ହେଲେ ନକଲି ପନିର ରବର ଭଳି ମନେହେବ ।
- ଅସଲି ପନିର ପାଣିରେ ଫୁଟାଇଲେ ପୂର୍ବବତ ରହିବ । ହେଲେ ନକଲି ପନିର ଖଣ୍ଡ ଖଣ୍ଡ ହୋଇଯିବ ।
- ଅସଲି ପନିରକୁ ଛାଣିଲେ ହାଲ୍‌କା ବାଦାମୀ ରଙ୍ଗ ହୋଇଯାଏ, ହେଲେ ନକଲି ପନିର ହଳଦିଆ ନଚେତ ଧଳା ରହିଥାଏ ।
- ଅସଲି ପନିର ହାଲକା କ୍ଷୀର ଭଳି ବାସ୍ନା ହୋଇଥାଏ । ହେଲେ ନକଲି ପନିରର ଗନ୍ଧ ନ ଥାଏ । ନଚେତ କେମିକାଲ ବାସ୍ନା ଆସିଥାଏ ।
- ଅସଲି ପନିରର ସ୍ୱାଦ ହାଲକା ମିଠା ହୋଇଥାଏ, ହେଲେ ନକଲି ପନିରର ସ୍ୱାଦ କଟୁ ନଚେତ ଖଟା ହୋଇଥାଏ ।

- ଅସଲି ପନିର ନରମ ଏବଂ ଚିକ୍କଣ ହୋଇଥାଏ । ସେହିଭଳି ନକଲି ପନିର ଟାଣ ଏବଂ ଦାନାଥିବା ଭଳି ମନେ ହୋଇଥାଏ ।
- ଅସଲି ପନିର ହାଲ୍‌କା ହଳଦିଆ ଏବଂ ଧଳା ରଙ୍ଗର ହୋଇଥାଏ । ନକଲି ପନିର ଅଧିକ ଧଳା ଏବଂ ଚମକଯୁକ୍ତ ହୋଇଥାଏ ।

ଓସ୍କାରକୁ ନେଇ ବିବାଦୀୟ ଟିପ୍ପଣୀ ଦେଲେ କଙ୍ଗନା

ଓସ୍କାରକୁ ନେଇ ବିବାଦୀୟ ଟିପ୍ପଣୀ ଦେଲେ କଙ୍ଗନା ରଣାଓ୍ୱତ, କହିଲେ-ଏହା ମୂର୍ଖଙ୍କ ରିଲିଜ୍ ହୋଇସାରିଛି କଙ୍ଗନା ରଣାଓ୍ୱତ୍‌ଙ୍କ ଫିଲ୍ମ 'ଏମର୍ଜେନ୍ସି' । ଫିଲ୍ମ ବକ୍ସ ଅଫିସ୍‌ରେ ଖାସ୍ କମାଲ କରିପାରିଲା ନାହିଁ । କିନ୍ତୁ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସକୁ ଆସିବା ପରେ ଫିଲ୍ମଟି ଖୁବ୍ ପ୍ରଶଂସା ସାଉଁଟୁଛି । ଅନେକ କହୁଛନ୍ତି, ଫିଲ୍ମ ଏତେ ଭଲ ହୋଇଛି ଯେ ଏହାକୁ ଓସ୍କାର ପୁରସ୍କାର ପାଇଁ ପଠାଇବା ଉଚିତ୍ । ଏହାର ଜବାବରେ କଙ୍ଗନା ଆମେରିକା ଉପରେ ଉତ୍‌କ୍ଷିପ୍ତ ହୋଇ ଓସ୍କାରକୁ ମୂର୍ଖଙ୍କ ସମ୍ମାନ ବୋଲି କହିଛନ୍ତି । ଫିଲ୍ମ 'ଏମର୍ଜେନ୍ସି'କୁ ମିଳୁଥିବା ପ୍ରଶଂସାମୂଳକ ବାର୍ତ୍ତାଗୁଡ଼ିକର ସ୍କ୍ରିନ୍‌ଶଟ୍ କଙ୍ଗନା ନିଜ ଇନ୍‌ଷ୍ଟା ଷ୍ଟୋରୀରେ ପୋଷ୍ଟ୍ କରିଛନ୍ତି । ଏଥିରେ ଜଣେ ୟୁଜର ଲେଖିଛନ୍ତି, ଫିଲ୍ମକୁ ଭାରତ ତରଫରୁ ଓସ୍କାର ପଠାଇବା ଉଚିତ୍ । ଏହାର ଜବାବରେ କଙ୍ଗନା ଲେଖିଛନ୍ତି, ଆମେରିକା ନିଜର ପ୍ରକୃତ ଚେହେରା ଦେଖାଇବାକୁ ଚାହିଁବ ନାହିଁ- ବିକାଶଶୀଳ ଦେଶମାନଙ୍କୁ ସେ କେମିତି ଧମକ ଦେଉଛି, ଦବାଇ ରଖୁଛି ଓ ଚାପ ପକାଉଛି । ଏ ସବୁ 'ଏମର୍ଜେନ୍ସି'ରୁ ସାମ୍ନାକୁ ଆସିସାରିଛି । ମୂର୍ଖ ଓସ୍କାର ପୁରସ୍କାର ସେ ନିଜ ପାଖରେ ରଖୁ । ଆମ ପାଖରେ ଜାତୀୟ ସମ୍ମାନ ଅଛି । କଙ୍ଗନାଙ୍କୁ ସମାଲୋଚନା କରୁଥିବା ଏବଂ ତାଙ୍କ ଫିଲ୍ମକୁ ନେଇ ବିଭିନ୍ନ ଅନୁମାନ କରୁଥିବା ଫିଲ୍ମ ଇଣ୍ଡଷ୍ଟ୍ରିର ଲୋକଙ୍କୁ ସେ କହିଛନ୍ତି, ମୋ ବିଷୟରେ କୌଣସି ଧାରଣା ରଖ ନାହିଁ । ମୋତେ ବୁଝିବାକୁ ଚେଷ୍ଟା ବି କରନାହିଁ । ମୁଁ ତା'ଠୁ ଉଦ୍ଧ୍ୱର୍ରେ । ଦୀର୍ଘ ଦିନ ଧରି ବିବାଦ ପରେ ସେନ୍ସର ବୋର୍ଡରୁ ପାସ୍ ହୋଇ ଫିଲ୍ମ 'ଏମର୍ଜେନ୍ସି' ଗତ ଜାନୁଆରୀ ୧୭ ତାରିଖରେ ରିଲିଜ୍ ହୋଇଥିଲା । ବିବାଦ ଓ ବିରୋଧ ଯୋଗୁ ଫିଲ୍ମ ବକ୍ସ ଅଫିସ୍‌ରେ ମାତ୍ର ୨୨ କୋଟି ବ୍ୟବସାୟ କଲା । ପରେ ଏହା ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କଲା । ଫିଲ୍ମରେ କଙ୍ଗନା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକା ନିର୍ବାହ କରିଛନ୍ତି । ତାଙ୍କ ସହ ମହିମା ଚୌଧୁରୀ, ଶ୍ରେୟସ ତଲପଡ଼େ, ଅନୁପମ ଖେର ପ୍ରମୁଖ ଭୂମିକାରେ ଅଭିନୟ

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମ ସ୍ଥିତ ତଳସାହିରେ ୨୨ତମ ରାଜ୍ୟସ୍ତରୀୟ ଓଡ଼ିଶୀ ସଙ୍କୀର୍ତ୍ତନ ଉତ୍ସବ ଉଦ୍‌ଯାପନି ଅବସରରେ ବରିଷ୍ଠ ନାଗରିକମାନଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଅନୁଷ୍ଠାନର ସଦସ୍ୟ ଯୁଗଳ କିଶୋର ପ୍ରଧାନଙ୍କ ଅଧ୍ୟକ୍ଷତା ଓ ଶିକ୍ଷାବିତ ବାଙ୍କନିଧି ବାରିକଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଓଡ଼ିଶୀ ସଙ୍କୀର୍ତ୍ତନର କାର୍ଯ୍ୟକାରୀ ସଭାପତି ତଥା ସ୍ଥାନୀୟ ସରପଞ୍ଚ ଲାବଣ୍ୟ ଜୟସିଂହ ଓ ସମାଜସେବୀ ଯୋଗେଶ୍ୱର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଲୁପ୍ତ ହୋଇଯାଉଥିବା ଲୋକକଳାକୁ ଉଜ୍ଜୀବିତ କରିବା ପାଇଁ ନୂତନ ପିଢ଼ିର ଯୁବକମାନେ ପ୍ରୟାସ କରିବା ଉଚିତ ବୋଲି ମତ ପ୍ରକାଶ କରିବା ସହ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାର ପ୍ରାରମ୍ଭରେ ସାମ୍ବାଦିକ ଗଣେଶ୍ୱର ମହାପାତ୍ର ଅତିଥି ପରିଚୟ ଦେଇଥିବା ବେଳେ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ବୋଲଗଡ଼ ବାବା ବାଲୁଙ୍କେଶ୍ୱର ଦେବ ନାଟ୍ୟ ସଂସଦ ପକ୍ଷରୁ କାଳିୟ ଦଳନ ପୌରାଣିକ ନାଟକ ପରିବେଷଣ ହୋଇଥିଲା ।

ଗୋପାଳଙ୍କ ଲଉଡ଼ି ଖେଳ ପ୍ରଦର୍ଶନ

କାକଟପୁର, (ଭାସ୍କର ନ୍ୟୁଜ୍): ଦୋଳ ପୂର୍ଣ୍ଣିମାକୁ ମୁଖ୍ୟତଃ ଯାଦବ ବା ଗୋପାଳ ସମାଜର ଲୋକମାନେ ଅତି ଆନନ୍ଦ ଓ ଉଲ୍ଲାସରେ ପାଳନ କରିଥାନ୍ତି । ଦୋଳ ଉତ୍ସବର ମୁଖ୍ୟ ଆକର୍ଷଣ ଗୋପାଳଙ୍କ ଲଉଡ଼ି ଖେଳ । ଦୋଳ ପୂର୍ଣ୍ଣିମା ତିଥିରେ ଗୋପାଳ ଯୁବକମାନେ ହାତରେ କେନ୍ଦୁବାଡ଼ି ଧରି ବିଭିନ୍ନ ଗୋଠ, ମଠ ଓ ମନ୍ଦିରରେ ସାମରିକ କଳା ପ୍ରଦର୍ଶନ କରିଥାନ୍ତି । କାକଟପୁରର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା' ମଙ୍ଗଳାଙ୍କ ଚୈତ୍ରମାସର ପ୍ରଥମ ପାଳି ମଙ୍ଗଳବାର ତଥା ନେତ ବନ୍ଧା ଉତ୍ସବ ଦିନ ମନ୍ଦିର ବେଢାରେ ଗୋପାଳମାନେ ଓଗାଳ ପରିବେଷଣ କରିବା ସାଙ୍ଗକୁ ଫଗୁ ଖେଳିବା ପ୍ରଥା କେଉଁ ଆବାହମାନ କାଳରୁ ରହିଆସିଛି । ଏହି ପରମ୍ପରା ଏବେବି ଗୋପାଳମାନେ ବଜାୟ ରଖି ଆସିଥିବା ବେଳେ ମା' ମଙ୍ଗଳାଙ୍କ ନେତ ବନ୍ଧା ଉତ୍ସବ ସରିବା ପରେ ଗୋପାଳମାନେ ବୀର ବେଶ ହୋଇ ପୂର୍ବରୁ ମଙ୍ଗଳପୁର ଠାରେ ଆଉ ଏବେ ଦେଉଳି ମଠ ଠାରେ ବାଡ଼ି ଲଉଡ଼ି ଖେଳ ପ୍ରଦର୍ଶନ କରିଆସୁଛନ୍ତି । ଏହି ଲଉଡ଼ି ଖେଳରେ ଶହେରୁ ଊର୍ଦ୍ଧ୍ୱ ଗୋଠର ଗୋପାଳମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୁଏ । ଏଥିପାଇଁ ବିଚାରକ ମଣ୍ଡଳୀଙ୍କ (ଦ୍ୱାରା) ଯୋଗ୍ୟ ବିବେଚିତ ହୋଇଥିବା କୃତି ପ୍ରତିଯୋଗୀମାନଙ୍କୁ କାକଟପୁର ମା' ମଙ୍ଗଳା ଆଞ୍ଚଳିକ ଯାଦବ ସଂଘ ପକ୍ଷରୁ ପ୍ରତିବର୍ଷ ପୁରସ୍କୃତ ମଧ୍ୟ କରାଯାଇଥାଏ । ହାତରେ କେନ୍ଦୁବାଡ଼ି, ଅଣ୍ଟାରେ ଘଣ୍ଟି ଘାଗୁଡ଼ି ସହ କେତେକ ପ୍ରତିଯୋଗୀ ଅଣ୍ଟାରେ ବଂଶୀ ବାନ୍ଧିଥାନ୍ତି । ବିଭିନ୍ନ ଗୋଠର ଗୋପାଳମାନେ ଦଳଗତ ହୋଇ ଦେଉଳି ମଠ ପଡିଆରେ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଓଗାଳ ପରିବେଷଣ ଓ ବାଡ଼ି ଲଉଡ଼ି ପ୍ରଦର୍ଶନ ବେଳେ ବାଜି ଉଠେ ମଇଁଷିର ଶିଙ୍ଗା ଓ ହରିବୋଲ ହୁଳହୁଳି (ଧ୍ୱନି)ରେ ପ୍ରକମ୍ପିତ ହୋଇଉଠେ ଦେଉଳି ମଠର ପରିସର । ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ରଚିତ ଗୋପାଳଙ୍କ ଓଗାଳ ଗାନ କରି ବାଦ୍ୟର ତାଳେ ତାଳେ ଗୋପାଳମାନେ ସହଯୋଗୀମାନଙ୍କ ବାଡ଼ି ସହିତ ନିଜ ବାଡ଼ିକୁ ପିଟି ଯେଉଁ ଶବ୍ଦ ସୃଷ୍ଟି କରିଥାନ୍ତି ତାହା ସେ ସମୟରେ ଅପୂର୍ବ ଝଙ୍କାର ସୃଷ୍ଟି କରିବା ସହିତ ଦର୍ଶକମାନଙ୍କୁ ବିମୋହିତ କରିଥାଏ । ଏହି ଲଉଡ଼ି ଖେଳ ଦେଖିବାକୁ ଓ ଓଗାଳ ଶୁଣିବାକୁ ଦେଉଳି ମଠରେ ସାଧୁ ସନ୍ୟାସୀଙ୍କ ସହିତ ଲୋକଙ୍କ ଭଡ଼ ଜମେ । କାରଣ ଗୋପାଳଙ୍କ ଓଗାଳ ଗାନ ଭିତରେ ରାଧା କୃଷ୍ଣଙ୍କ ପ୍ରେମ ଓ ଗୁଣ କୀର୍ତ୍ତନ କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ ମା ମଙ୍ଗଳା ଆଞ୍ଚଳିକ ଯାଦବ ସଂଘର କାର୍ଯ୍ୟକାରୀ ସଭାପତି ଦୈତାରୀ ବେହେରା, ଉପଦେଷ୍ଟା ପୁରୁଷୋତ୍ତମ ମଠିଆ, ଅମରେଶ୍ୱର ବେହେରା, ବେଣୁଧର ବେହେରା, ସୁବଳ ବେହେରା, ସନାତନ ବେହେରା, ସୁଦାମ ବେହେରା, ସମ୍ପାଦକ ନୃସିଂହ ପ୍ରସାଦ ପଲାଇ, ମା ମଙ୍ଗଳା ଯୁବଯାଦବ ସଂଘର ସଭାପତି ପ୍ରଶାନ୍ତ କୁମାର ବେହେରା, ସହ ସମ୍ପାଦକ ଆଶୀଷ କୁମାର ବେହେରାଙ୍କ ସମେତ ବିଭିନ୍ନ ଗୋଠର ମୁରବୀ ଏବଂ ଉଭୟ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ଥିଲେ ।

ଛାତ୍ରୀନିବାସ ପରିଚାଳନା କରୁଛନ୍ତି ପୁରୁଷ ଶିକ୍ଷକ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ବ୍ଲକ ଅଧିନସ୍ଥ ବିଭିନ୍ନ ଛାତ୍ରୀନିବାସରେ ନାମକୁ ମାତ୍ର ଶିକ୍ଷୟିତ୍ରୀମାନଙ୍କୁ ସହକାରୀ ପରିଚାଳିକା ରଖାଯାଇଥିବା ବେଳେ ବାସ୍ତବରେ ପୁରୁଷ ଶିକ୍ଷକମାନେ ଏହାର ସମସ୍ତ ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି । ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଅଧିକାଂଶ ଛାତ୍ରୀ ନିବାସରେ ଏପରି ଅବସ୍ଥା ଦେଖିବାକୁ ମିଳୁଛି । ସଠିକ୍ ତଦାରଖ ଅଭାବରୁ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ନିୟମ ଅନୁଯାୟୀ ଛାତ୍ରୀନିବାସ ଗୁଡିକ କେବଳ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ରୋଟେସନ ଅନୁଯାୟୀ ଛାତ୍ରୀନିବାସ ପରିଚାଳନା କରିବାକୁ ଥିବାବେଳେ ପ୍ରଧାନ ଶିକ୍ଷକମାନେ ନିଜେ ଛାତ୍ରୀନିବାସ ପରିଚାଳନା କରୁଛନ୍ତି । ଫଳରେ ଛାତ୍ରୀମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯେଉଁ ବିଦ୍ୟାଳୟରେ ଛାତ୍ରୀନିବାସ ଥାଇ ଶିକ୍ଷୟିତ୍ରି ନଥିବେ ଅନ୍ୟ ବିଦ୍ୟାଳୟରୁ ଡେପୁଟେସନରେ ସେହି ବିଦ୍ୟାଳୟକୁ ଶିକ୍ଷୟିତ୍ରି ନିଆଯାଇ ଛାତ୍ରୀନିବାସ ପରିଚାଳନା ଦାୟିତ୍ୱ ଦିଆଯିବାର ନିୟମ ରହିଛି । କୌଣସି ଛାତ୍ରୀନିବାସ ଥିବା ବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷୟିତ୍ରି ଥିଲେ ସେ ବର୍ଷସାରା ଛାତ୍ରୀନିବାସ ପରିଚାଳନା କରିବା କଥା । କିନ୍ତୁ ଏହାର ବ୍ୟତିକ୍ରମ ଅନେକ ବିଦ୍ୟାଳୟରେ ଦେଖିବାକୁ ମିଳୁଛି । କେତେକ ଛାତ୍ରୀ ନିବାସରେ ପରିଚାଳନା ଦାୟିତ୍ୱ ଖାତା କଲମରେ ଶିକ୍ଷୟିତ୍ରୀମାନଙ୍କୁ ଦେଇ ସମସ୍ତ ଦାୟିତ୍ୱ ପୁରୁଷ ପ୍ରଧାନ ଶିକ୍ଷକମାନେ ତୁଲାଉଛନ୍ତି । ପ୍ରଧାନ ଶିକ୍ଷକମାନେ ମଧ୍ୟ ବିଦ୍ୟାଳୟରେ ନରହି ମାଟ୍ରନ ଏବଂ ସିସିଏମାନଙ୍କ ହାତରେ ଛାତ୍ରୀମାନଙ୍କ ସମସ୍ତ ଦାୟିତ୍ୱ ଦେଇ ନିଜ ଘରକୁ ପଳାଉଛନ୍ତି । ସହକାରୀ ଶିକ୍ଷୟିତ୍ରୀ ମାନଙ୍କ ନାମରେ କାଗଜକଲମରେ କେବଳ ଦାୟିତ୍ୱ ଦିଆଯାଇ ଥିବାରୁ ସେମାନେ ମଧ୍ୟ ବିଦ୍ୟାଳୟରେ ରହୁ ନଥିବା ଦେଖାଦେଇଛି । କେତେକ ବିଦ୍ୟାଳୟରେ ଶିକ୍ଷୟିତ୍ରୀମାନଙ୍କୁ ରହିବା ପାଇଁ ପ୍ରଧାନ ଶିକ୍ଷକମାନେ ବାଧ୍ୟ କରୁଛନ୍ତି ଫଳରେ ପ୍ରଧାନ ଶିକ୍ଷକ ଏବଂ ସହକାରୀ ଶିକ୍ଷୟିତ୍ରିମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇ ବିଦ୍ୟାଳୟର ପାଠପଢା ଏବଂ ପରିଚାଳନାରେ ତ୍ରୁଟି ଦେଖାଦେଉଛି । ଅଭିଯୋଗ ଅନୁସାରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପୁରୁଷ ପ୍ରଧାନ ଶିକ୍ଷକମାନଙ୍କୁ ଛାତ୍ରୀନିବାସ ପରିଚାଳନା ଦାୟିତ୍ୱ ଦେବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଓ ଶିକ୍ଷୟିତ୍ରୀମାନଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି । ପୁରୁଷ ପ୍ରଧାନ ଶିକ୍ଷକଙ୍କ ସହ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ଅସାଧୁ ମେଣ୍ଟ ରହୁଥିବାରୁ ଏଭଳି ନିୟମ ବିରୁଦ୍ଧ କାର୍ଯ୍ୟ ଦୀର୍ଘଦିନ ହେବ ବେଧଡ଼କ ଚାଲିଛି ଏବଂ ଛାତ୍ରୀନିବାସ ପରିଚାଳନା ଦାୟିତ୍ୱରୁ ଶିକ୍ଷୟିତ୍ରିମାନଙ୍କୁ ନିବୃତ କରାଯାଉଥିବା ଅଭିଯୋଗ ହେଉଛି । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଛାତ୍ରୀନିବାସଗୁଡିକୁ କେବଳ ଉପର ଠାଉରିଆ ପରିଦର୍ଶନ କରି ତାଙ୍କ ଦାୟିତ୍ୱ ଶେଷ କରୁଥିବା ଜଣାପଡ଼ିଛି । ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଏହାର ନିରପେକ୍ଷ ତଦନ୍ତ କରି ଛାତ୍ରୀନିବାସ ପରିଚାଳନାରେ ତ୍ରୁଟି ଥିବା ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଛାତ୍ରୀ ନିବାସଗୁଡିକୁ କେବଳ ଶିକ୍ଷୟିତ୍ରିମାନଙ୍କ ଦ୍ୱାରା ପରିଚାଳନା କରିବାକୁ ପଦକ୍ଷେପ ନେବା ପାଇଁ ଅଭିଭାବକମାନେ ଦାବୀ କରିଛନ୍ତି । ଏ ନେଇ ସଦର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶରତ କୁମାର ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଏପରି ବେନିୟମ ନିଷ୍ପତ୍ତିର ଅଭିଯୋଗ ଆସିଲେ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଚିକିତ୍ସା ବାହାନାରେ ସୁସ୍ଥ ମଣିଷର ମୃତ୍ୟୁ

ଥାନାର ଦ୍ୱାରସ୍ଥ ହେଲେ ପରିବାର ବର୍ଗ

ଉମରକୋଟ, (ଭାସ୍କର ନ୍ୟୁଜ୍): ଚିକିତ୍ସା ବାହାନାରେ ଜଣେ ସୁସ୍ଥ ମଣିଷକୁ ନେଇ ମରଣ ମୁହଁକୁ ଠେଲିଦେଇ ଫେରାର ହୋଇଯାଇଛି ଦଲାଲ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ । ମିଳିଥିବା ସୂଚନା ଅନୁସାରେ ଗତମାସ ୨୮ତାରିଖରେ ଉମରକୋଟ ପୌର ପରିଷଦର ଢଙ୍ଗରୀ ଗୁଡା (ୟୁଭି ୩ ନଂ) ଗ୍ରାମର ପ୍ରଦୀପ ମଣ୍ଡଳ ଉମରକୋଟ ବ୍ଲକ ବଡ ଭରଣ୍ଡି ପଞ୍ଚାୟତ ଅଧୀନରେ ଥିବା ସାନ ଭରଣ୍ଡି ଗ୍ରାମର ସମଦୁ ଗଣ୍ଡ (୫୦)ଙ୍କୁ ଛତିଶଗଡ଼ର ରାୟପୁର ଡାକ୍ତରଖାନାରେ ଚିକିତ୍ସା କରାଇଦେବି କହି ଡାକି ନେଇଥିଲେ । ରାୟପୁର ଯିବା ସମୟରେ ସାଙ୍ଗରେ ସମଦୁଙ୍କ ଆଧାର କାର୍ଡ ଓ ବିଏସକେୟାଇ କାର୍ଡ ନେବା ପାଇଁ କହିଥିଲା । ପରିବାର ଲୋକଙ୍କ କହିବାନୁଯାୟୀ ସମଦୁ ରାୟପୁର ଯିବା ସମୟରେ ସୁସ୍ଥ ସବଳ ଥିଲେ । ପ୍ରଦୀପ ସମଦୁକୁ ରାୟପୁରର ଏକ ଡାକ୍ତରଖାନାରେ ୧୫ ରୁ ୧୬ ଦିନ ଆଡ଼ମିଟ କରିଥିଲେ । ଚଳିତ ମାସ ୧୪ତାରିଖ ଦିନ ସକାଳ ୬ ଘଣ୍ଟା ସମୟରେ ଛତିଶଗଡ଼ର ଏକ ଆମ୍ବୁଲାନ୍ସରେ ସମଦୁ ଅସୁସ୍ଥ ଅଛି, ମୁହଁରେ ମାସ୍କ ବନ୍ଧା ହୋଇଥିବା ଅବସ୍ଥାରେ ଗ୍ରାମରେ ପହଞ୍ଚି ଥିଲା । ସମଦୁଙ୍କ ଏଭଳି ଅବସ୍ଥା ଦେଖି ପରିବାର ଲୋକେ ଓ ଗ୍ରାମବାସି ଆମ୍ବୁଲାନ୍ସକୁ ଅଟକାଇ ଦେଇଥିଲେ । ଫଳରେ ଘଟଣା ସ୍ଥଳରୁ ଆମ୍ବୁଲାନ୍ସ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲା । ସଙ୍ଗେସଙ୍ଗେ ଥାନା ଭାରପ୍ରାପ୍ତ ଅଧିକାରୀ ଶିବଜି ପଣ୍ଡା, ଏସଆଇ ଅକ୍ଷୟ ମିଶ୍ର, ଗ୍ରାମବାସି ଓ ପରିବାର ଲୋକେ ସମଦୁକୁ ଗୁରୁତର ଅବସ୍ଥାରେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ସମଦୁଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । କିନ୍ତୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୯ତାରିଖ ଦିନ ରାତ୍ର ୧୨ଘଣ୍ଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ସମଦୁକୁ ମୃତ ଘୋଷଣା କରିଥିଲେ । ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ଘଟଣା ଦିନ ପୋଲିସ ଉକ୍ତ ଆମ୍ବୁଲାନ୍ସକୁ ଜବତ କରି ଥାନାରେ ଆଣି ରଖିଛନ୍ତି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି ।

ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ଦୋହରାସାହି ସେବାଗ୍ରୁପ୍‌ର ସକ୍ରିୟ କର୍ମୀମାନଙ୍କ ଦ୍ୱାରା ରକ୍ତଦାନ ଶିବିର ବା 'ପ୍ରେମ ସଞ୍ଜୀବନୀ' ଦୋହରାସାହି ସତ୍ୟସାଇ ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ମୋଟ ୩୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଭଦ୍ରକ ରକ୍ତଭଣ୍ଡାର ପକ୍ଷରୁ ସଂଯୋଜକ ରତିକାନ୍ତ ବଳ, ଟେକ୍ସିଆନ ବିଷ୍ଣୁପ୍ରିୟା ପରିଡ଼ା, ବିଶ୍ୱରଂଜନ ବଳ, ବାବାଜୀ ସାହୁ, ବଳରାମ ପୁହାଣ ରକ୍ତ ସଂଗ୍ରହ କରିଥିଲେ । ଭଦ୍ରକ ଶ୍ରୀ ସତ୍ୟସାଇ ବିଦ୍ୟାବିହାରର ସମ୍ପାଦକ ପାର୍ଥସାରଥି ନାୟକ, ତିହିଡ଼ି ସମିତିର ଆବାହକ ସଂଜୟ ମହାପାତ୍ର ଉକ୍ତ ଶିବିରକୁ ପରିଚାଳନା କରୁଥିବା ବେଳେ ଦୋହରାସାହି ସେବା ଗ୍ରୁପ୍‌ର ଆବାହକ ରାଧାଶ୍ୟାମ ବାରିକ, ଜଗବନ୍ଧୁ ମାଝୀ, ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ଜିଲ୍ଲାରେ ରାଶି ମଣ୍ଡି କରିବା ପାଇଁ ଯୋଗାଣ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ନବ ନିର୍ମାଣ କୃଷକ ସଂଗଠନର ପକ୍ଷରୁ ସଭାପତି ଏରା ପଡ଼ିଆମୀ ଏବଂ ଅନ୍ୟ ସଦସ୍ୟ ମାନେ ମିସୀ ଜିଲ୍ଲାରେ ରାଶି ମଣ୍ଡି ଖୋଲିବା ପାଇଁ ଯୋଗାଣ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମାଲକାନଗିରି ଜିଲ୍ଲାରେ ପ୍ରତିବର୍ଷ ରାଶି ଚାଷ ହେଉଥିବା ବେଳେ ଏହି ରାଶି ଚାଷରେ ପ୍ରତ୍ୟେକ ବର୍ଷ ପ୍ରାୟ ୩ ହଜାର କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ରାଶି ଉତ୍ପାଦନ ହେଉଅଛି । କିନ୍ତୁ ଦୁର୍ଭାଗ୍ୟର କଥା ଏହି କି ଯେ, ମାଲକାନଗିରି ଜିଲ୍ଲାରେ ରାଶି ମଣ୍ଡି କରା ଯାଉ ନଥିବାରୁ ଚାଷୀ ମାନେ ବାଧ୍ୟ ହୋଇ କମ୍ ଦରରେ ରାଶି ବିକ୍ରି କରୁଛନ୍ତି । ଯାହାଫଳରେ ଚାଷୀମାନେ ବହୁ କ୍ଷତି ସହି ଆସୁଛନ୍ତି । ଜିଲ୍ଲାରେ ଥରେ ରାଶି ମଣ୍ଡି ହୋଇଥିଲା । ସେବେଠାରୁ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ କେବେମଧ୍ୟ ରାଶି ମଣ୍ଡି ହୋଇନାହିଁ ଓ ଆମ୍ଭେ ବିସେଷ ସୂତ୍ରରୁ ଜାଣିବାକୁ ପାଇଲୁ ଯେ, ଚଳିତ ବର୍ଷ ରାଶି କ୍ୱିଣ୍ଟାଲ ପ୍ରତି ସରକାର ଧାର୍ଯ୍ୟ ମୂଲ୍ୟ ୧୦,୫୦୦/-ଟଙ୍କା ରହିଛି । ତେବେ ନିକଟସ୍ଥ ରାଜ୍ୟର କିଛି ଦଲାଲମାନେ ଏଠାରେ ରାଶି ନିମନ୍ତେ କୌଣସି ମଣ୍ଡି ହେଉ ନଥିବାରୁ କମ୍ ଦରରେ ଚାଷୀମାନଙ୍କ ଠାରୁ ରାଶି କିଣି ନେଉଛନ୍ତି । ଏହି ଦଲାଲମାନେ କ୍ୱିଣ୍ଟାଲ ପ୍ରତି କେବଳ ୭୦୦୦/-ଟଙ୍କା କିମ୍ବା ତା ଠାରୁ କମ୍ ଦରରେ କିଣୁଛନ୍ତି । ଉତ୍ପାଦନ ଫସଲର ଲାଭ ତ ପଛରକଥା ନିଜର କଷ୍ଟାର୍ଜିତର ମୂଳ ମଧ୍ୟ ପାଇ ପାରୁନାହାନ୍ତି । ରାଶି ଘରେ ଗଚ୍ଛିତ ହୋଇ ରହିଗଲେ ନଷ୍ଟ ହୋଇଯିବ ବୋଲି ବାଧ୍ୟ ହୋଇ ଦଲାଲ ମାନଙ୍କୁ କମ୍ ଦରରେ ବିକ୍ରି କରୁଛନ୍ତି । ଯାହାଫଳରେ କି ଜିଲ୍ଲାର ଚାଷୀ ମାନେ ଆଗାମୀ ବର୍ଷ ଠାରୁ ମାଲକାନଗିରି ଜିଲ୍ଲାରେ ରାଶି ମଣ୍ଡି ଖୋଲିବା ପାଇଁ ଆଜି ଖାଦ୍ୟ ଯୋଗାଣ ମନ୍ତ୍ରୀ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ବିଶ୍ୱ ଘର ଚଟିଆ ଦିବସ ପାଳିତ

କୁକୁଡ଼ାଖଣ୍ଡି, (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ମାର୍ଚ୍ଚ ମାସ ୨୦ତାରିଖକୁ ସାରା ବିଶ୍ୱବ୍ୟାପୀ ଘର ଚଟିଆ ସୁରକ୍ଷା ପାଇଁ ଉତ୍ସଗ୍ର ହୋଇଛି । ଘରଚଟିଆ ବଂଶ ସୁରକ୍ଷା ପାଇଁ ବିଭିନ୍ନ ଅନୁଷ୍ଠାନ ବର୍ଷ ବ୍ୟାପି ଅହରହ ଉଦ୍ୟମ ଚଳାଇଛନ୍ତି । ଗଞ୍ଜାମ ଜିଲ୍ଲା ଗୁଣ୍ଡବନ୍ଧ ଗ୍ରାମର ଆଞ୍ଚଳିକ ବିକାଶ ପରିଷଦ ଦୀର୍ଘ ବାରବର୍ଷ ଧରି ଘରଚଟିଆ ସୁରକ୍ଷା ପାଇଁ ଗଞ୍ଜାମ, ଗଜପତି ଓ ଜଗତସିଂହପୁର ଜିଲ୍ଲର ବିଭିନ୍ନ ସ୍ଥାନରେ ସୁରକ୍ଷା ଓ ସଂରକ୍ଷଣ ଦିଗରେ କାର୍ଯ୍ୟକ୍ରମ କରିଆସୁଛି । ସଂରକ୍ଷଣ ଦ୍ୱାରା ସେମାନଙ୍କ ବଂଶ ବୃଦ୍ଧି ଘଟିଛି । ଗୁରୁବାର ବିଶ୍ୱ ଘରଚଟିଆ ଦିବସ ଉପଲକ୍ଷେ ଆଞ୍ଚଳିକ ବିକାଶ ପରିଷଦ ତରଫରୁ କୁକୁଡ଼ାଖଣ୍ଡି ବ୍ଲକର ଅନନ୍ତାଇ ଗ୍ରାମରେ ବିଶ୍ୱ ଘରଚଟିଆ ଦିବସ ସଭାପତି ସାଗର କୁମାର ପାତ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସହକାରୀ ବନ ସଂରକ୍ଷକ ସସ୍ମିତା ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଆବଶ୍ୟକ୍ୟତା ବିଷୟରେ ଲୋକଙ୍କୁ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି କାମେଶ୍ୱର ବିଶ୍ୱାଳ, ସମିତିସଭ୍ୟା ନିରୁପମା ପାତ୍ର, ଭାରତୀୟ ଜୀବନ ବୀମା ନିଗମ ସମ୍ପଦ ପ୍ରବନ୍ଧକ ଅଧିକାରୀ ସଞ୍ଜୟ ସାମନ୍

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ଆରୁହା ଗ୍ରାମରେ ୯ଦିନ ବ୍ୟାପି ଚାଲିଥିବା ପଞ୍ଚଦୋଳ ବୁଧବାର ସନ୍ଧ୍ୟାରେ ନାମଯଜ୍ଞ ସହିତ ଉଦ୍‌ଯାପିତ ହୋଇଯାଇଛି। ଏହି ଗ୍ରାମରେ ଦୀର୍ଘ ୧୫୦ବର୍ଷ ଧରି ପଞ୍ଚଦୋଳ ପରମ୍ପରା ଅନୁଯାୟୀ ଶ୍ରୀଗୋପାଳ ଜୀଉଙ୍କୁ ୭ଖଣ୍ଡ ଗ୍ରାମ ପରିକ୍ରମା କରାଯାଇଥିଲା। ଦ୍ୱିତୀୟ ତିଥିରେ ଶ୍ରୀ ଜୀଉ ବଡ଼ଦାଣ୍ଡ ମେଳନରେ ବଡ଼ଦାଣ୍ଡ ମେଳନରେ ଯୋଗ ଦେଇଥିଲେ। ଫରେ ତୃତୀୟା ତିଥିରେ ଗ୍ରାମରେ ପଞ୍ଚୁଦୋଳ ଓ ଚଣ୍ଡିପାଠ ଅନୁଷ୍ଠିତ ହୋଇଥିଲା। ପରଦିନ ଅଧିବାସ ପରେ ଅଷ୍ଟମପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ନାମଯଜ୍ଞରେ ସରପଞ୍ଚ ସୁପ୍ରଭା ପାଣିଙ୍କ ସହିତ ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ବିଭୁ କୃପା ଲାଭ କରିଥିଲେ। ଗ୍ରାମର ଗୟାଧର ନାୟକ, କରୁଣାକର ନାୟକ, ରତ୍ନାକର ନାୟକ, ପ୍ରକାଶ ନାୟକ, ଅଶ୍ୱନୀ ମଲ୍ଲିକ, ଭାଗିରଥି ମଲ୍ଲିକ, ସୁକାନ୍ତ ନାୟକ, ନାରାୟଣ ଚନ୍ଦ୍ର ପୃଷ୍ଟି, ଭାଗିରଥି ନାୟକ, ଗୌରାଙ୍ଗ ବାରିକ ପ୍ରମୁଖଙ୍କ ସହିତ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଅଷ୍ଟମ ପ୍ରହରର କର୍ତ୍ତା ଭାବେ ଶ୍ରୀଧର ନାୟକ କାର୍ଯ୍ୟ ସମାପନ କରିଥିଲା ବେଳେ ପୂଜକ ଭାବେ ରତ୍ନାକର ହେତା ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ।

ପୂର୍ବତନ ସରପଞ୍ଚ ଧନେଶ୍ୱର ପାଣିଙ୍କ ପ୍ରତିମୂର୍ତ୍ତି ଅନାବରଣ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ରାଜନେତା ଧନେଶ୍ୱର ପାଣିଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକ ଓ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଗୁରୁବାର ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଧନେଶ୍ୱର ପାଣି ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସଭାରେ ପରିଷଦର ସଭାପତି ରବିନ୍ଦ୍ର ଦାସ ସଭାପତିତ୍ୱ କରିଥିବା ବେଳେ କବି ରବିକୁମାର ମହାନ୍ତିଙ୍କ ସଂଚାଳନ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱାମୀ ଭୈରବାନନ୍ଦ ସରସ୍ୱତୀ ମହାରାଜ, ପଣ୍ଡିତ ଦୈତ୍ୟାରୀ ମହାପାତ୍ର, ଅଧିବକ୍ତା କିରଣ ରାଉତ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଧନେଶ୍ୱର ପାଣି ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ପାଇଁ ଉଦ୍ୟମ କରି ସ୍ମରଣୀୟ ହୋଇ ରହିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ବିଜୟ କୁମାର ନାୟକ ଓ ରାଜେନ୍ଦ୍ର କୁମାର ଦାସ, ସରପଞ୍ଚ ସୁପ୍ରଭା ପାଣି, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ, କବି ଦୀନବନ୍ଧୁ ପତି, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ ନାୟକ, ଇଂ ଅଭୟ ସୂତାର, ପୂର୍ବତନ ସରପଞ୍ଚ ବସନ୍ତ କୁମାର ନାୟକ, ଶିକ୍ଷାବିତ୍ ପ୍ରସନ୍ନ କୁମାର ପାଢ଼ୀ, ସମାଜସେବୀ ହରିହର ଲେଙ୍କା, ଡ. ଲକ୍ଷ୍ମୀଧର ତ୍ରିପାଠୀ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଧନେଶ୍ୱର ଖଟୁଆ, ପାଲାଗାୟକ ଗଣେଶ ପ୍ରସାଦ ଦାସ, ଆଇନଜୀବୀ ରଂଜନ ମିଶ୍ର, ସୂର୍ଯ୍ୟରଂଜନ ମିଶ୍ର, ପ୍ରବଚିକା ବିଶ୍ୱମୈତ୍ରୀ ନାୟକ, କବି ଗୋଲକ ପ୍ରସାଦ ବୈୟାରୀ, ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ, ପ୍ରଫୁଲ୍ଲ ପାଢ଼ୀ, ସଂଗ୍ରାମ ମହାନ୍ତି, କୃପାସିନ୍ଧୁ ମହାନ୍ତି, ଭଗବାନ ପାଢ଼ୀ, କୈଳାସ ରାଉଳ, ଉତ୍ତମ ମହାପାତ୍ର, ଅନାଦି ବେହେରା ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ୱର୍ଗତ ପାଣି ଏବଂ ତାଙ୍କ ଧର୍ମପତ୍ନୀ ସ୍ୱର୍ଗତ କମଳା ପାଣିଙ୍କ ପ୍ରତିମୂର୍ତ୍ତି ଅନାବରଣ ସହିତ ସ୍ମୃତି ପତ୍ରିକା 'ଧନ୍ୟ ତୁମେ ଧନେଶ୍ୱର' ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସଂଜୟ ପାଣିବର୍ମା ଗୀତା ପାଠ କରିଥିଲେ। ଏଥି ସହିତ ଅବସରପ୍ରାପ୍ତ ଅନୁଶିକ୍ଷା ଅଧିକାରୀ ରାମଚନ୍ଦ୍ର ବାରିକ, ସମାଜସେବୀ ଅନାମ କୁଅଁର ଓ କୃତି ଛାତ୍ର ରାକେଶ ସେଠୀଙ୍କୁ ଧନେଶ୍ୱର ପାଣି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ତାଙ୍କର ପୁତ୍ର ହରେକୃଷ୍ଣ ପାଣି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ପୂର୍ବତନ ସରପଞ୍ଚ ବୈକୁଣ୍ଠ ପାଣି, ସମାଜସେବୀ ବାଇଧର ପରିଡ଼ା, ଲକ୍ଷ୍ମୀଧର ସେନାପତି, ଦେବେନ୍ଦ୍ର ବାରିକ, ବଳରାମ ମଲ୍ଲିକ, ସରୋଜ ନାୟକ, ପ୍ରହ୍ଲାଦ କୁଅଁର, ଅବସରପ୍ରାପ୍ତ ପ୍ରାଧ୍ୟାପକ ସନ୍ତୋଷ ଦାଶ, ରବିନ୍ଦ୍ର ପାଣିଗ୍ରାହୀ, ଅର୍ଜୁନ ଦାସ, ଅପୂର୍ବ ପଣ୍ଡା, ଇଂ ନୀଳାମ୍ବର ପାଣି, ସଂଯୁକ୍ତା ପାଣିଗ୍ରାହୀ, ସସ୍ମିତା ଦାଶ, ସଂଘମିତ୍ରା ପଣ୍ଡା, ସଂଗୀତାଶ୍ରୀ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଶବ ବାହକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଟାଉନଥାନା ଅଧିନସ୍ଥ ଜୟପୁର-ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥ ସିନ୍ଦ୍ରିମାଲ ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଓ ଜୟପୁର ଠାରୁ ମାଲକାନଗିରି ଅଭିମୁଖେ ଶବ ନେଇ ଆସିଥିବା ଏକ ଆମ୍ବୁଲାନ୍ସ ସହିତ ଜୟପୁର ଅଭିମୁଖେ ଯାଉଥିବା ଏକ ଟ୍ରକ ମଧ୍ୟରେ ଧକ୍କା ହୋଇଛି। ଯାହା ଫଳରେ ଆମ୍ବୁଲାନ୍ସ ଭିତରେ ଶବ ସହିତ ବସିଥିବା ଗୋଟିଏ ପରିବାରର ୩ ଜଣ ପାରିବାରଙ୍କ ସମେତ ଆମ୍ବୁଲାନ୍ସ ଡ୍ରାଇଭର ଆହତ ହୋଇଛନ୍ତି ଓ ମାଲକାନଗିରି ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଁଚି ସମସ୍ତ ଆହତଙ୍କୁ ମାଲକାନଗିରି ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିବା ସହିତ ଟ୍ରକଟିକୁ ଅଟକ ରଖିଥିବା ସୂଚନା ମିଳିଛି ଓ ତେବେ ଘଟଣାସ୍ଥଳରୁ ଟ୍ରକ ଡ୍ରାଇଭର ଚମ୍ପଟ ମାରିଥିବା ଜଣାପଡ଼ିଛି। ସୂଚନା ମୁତାବକ ମାଲକାନଗିରି ଜିଲ୍ଲା ସଦରମହକୁମା ନିକଟସ୍ଥ ଏମଭି-୪୩ ଗ୍ରାମର ଶାନ୍ତି ମଣ୍ଡଳ ନାମକ ବ୍ୟକ୍ତିଙ୍କର କୌଣସି କାରଣରୁ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ଚିକିତ୍ସା ପାଇଁ ନେଇଥିଲେ ପରିବାର ଲୋକେ। ରୋଗାଗ୍ରସ୍ତ ଶାନ୍ତି ମଣ୍ଡଳଙ୍କ ସହିତ ତାଙ୍କର ସ୍ତ୍ରୀ ଛବି ମଣ୍ଡଳ ଏବଂ ଦୁଇ ପୁଅ ବାପାଙ୍କର ଚିକିତ୍ସା କରାଇବା ପାଇଁ ଯାଇଥିଲେ। ତେବେ ବ୍ରହ୍ମପୁର ମେଡିକାଲରେ ବାପାଙ୍କ ମୃତ୍ୟୁ ଘଟିଥିଲା ଓ ଶବ ନେଇ ଆଜି ଘରକୁ ଫେରିବା ସମୟରେ ମାଲକାନଗିରି ନିକଟସ୍ଥ ସିନ୍ଦ୍ରିମାଲ ଠାରେ ଦୁର୍ଘଟଣାର ଶିକାର ହୋଇଥିବା ମାଲକାନଗିରି ଥାନା ଅଧିକାରୀ ରାଗାନ୍ କିଣ୍ଡୋ ପ୍ରକାଶ କରିଥିବା ସହ ପରବର୍ତ୍ତୀ ତଦନ୍ତ ଚାଲୁ ରଖିଥିବା କଥା କହିଛନ୍ତି।

ଫ୍ୟାକଲ୍ଟି ଡେଭେଲପମେଣ୍ଟ ପ୍ରୋଗ୍ରାମ୍ ଆୟୋଜିତ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଇଲେକ୍ଟ୍ରୋପ୍ରେନୁର ପାର୍କ୍ (ଇପି) ଭୁବନେଶ୍ୱର, ଏସଟିପିଆଇ ଭୁବନେଶ୍ୱର ଅଧୀନ ଏକ ଇଏସଡିଏମ୍ ଏଣ୍ଟ୍ରପ୍ରେନ୍ୟୁର୍ସିପ୍ କେନ୍ଦ୍ର (ସିଓଇ) ଦ୍ୱାରା ପାଞ୍ଚଦିନିଆ ଫ୍ୟାକଲ୍ଟି ଡିଭେଲପମେଣ୍ଟ ପ୍ରୋଗ୍ରାମ୍ (ଏଫ୍‌ଡିପି) ର ଆୟୋଜନ ହୋଇଯାଇଛି। ଏହି ପ୍ରକଳ୍ପ ମନ୍ତ୍ରାଳୟ (ଏମ୍‌ଓଇ) ଏବଂ ଅଲ୍ ଇଣ୍ଡିଆ କାଉନ୍ସିଲ୍ ଫର୍ ଟେକ୍ନିକାଲ୍ ଏଡୁକେସନ୍ (ଏଆଇସିଟିଇ) ଦ୍ୱାରା ପରିଚାଳିତ ହୋଇଥିବା ଏଫ୍‌ଡିପିର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଅଧ୍ୟାପକମାନଙ୍କୁ ଇନୋଭେସନ୍ ଏବଂ ଉଦ୍ୟମିତା ବିଷୟରେ ଜ୍ଞାନ ଏବଂ ଦକ୍ଷତା ଯୋଗାଇବା, ଯାହା ଭବିଷ୍ୟତରେ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ଉଦ୍ୟମିତା ଚେତନା ବୃଦ୍ଧି କରିବ। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ ପ୍ରଫେସର୍ ଅମିୟ କୁମାର ରଥ, ଉପକୁଳପତି, ବିଜୁ ପଟ୍ଟାୟକ ବିଶ୍ୱବିଦ୍ୟାଳୟ (ବିପିୟୁଟି)। ଅନ୍ୟାନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଥିଲେ ରବି ମାନି, ଗ୍ରୁପ୍ ଜେନେରାଲ୍ ମ୍ୟାନେଜର୍ ଏବଂ ସିଏମ୍‌ଡି, ନାଭ୍ଲୋଙ୍କ ପ୍ରବୀଣ ପ୍ରାଯୁକ୍ତିକ ପରାମର୍ଶଦାତା (ଟିଏସ୍); ଦେବୁ ପଟ୍ଟନାୟକ, ଭୁବନେଶ୍ୱର ଏଞ୍ଜେଲ୍ ସଦସ୍ୟ ଏବଂ ଟିଆଇଇ ଭୁବନେଶ୍ୱର ପୂର୍ବତନ ଅଧ୍ୟକ୍ଷ; ଏବଂ ଡ଼ଃ ଅଭିଷେକ ଗୌତମ, ସ୍ଥାପକ, ଅମ୍ବୁଲା ଟେକ୍ନୋଲୋଜିଜ୍ ପ୍ରାଇଭେଟ୍ ଲିମିଟେଡ୍। ଉଦଘାଟନୀ ଉପସ୍ଥାପନାରେ, ମୁଖ୍ୟ ଅତିଥି ପ୍ରଫେସର୍ ଅମିୟ କୁମାର ରଥ, ଭସ, ବପୟୁଟ ଟେକ୍ନିକାଲ୍ ଅନୁଷ୍ଠାନମାନଙ୍କ ମଧ୍ୟରେ ଉଦ୍ୟମିତା ଶିକ୍ଷାର ଭୂମିକା ବୃଦ୍ଧି ପାଇଁ ଜୋରଦେଇ, ଅଧ୍ୟାପକମାନଙ୍କୁ ଛାତ୍ରଛାତ୍ରୀମାନଙ୍କୁ ନିର୍ମାଣ ମାନସିକତା ଗଠନରେ ପ୍ରେରିତ କରିବାକୁ ପ୍ରୋତ୍ସାହିତ କରିଥିଲେ। ଏସ୍‌ଟିପିଆଇ-ଭୁବନେଶ୍ୱର ନିର୍ଦ୍ଦେଶକ ସୂର୍ଯ୍ୟ କୁମାର ପଟ୍ଟନାୟକ, ଅତିଥିମାନଙ୍କୁ ସ୍ୱାଗତ କରିବା ସମୟରେ, ବିଶ୍ୱବିଦ୍ୟାଳୟମାନଙ୍କୁ ନବୀନତାର କେନ୍ଦ୍ରରୂପେ ପରିଣତ କରିବା ଏବଂ ଭାରତର ସ୍ୱାବଲମ୍ବନ ଦୃଷ୍ଟିକୋଣ ସହିତ ଛାତ୍ରଛାତ୍ରୀ ମାନଙ୍କୁ ଚାକିରି ଦାତା ଭାବେ ପ୍ରସ୍ତୁତ କରିବାର ଆବଶ୍ୟକତା ବିଷୟରେ ଉଲ୍ଲେଖ କରିଥିଲେ। ଏହି ଉଦ୍ଦେଶ୍ୟ ରେ ଭିନ୍ନ ଜାତୀୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନରୁ ପ୍ରାୟ ୫୦ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ।

ବିଜୁଳି ବିଭ୍ରାଟ ଯୋଗୁଁ ଗ୍ରାହକ ହଟହଟା

ସୋରଡ଼ା, (ଭାସ୍କର ନ୍ୟୁଜ୍): ବିଦ୍ୟୁତ ସେକ୍ସନର ଜେଇ ଜେଇ, ଟିପିଏସ୍‌ଓଏଲ୍‌ଡିର ସୁପରଭାଇଜର, ବିଦ୍ୟୁତ କର୍ମଚାରି ମାନଙ୍କ ମନମୁଖୀ କାରବାର ଓ ବେପରୁଆ ମନଭାବ ଯୋଗୁଁ ବେଆଇନ ଭାବେ ବିଦ୍ୟୁତ କାଟି ଗ୍ରହକ ମାନଙ୍କୁ ହଇରାଣ କରୁଥିବା ଗ୍ରାହକମାନଙ୍କ ତରଫରୁ ଅଭିଯୋଗ ହୋଇଛି। ଗ୍ରାହକ ମାନଙ୍କ ଅଭିଯୋଗ କ୍ରମେ ଆମ ପ୍ରତିନିଧି ବେଆଇନ ବିଦ୍ୟୁତ କାଟ ସମ୍ପର୍କରେ ସ୍ଥାନୀୟ ବିଦ୍ୟୁତ ବିଭାଗର ଜେଇ, ଟିପିଏସ୍‌ଓଏଲ୍‌ଡିର କିଛି କର୍ମଚାରୀଙ୍କ ସହିତ ଯୋଗାଯୋଗ କରିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ମିଳିଲା ନାହିଁ। ଏ ସମ୍ପର୍କରେ ବିଜୁଳି ଗ୍ରାହକ ⌈ଘଣ୍ଟା ଧରି ହଇରାଣ ହୋଇଥିଲେ ମଧ୍ୟ ସ୍ଥାନୀୟ ଜେଇ, ଏସ୍‌ଡିଓ ଏବଂ ଟିପିଏସ୍‌ଓଏଲ୍‌ଡିର କିଛି କର୍ମଚାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଅଂଚଳରେ ଉତ୍ତେଜନା ଦେଖାଦେଇଛି। ଏମାନଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଜନସାଧାରଣ, ଗ୍ରାହକ ମାନେ ଆନ୍ଦୋଳନ କରିବା ପାଇଁ ମସୁଧା ଚଳାଇଛନ୍ତି। ରାଜ୍ୟ ସରକାର ବିଜୁଳି ବିଭାଗ ମନ୍ତ୍ରୀ ରାଜ୍ୟରେ ବିଦ୍ୟୁତ କାଟ ରହିବ ନାହିଁ ବୋଲି ଘୋଷଣା କରିଥିଲେ ମଧ୍ୟ ସୋରଡ଼ା ଅଂଚଳରେ ତାର ବ୍ୟତିକ୍ରମ ଘଟିଛି ଏବଂ ବିଜୁଳି ବିଭାଗର ସମସ୍ତ କାର୍ଯ୍ୟ ଟିପିଏସ୍‌ଓଏଲ୍‌ଡି ଦ୍ୱାରା ପରିଚାଳିତ ହେଉଥିବାରୁ ସେମାନଙ୍କ କର୍ମଚାରି ମାନଙ୍କ ବେଆଇନ କାମ ଦିନକୁଦିନ ବୃଦ୍ଧି ପାଉଛି ଯାହାଫଳରେ ଗ୍ରାହକମାନଙ୍କ ଆସନ୍ତୋଷ ବୃଦ୍ଧିପାଉଛି। ଏପରି ବେନିୟମ କାମର ପ୍ରତିବାଦ କରି ଗ୍ରହକ ମାନେ ଆମ ପ୍ରତିନିଧିଙ୍କ ଠାରେ ଅଭିଯୋଗ କରିଛନ୍ତି। ସୋରଡ଼ା ବିଦ୍ୟୁତ ସବଡ଼ିଭିଜନରେ ଏପରି ବେନିୟମ କାମର ପ୍ରତିବାଦ କରି କିଛି ବର୍ଷ ପୂର୍ବେ ଅଂଚଳରେ ଚାଲିଥିବା ବିଦ୍ୟୁତ ବିଭାଗର ଦୁର୍ନୀତି, ବିଦ୍ୟୁତ ଚୋରା କାରବାର ଏବଂ ଅନ୍ୟାନ ଦୁର୍ନୀତି କାର୍ଯ୍ୟକଳାପର ଅଭିଯୋଗ ବ୍ରହ୍ମପୁର ମୁଖ୍ୟାକାର୍ଯ୍ୟାଳୟରେ ଅବସ୍ଥିତ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଂଚଳରେ ଚଢ଼ାଉ କରି ଭିଜିଲାନ୍ସ ସୁପେରଟେଣ୍ଡ ଇଞ୍ଜିନିୟର ବେଣୁ ଗୋପାଳ ଚଢ଼ାଉ କରିଥିଲେ। ତାଙ୍କୁ ସହଯୋଗ କରିଥିଲେ ଆରାପଲ୍ଲୀ ସାରଥି ଏବଂ ଅନ୍ୟମାନେ। ଏହି ଚଢ଼ାଉ ଫଳରେ ବିଦ୍ୟୁତ ସବଡ଼ିଭିଜନର ୧୦ ଜଣ କର୍ମଚାରି, ଏସ୍‌ଡିଓ, ଦୁଇଜଣ ଜେଇ, କିରାଣୀ ଲାଇନମ୍ୟାନ, ହେଲ୍ପର ପ୍ରମୁଖ ସସ୍‌ପେଣ୍ଡ ହୋଇଥିଲେ। ଯାହାର ନଜିର ଡିଭିଜନ, ସବଡ଼ିଭିଜନରୁ ପାଇପାରିବେ। ଏଣୁ ବିଭାଗର, ଟିପିଏସ୍‌ଓଏଲ୍‌ଡିର ଉଚ୍ଚକତ ରୁପାକ୍ଷ ଅଂଚଳ ପ୍ରତି ଦୃଷ୍ଟିଦେଇ ଦୁର୍ନୀତି, ବେଆଇନ କାର୍ଯ୍ୟକ୍ରମରେ ଲିପ୍ତ ଥିଲେ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରେସକ୍ଲବର ଆଡ଼ଭାଇଜର ଆରାପଲ୍ଲୀ ସାରଥି ଦାବି କରିଛନ୍ତି।

ଓଡିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୯୦ ତମ ଓଡିଶା ଦିବସ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିବା ପାଇଁ ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମହାଳିକ ଉଦ୍‌ବୋଧନ ଦେଇ ଆଗାମୀ ଓଡିଶା ଦିବସକୁ ଉତ୍ସାହ, ଉଦ୍ଦୀପନା ଓ ଉତ୍କଳୀୟ ଭାବନା ସହ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିର୍ମୟ ଭୁକ୍ତା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରିବା ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରିଥିଲେ। ଓଡ଼ିଶା ଦିବସ ପାଳନ ଅବସରରେ ଏପ୍ରିଲ୍ ୧ ତାରିଖ ପ୍ରତ୍ୟୁରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ପ୍ରଚାର, ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତ ଫେରୀ, ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଦରବାର ହଲଠାରେ ସାଧାରଣ ସଭା, ସ୍ଥାନୀୟ ଅଡ଼ିଟୋରିୟମରେ ସଂନ୍ଧ୍ୟା ୬ ଘଟିକା ସମୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ଏବଂ ପରେପରେ ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରୟୋଜିତ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହେବ। ଓଡ଼ିଶା ଦିବସ ଅବସରରେ ସନ୍ଧ୍ୟାରେ ସରକାରୀ କୋଠାବାଡି ତଥା ବାଣିଜ୍ୟିକ ଅନୁଷ୍ଠାନର କୋଠାବାଡିରେ ରଙ୍ଗୀନ ଆଲୋକ ସଜ୍ଜା କରିବା ପାଇଁ ଅନୁରୋଧ କରାଯାଇଛି। ଏତଦ୍ ବ୍ୟତୀତ ଓଡ଼ିଶା ଦିବସ ପାଳନ ସଂପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଓଡ଼ିଶା ଦିବସ ପାଳନକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ସ୍ୱତଃସ୍ଫୁର୍ତ୍ତ ଭାବେ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

ବନ୍ଧୁକ ଦେଖାଇ ଡକାୟତି, ନଗଦ ୩ଲକ୍ଷ ଟଙ୍କା ଓ ୧୦ ଲକ୍ଷ ମୂଲ୍ୟର ଅଳଙ୍କାର ଲୁଟ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ମାହାଙ୍ଗା ଥାନା ମୂଳବସନ୍ତ ଗ୍ରାମପଂଚାୟତ ଗୁଣୁପୁର ଗ୍ରାମରେ ଏକ ସଶସ୍ତ୍ର ଡକାୟତି ହୋଇଛି। ଡକାୟତମାନେ ଘରର ଗ୍ରୀଲ ତାଡି ଘରେ ପ୍ରବେଶ କରିଥିଲେ। ଡକାୟତମାନେ ଗୃହକର୍ତ୍ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ନଗଦ ୩ ଲକ୍ଷ ଟଙ୍କା ଓ ୧୦ ଲକ୍ଷ ଟଙ୍କା ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର ସମେତ ୨ଟି ମୋବାଇଲ ଲୁଟି ନେଇଥିବାର ମାହାଙ୍ଗା ଥାନାରେ ଅଭିଯୋଗ ହୋଇଛି। ମାହାଙ୍ଗା ଥାନା ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଛନ୍ତି। ଗୁଣୁପୁର ଗ୍ରାମର ଅରକ୍ଷୀତ ନାଥ, ତାଙ୍କର ବୋହୂ ଓ ସାନପୁତ୍ର ଗତକାଲି ରାତ୍ରରେ ଖାଇପିଇ ଘରେ ଶୋଇଥିଲେ। ରାତ୍ରର ବିଳମ୍ବିତ ପ୍ରହରରେ ୪ଜଣ ସଶସ୍ତ୍

ଖଇରପୁଟ(ଭାସ୍କର ନ୍ୟୁଜ): ଖଇରପୁଟ ବ୍ଲକ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଦିବ୍ୟାଙ୍ଗଙ୍କ ପାଇଁ ମାଗଣା ସହାୟତା ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଆଜିର ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନି, ସରପଞ୍ଚ ସଂଘ ସଭାପତି ଶ୍ରୀନିବାସ ମୁଦୁଲି,କଦମଗୁଡା ସରପଞ୍ଚ ସୂର୍ଯ୍ୟ ଜିଗିଡି, ମାଡ଼କାପାଦର ସରପଞ୍ଚ ଡମ୍ବୁରୁ ସୀସା, ଖଇରପୁଟ ସରପଞ୍ଚ ଦୈମତି ଗୋଲପେଦାଙ୍କ ସହ ବ୍ଲକର ସମସ୍ତ ସରପଞ୍ଚ ଯୋଗ ଦେଇଥିଲେ ଏବଂ ଆଜିର ଏହି ଶିବିରରେ ବିଭିନ୍ନ ବର୍ଗର ୧୯ ଜଣ ଦିବ୍ୟାଙ୍ଗଙ୍କୁ ସହାୟତା ଉପକରଣ ବଣ୍ଟନ କରାଯାଇଥିଲା । ଏହି ଶିବିରରେ ଏ. ଏଲ.ଆଇ.ଏମ୍.ସି. ଓ ତରଫରୁ ବିଶେଷଜ୍ଞ ଡାକ୍ତର ଗୌରୀ ଶଙ୍କର ବେହେରା, ଡାକ୍ତର ସୋମନାଥ ଗୋଛି ଉପସ୍ଥିତ ରହି ହିତାଧିକାରୀଙ୍କୁ ସହାୟତା ଉପକରଣ ବ୍ୟବହାର ବିଷୟରେ ଅବଗତ କରିଥିଲେ। ଏହି ଶିବିରଟିକୁ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଜ୍ୟୋତି ରଞ୍ଜନ ସେଠୀ ଆୟୋଜନ ଓ ପରିଚାଳନା କରିଥିଲା ଏବଂ ଶେଷରେ ଧନ୍ୟବାଦ ଦେଇଥିଲେ।

ଆସ ମୋ ଜୀବନ ଧନ ମୋ ପଖାଳ କଂସା: ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ଭୁବନେଶ୍ୱର, ୨୦ ମାର୍ଚ୍ଚ - ବିଶ୍ୱରେ ଓଡ଼ିଶାର ଲୋକ ଯେଉଁଠି ରହୁଛନ୍ତି, ପଖାଳ ସେଇଠି ପହଞ୍ଚିଛି। ଓଡିଆମାନଙ୍କ ପାଇଁ ପଖାଳ ହେଉଛି ଜୀବନ ଧନ । ପଖାଳ ସହିତ ମା' ର ସ୍ନେହ ଓ ଭାବ ଯୋଡି ହୋଇ ରହିଛି । ବିଭିନ୍ନ ରୋଗ ଓ ବାର୍ଦ୍ଧକ୍ୟ ଜନିତ ରୋଗର ଉପଶମ ପାଇଁ ପଖାଳ ହେଉଛି ଏକମାତ୍ର ଔଷଧ । ବର୍ତ୍ତମାନର ନୂଆ ଜୀବନଧାରାରେ ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ଓ ସନ୍ତୁଳନ ରଖିବା ନିମନ୍ତେ ପଖାଳ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଗୁରୁବାର ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ସହଭାଗିତାରେ ଆୟୋଜିତ ବିଶ୍ୱ ପଖାଳ ଦିବସ ପାଳନ ଅବସରରେରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଛପନ ଭୋଗରେ ପଖାଳ ଓ ଟଙ୍କ ପାଣିର ମଧ୍ୟ ମହତ୍ୱ ରହିଛି । ଆମ ଅସ୍ମିତା ଆମ ସଂସ୍କୃତି ଆମ ପଖାଳ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ମଧ୍ୟ ସେ ଉଲ୍ଲେଖ କରିଛନ୍ତି । ଏହା ସହ ଓଡ଼ିଶାର ଯୁବ ପିଢି ପଖାଳର ଉପାଦେୟତାକୁ ବୁଝି ବ୍ଲଗ ଓ ସୋସିଆଲ ମିଡିଆ ମାଧ୍ୟମରେ ପଖାଳ ଓ ପଖାଳ ସହ ଜଡ଼ିତ ଓଡିଆ ସାହିତ୍ୟର ପ୍ରଚାର ପ୍ରସାର କରିବାକୁ ସେ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଯୋଗ ଦେଇ କହିଲେ ଯେ ପଖାଳ ହେଉଛି ଆମ ପରିବେଶ ଅନୁକୂଳ ଖାଦ୍ୟ । ଏବେ ଖାଦ୍ୟର ଟ୍ରେଣ୍ଡ ବଦଳିଯାଇଛି । କଳିଙ୍ଗ ହସ୍ପିଟାଲରେ ମୁଖ୍ୟ ଡାଇଟିସିଆନ ଅଞ୍ଜନା ତ୍ରିପାଠୀ ଏହି ଅବସରରେ କହିଲେ ଯେ ର ଖରାଦିନର ଡାଏଟରେ ପଖାଳ ଏକ ପ୍ରମୁଖ ଭୂମିକା ନିର୍ବାହ କରେ। ପଖାଳରେ ପ୍ରାକୃତିକ ପ୍ରୋ-ବାୟୋଟିକସ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ । ଓଡିଆ ଖାଦ୍ୟକୁ ଇଣ୍ଟରନେଟ ଜରିଆରେ ସୁଦୂର ପ୍ରସାର କରିଥିବା ଯୋଗୁଁ ୬ ଜଣ ପ୍ରମୁଖ ଫୁଡ୍ ବ୍ଲଗର-ସେନୋରିଟା ଦାସ, ଅଙ୍କିତା ତ୍ରିପାଠୀ, ମେହେକ ମହାପାତ୍ର, ସାନ ଶେଖ,ଆୟୁଷ କୁମାର ଏବଂ ଆଲୋକ ପ୍ରସାଦ ମହାପାତ୍ରଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା । ପର୍ଯ୍ୟଟନ ବିଭାଗ କମିଶନର ତଥା ପ୍ରମୁଖ ଶାସନ ସଚିବ ବଲୱନ୍ତ ସିଂ ତାଙ୍କ ସ୍ୱାଗତ ଭାଷଣରେ କହିଲେ ଯେ ପଖାଳ ହେଉଛି ଆମ ଓଡିଆ ଖାଦ୍ୟର ଏକ ଅନନ୍ୟ ଉତ୍ସବ । ଆଗାମୀ ସପ୍ତାହରେ ସୋନି ଟିଭିରେ ମାଷ୍ଟର ଶେଫ କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଓଡ଼ିଶା ବ୍ୟଞ୍ଜନ ଉପରେ ଆଧାରିତ ହେବ ବୋଲି ସେ ପ୍ରକାଶ କରିଛନ୍ତି । ଏହି ଅବସରରେ ପର୍ଯ୍ୟଟନ ନିର୍ଦ୍ଦେଶିକା ମାନସୀ ନିମ୍ବାଲ୍ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଶ୍ୱ ପଖାଳ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ ଓ କ୍ୟାବିନେଟ୍ ସଦସ୍ୟମାନେ ଏକାଠି ପଖାଳର ମଜା ନେଉଛନ୍ତି।

ରାଜ୍ୟରେ ଖାଲି ପଡିଛି ୧୩ ଆର୍‌ଟିଓ ପଦବୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ୩୮ଟି ମଞ୍ଜୁରୀପ୍ରାପ୍ତ ଆରଟିଓ ପଦବୀ ଥିବାବେଳେ ଏଥିରୁ ୧୩ଟି ପଦବୀ ଖାଲି ପଡିଛି । ସେହିଭଳି ୧୦ଟି ସହକାରୀ ଆରଟିଓ ପଦବୀ ମଧ୍ୟ ଖାଲି ପଡିଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ୬୪ଟି କନିଷ୍ଠ ଏମଭିଆଇ ପଦବୀ ମଧ୍ୟରୁ ୪୯ଟି ଓ ୩୨ଟି ସହକାରୀ ଏମଭିଆଇ ପଦବୀ ମଧ୍ୟରୁ ୩୧ଟି ଖାଲି ପଡିଛି । ତେବେ ଖାଲି ପଡିଥିବା ଆରଟିଓ ପଦବୀରେ ଅନ୍ୟ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ କାମ ଚଳାଇ ନିଆଯାଉଛି । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୧୯-୨୦ ରୁ ୨୦୨୩-୨୪ ମଧ୍ୟରେ ରାଜ୍ୟରେ ୯୨୨୪ କୋଟି ୫୦ଲକ୍ଷ ଟଙ୍କାର ପରିବହନ ଟିକସ ଆଦାୟହୋଇଛି । ଏଥି ମଧ୍ୟରେ ସର୍ବାଧିକ ୨୩୭୭ କୋଟି ୯୪ଲକ୍ଷ ଟଙ୍କାର ଟିକସ ୨୦୨୩-୨୪ ବର୍ଷରେ ଆଦାୟ ହୋଇଛି । ୨୦୨୦-୨୧ ବର୍ଷରେ ସବୁଠାରୁ କମ ୧୪୬୬ କୋଟି ୨୬ଲକ୍ଷ ଟଙ୍କାର ପରିବହନ ଟିକସ ଆଦାୟ ହୋଇଥିବା ମନ୍ତ୍ରୀ ତାଙ୍କ ଉତରରେ ଉଲ୍ଲେଖ କରିଛନ୍ତି ।

ଓଡ଼ିଆ ଜାତିର ଗର୍ବ ଓ ବିଶେଷତ୍ୱ ହେଉଛି ପଖାଳ: କେଭି ସିଂହଦେଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟବାସୀଙ୍କୁ ପଖାଳ ଦିବସର ଶୁଭକାମନା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ । ଏକ୍ସ ହ୍ୟାଣ୍ଡେଲରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମସ୍ତ ଓଡ଼ିଶା ବାସୀଙ୍କୁ ମୋ ତରଫରୁ ପଖାଳ ଦିବସର ହାର୍ଦ୍ଦିକ ଅଭିନନ୍ଦନ। ପଖାଳ ଆମ ଓଡ଼ିଆ ମାନଙ୍କ ଏକ ପାରମ୍ପାରିକ ଖାଦ୍ୟ। ଓଡ଼ିଆ ଜାତି ଗର୍ବ ଓ ବିଶେଷତ୍ୱ ହେଉଛି ପଖାଳ, ଆସନ୍ତୁ ଆଜିର ଏହି ଦିନଟିକୁ ଅତ୍ୟନ୍ତ ଆନନ୍ଦର ସହ ପାଳନ କରିବା ବୋଲି ଆହ୍ୱାନ ଦେଇଛନ୍ତି କେଭି ସିଂହଦେଓ ।

ଧରା ପଡିଛନ୍ତି ୨୨ହଜାରରୁ ଅଧିକ ମଦୁଆ ଗାଡିଚାଳକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୨୦ ମସିହାରୁ ୨୦୨୩ ମଧ୍ୟରେ ନିଶା ସେବନ କରି ଗାଡି ଚଳାଉଥିବା ଯୋଗୁଁ ୨୧୯୭ଟି ଦୁର୍ଘଟଣା ଘଟିଥିବାବେଳେ ୨୨,୬୭୨ ଜଣ ମଦୁଆ ଗାଡି ଚାଳକ ଧରାପଡିଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ପରିବହନ ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ ୨୦୨୦ର ୨୦୨୩ ମଧ୍ୟରେ ୨୨,୬୭୨ ଜଣ ମଦୁଆ ଗାଡି ଚାଳକଙ୍କୁ ଧରାଯିବା ସହିତ ୧୧,୩୭୬ଟି ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି । ନିଶାପାନ କରି ଗାଡି ଚଳାଉଥିବା ଚାଳକମାନଙ୍କ ଠାରୁ ଜୋରିମାନା ଆଦାୟ କରିବାର କ୍ଷମତା ବିଚାର ବିଭାଗୀୟ କୋର୍ଟର ପରିସରଭୁକ୍ତ ଅଟେ। ମନ୍ତ୍ରୀ ତାଙ୍କ ଉତରରେ ଉଲ୍ଲେଖ କରିଛନ୍ତି ଯେ ୨୦୨୦ ରୁ ୨୦୨୪ ମଧ୍ୟରେ ରାଜ୍ୟରେ ୫୬,୮୩୧ଟି ସଡକ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୨୭,୧୬୭ ଜଣ ମୃତ୍ୟୁବରଣ କରଛନ୍ତି । ସର୍ବାଧିକ ୬୧୪୨ ଜଣ ଗତ ବର୍ଷ ସଡକ ଦୁର୍ଘଟଣାରେ ମରିଛନ୍ତି । ସେହିଭଳି ଏହି ସମୟ ମଧ୍ୟରେ ୫୦ହଜାରରୁ ଅଧିକ ବ୍ୟକ୍ତି ସଡକ ଦୁର୍ଘଟଣାରେ ଆହତ ହୋଇଛନ୍ତି ।

ପୂର୍ବତନ ବିଧାୟକ ଦେବରାଜ ସେଠିଙ୍କ ବିୟୋଗରେ ବିଧାନସଭାରେ ଶୋକ ପ୍ରସ୍ତାବ ପାରିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ବିଧାନସଭାର ପୂର୍ବତନ ସଦସ୍ୟ ଦେବରାଜ ସେଠିଙ୍କ ବିୟୋଗରେ ଆଜି ବିଧାନସଭାରେ ଶୋକ ପ୍ରସ୍ତାବ ପାରିତ ହୋଇଛି। ସେ ୧୯୭୭ ମସିହାରେ ସୋନପୁର ବିଧାନସଭା ଆସନରୁ ବିଧାୟକ ଥିଲେ । ୧୯ ମାର୍ଚ୍ଚ ଦିନ ୮୪ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଆଜି ବିଧାନସଭାରେ କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପୂର୍ବରୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଶୋକ ପ୍ରସ୍ତାବ ଆଣି ଥିଲେ। ଏହି ଶୋକ ପ୍ରସ୍ତାବ କୁ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ସମର୍ଥନ କରିଥିଲେ। ଏହା ପରେ ଶୋକ ପ୍ରସ୍ତାବ ପାରିତ ହୋଇଥିଲା । ଦିବଙ୍ଗତ ଆତ୍ମାର ସଦଗତି କାମନା କରି ଗୃହରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

ଦୁଇ ବର୍ଷିଆ ବି.ଏଡ଼/ଏମ୍.ଏଡ ନାମ ଲେଖା ପାଇଁ ୨୪ରୁ ଫର୍ମ ଫିଲ ଅପ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗାମୀ ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ଦୁଇ ବର୍ଷିଆ ବି.ଏଡ଼/ଏମ.ଏଡ଼/ ବି.ଏଚ.ଏଡ଼ ପାଠ୍ୟକ୍ରମରେ ନାମଲେଖା ପ୍ରକିୟା ଶୀଘ୍ର ଆରମ୍ଭ କରାଯିବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଓ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ନାମଲେଖା ପ୍ରକିୟାକୁ ଶୀଘ୍ର ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଛି।ଏଥିପାଇଁ ଆବେଦନକାରୀମାନଙ୍କ ପାଇଁ ଆସନ୍ତା ମାର୍ଚ୍ଚ ୨୪ ତାରିଖ ଠାରୁ କମନ୍ ଆପ୍ଲିକେସନ୍ ଫର୍ମ ପୂରଣ ପ୍ରକିୟା ଆରମ୍ଭ ହେବ। ବିଗତ ବର୍ଷ ଭଳି ଆଗାମୀ ଶିକ୍ଷା ବର୍ଷ ୨୦୨୫-୨୬ ପାଇଁ ମଧ୍ୟ ଦୁଇ ବର୍ଷିଆ ବି. ଏଡ଼/ଏମ. ଏଡ଼/ ବି.ଏଚ. ଏଡ଼ ପାଠ୍ୟକ୍ରମରେ ନାମଲେଖା ଏବଂ ଚୟନ ପ୍ରକିୟା ଏଥିପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷାର ମାର୍କ ଆଧାରରେ ହିଁ କରାଯିବ। ପ୍ରବେଶିକା ପରୀକ୍ଷା ଆସନ୍ତା ଜୁନ୍ ମାସ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ଏଥିସହ ଶିକ୍ଷା ବର୍ଷ ୨୦୨୫-୨୬ରେ ଦୁଇ ବର୍ଷିଆ ବି. ଏଡ଼/ ଏମ. ଏଡ଼/ ବି.ଏଚ. ଏଡ଼ ପାଠ୍ୟକ୍ରମକୁ ଆସନ୍ତା ୨୪ ଜୁଲାଇ, ୨୦୨୫ ତାରିଖ ସୁଦ୍ଧା ଆରମ୍ଭ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସରକାରଙ୍କ ଏହି ନିଷ୍ପତି ଫଳରେ ସଠିକ ସମୟରେ ପାଠ୍ୟକ୍ରମ ଆରମ୍ଭ ହୋଇ ସଠିକ ସମୟରେ ପରୀକ୍ଷା କରାଯାଇ ଫଳାଫଳ ମଧ୍ୟ ଘୋଷଣା କରାଯାଇପାରିବ, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ।

ଅଚିହ୍ନା ଯୁବକର ମୃତଦେହ ଉଦ୍ଧାର

କଟକ (ଭାସ୍କର ନ୍ୟୁଜ୍): ମହାନଦୀ ଭୁଆସୁଣୀ ପଠା ନିକଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ବ୍ୟକ୍ତିଙ୍କ ପରିଚୟ ବର୍ତ୍ତମାନ ଅସ୍ପଷ୍ଟ ରହିଛି । ବିଡାନାସୀ ଥାନା ପୁଲିସ ଘଟଣା ସ୍ଥଳରେ ପହଂ ତଦନ୍ତ ଆରମ୍ଭ କରିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ମହାନଦୀ ଭୁଆସୁଣୀ ପଠା ନିକଟରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ସ୍ଥାନୀୟଲୋକେ ଦେଖିବାକୁ ପାଇଥିଲେ। ଏ ସଂପର୍କରେ ଲୋକ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବିଡାନାସୀ ଥାନା ପୁଲିସ ଏବଂ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଁଚିଛି । ସେଠାରେ ମୃତଦେହକୁ ଉଦ୍ଧାର ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲେ। ପୁଲିସ ମୃତ ବ୍ୟକ୍ତିଙ୍କ ପରିଚୟ ଖୋଜିବା ପାଇଁ ତଦନ୍ତ ଆରମ୍ଭ କରିଛି । ତେବେ ମୃତ ବ୍ୟକ୍ତି ଜଣକ କେଉଁଠୁ ନିଖୋଜ ହୋଇଛନ୍ତି କିମ୍ବା ଏନେଇ କୌଣସି ଥାନାରେ ଅଭିଯୋଗ ହୋଇଛି କି ନାହିଁ, ତାହା ଜାଣିବା ପାଇଁ ତଦନ୍ତ ଚାଲିଥିବା ପୁଲିସ ଠାରୁ ପ୍ରକାଶ। ନିକଟସ୍ଥ ସମସ୍ତ ଥାନା ସହ ବିଡାନାସୀ ପୁଲିସ ଯୋଗାଯୋଗ କରି ଘଟଣାର ତଦନ୍ତ ଚଳାଇ ରଖିଛି।

ତିନି ବର୍ଷରେ ମଦ୍ୟପାନ ଯୋଗୁ ଘଟିଲାଣି ୨୧୨୭ ଦୁର୍ଘଟଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ବଢୁଛି ମଦ୍ୟପ ଗାଡ଼ି ଚାଳକଙ୍କ ସଂଖ୍ୟା । ତିନି ବର୍ଷରେ ମଦ୍ୟପାନ ଯୋଗୁ ଘଟିଲାଣି ୨୧୨୭ଟି ଦୁର୍ଘଟଣା । ବିଧାନସଭାରେ ଲିଖିତ ଉତ୍ତର ରଖିଲେ ପରିବହନ ମନ୍ତ୍ରୀ ବିଭୂତି ଜେନା । ୨୨ ହଜାର ୬୭୨ ମଦ୍ୟପ ଗାଡ଼ିଚାଳକ ଧରାପଡିଥିବା ବେଳେ ୧୧ ହଜାର ୩୭୭ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି । ଗତ ୫ ବର୍ଷ ରେ ୫୬ ହଜାର ୮୩୧ ଟି ସଡ଼କ ଦୁର୍ଘଟଣାରେ ୨୭ ହଜାର ୧୬୭ ଟି ଜୀବନ ଯାଇଛି ଏବଂ ଆହତ ହୋଇଛନ୍ତି ୫୦ ହଜାର ୪୧ ଜଣ ।

ପଖାଳ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଖାଳ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ଖାଦ୍ୟ ସଂସ୍କୃତିର ଅନନ୍ୟ ବିଭବ ତଥା ଆମ ଅସ୍ମିତାର ପ୍ରତୀକ 'ପଖାଳ' ମୋର ଅତି ପ୍ରିୟ। ଓଡ଼ିଆ ଜାତିର ଜୀବନଶୈଳୀରେ ଅଭିନ୍ନ ଅଂଶ ଏହି ପଖାଳ। ଆଜି 'ପଖାଳ ଦିବସ' ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ମହାରାଷ୍ଟ୍ର ସଂଖ୍ୟାଲଘୁ କମିଶନ ଏବଂ ଗୁରୁ ନାନକ ଦେବ ଜୀ ଧାର୍ମିକ ଚାରିଟେବୁଲ ଟ୍ରଷ୍ଟ ପୁରୀର କର୍ମକର୍ତ୍ତା

ଆର୍‌ଏସ୍‌ପିରେ ଆନ୍ତଃ ଇସ୍ପାତ କବାଡି ଚାମ୍ପିଅନସିପ୍ ଆରମ୍ଭ

ଭିଲାଇ ଇସ୍ପାତ କାରଖାନା ଚାମ୍ପିଅନ୍

ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଆନୁକୂଲ୍ୟରେ ଆୟୋଜିତ ଷ୍ଟିଲ ପ୍ଲାଣ୍ଟ ସ୍ପୋର୍ଟ୍ସ ବୋର୍ଡ ଆନ୍ତଃ ଇସ୍ପାତ କବାଡି ଚାମ୍ପିଅନସିପ୍-୨୦୨୫ରେ ସେଲ ଭିଲାଇ ଇସ୍ପାତ କାରଖାନା ଚମ୍ପିୟାନ ହୋଇଛି। ମାର୍ଚ୍ଚ ୧୭ ତାରିଖରେ ସେକ୍ଟର-୬ ସ୍ଥିତ ଇସ୍ପାତ ବାସ୍କେଟବଲ୍ କମ୍ପ୍ଲେକ୍ସରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଭିଲାଇ ଇସ୍ପାତ କାରଖାନା, ଆରଆଇଏନଏଲ ଦଳକୁ ୪୨-୩୨ ପଏଣ୍ଟରେ ପରାସ୍ତ କାଟି ଟାଇଟେଲ ଅର୍ଜନ କରିଥିଲା। ଆରଏସପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜେତା ଓ ଉପବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ସହର ସେବା ବିଭାଗର ଜିଏମ ଇନଚାର୍ଜ ଟି ଜି କାନେକର ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ପାଲଚୌଧୁରୀ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରତ୍ୟେକ ଦଳର ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ସେ ମଧ୍ୟ ରାଉରକେଲାରେ ଏହି ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ନିମନ୍ତେ ଆରଏସପି କ୍ରୀଡା ବିଭାଗର ପ୍ରଶଂସା କରିଥିଲେ। ଏହି ତିନି ଦିନିଆ ଚାମ୍ପିଅନସିପରେ ଆୟୋଜକ ଆରଏସପି ସହିତ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ, ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ, ଆଲୟ ଷ୍ଟିଲ୍ ପ୍ଲାଣ୍ଟ,

ବର୍ନପୁର, ଆରଆଇଏନଏଲ, ଭିଆଇଏସଏଲ ଏବଂ ସାଲେମ୍ ଷ୍ଟିଲ୍ ପ୍ଲାଣ୍ଟର ଦଳ ଅଂଶଗ୍ରହଣ କରିଥିଲେ। ଟିଜି କାନେକର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଏସଏସଏମ ବିଭାଗର ଏମଓଏମଟି ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ଆର ଏନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

ହୀରାକୁଦ ଜଳ ଭଣ୍ଡାରରେ ଜମିଲାଣି ପଟୁ ମାଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିପଦରେ ହୀରାକୁଦ ବନ୍ଧ । ଜଳ ଭଣ୍ଡାରରେ ଜମିଲାଣି ପଟୁ ମାଟି । ହ୍ରାସ ପାଉଛି ହୀରାକୁଦର ଜଳ ସଂରକ୍ଷଣ କ୍ଷମତା । ବର୍ଷା ଜଳରେ ନଦୀ ଅବବାହିକାରୁ ପଟୁ ମାଟି ଧୋଇ ହୋଇ ବନ୍ୟା ଜଳ ସହ ହୀରାକୁଦ ଜଳ ଭଣ୍ଡାରକୁ ପଶୁଛି । ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ନାର

ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ - ୨୦୨୫ ୧୯ତାରିଖ ବୁଧବାର ଦିନ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗରୁଡଧ୍ୱଜ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଏବଂ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସନ୍ଧ୍ୟା ଡିଗ୍ରୀ ମହାବିଦ୍ୟାଳୟ ପରମେଶ୍ୱର ମୁଣ୍ଡ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ମୁଖ୍ୟ ଅତିଥି, ବକ୍ତା ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢିବା ସହିତ ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାର ପୁରସ୍କାର ପ୍ରଦାନ କରାଯାଇଥିଲା ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷା ଶିକ୍ଷକ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଛାତ୍ର ସଂସଦର ସଭାପତି ଯଶୋବନ୍ତ ଟକ୍ରିୟା, ଉପସଭାପତି ଡିଲେଶ ରଞ୍ଜନ ମେହେର, ଛାତ୍ର ସଂସଦର ଏଡଭାଇଜର ଡ଼. ଘନଶ୍ୟାମ ସାହୁ ଅଧ୍ୟାପକ ଡଃ. ମନୋଜ କୁମାର ସାହୁ, ରବୀନ୍ଦ୍ର ଦୋରା, ମଞ୍ଜୁଷା ଦୋରା, ରାକେଶ କୁମାର ବେହେରା, ଚନ୍ଦ୍ରମଣି ଭୋଇ, ରୋହିତ କୁମାର ଦୁର୍ଗା, ହରିହର ନାଗଙ୍କ ସହ ମହାବିଦ୍ୟାଳୟ ସମସ୍ତ ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅଧ୍ୟାପକ ଚନ୍ଦ୍ରମଣି ମଞ୍ଚ ପରିଚାଳନା କରିଥିଲେ ।

ଆଡ଼ି ବନ୍ଧ ଓ ଚେକ ଡ୍ୟାମ ନିର୍ମାଣରେ ଦୁର୍ନୀତି ଅଭିଯୋଗ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ସ୍ଥାନେ ସ୍ଥାନେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମାଣ ହୋଇଛି ଚେକ ଡ୍ୟାମ ଆଡ଼ି ବନ୍ଦ । ସରକାରଙ୍କ ମୂଳ ଉଦ୍ଦେଶ୍ୟ -ବନ୍ଧ ମାଧ୍ୟମରେ ପାଣି ସଂରକ୍ଷଣ ରହିବା ଓ ଚାଷ କାମ ସମେତ ସାଧାରଣଙ୍କ ବ୍ୟବହାର ଯୋଗ୍ୟ ହେବା । ହେଲେ ମୂଳ ଉଦ୍ଦେଶ୍ୟ ଏଯାବତ୍ ପରିଲକ୍ଷିତ ହେଉନାହିଁ । ବିଭାଗ ଓ ଠିକାଦାରଙ୍କ ଖାଣ୍ଟି ସୁନା ଅଣ୍ଡା ଦିଆ କୁକୁଡ଼ାରେ ପରିଣତି ହୋଇଥିବା ସମାଲୋଚନା ହେଉଛି । ସରକାର ଜଳ ସଂରକ୍ଷଣ ତଥା ଚାଷ ଅନୁକୂଳ ଓ ବ୍ୟବହାର ଲାଗି କୋଟି କୋଟି ଟଙ୍କା ବିନିଯୋଗ କରି ଚେକ୍ ଡ୍ୟାମ ଆଡ଼ି ବନ୍ଦ ନିର୍ମାଣ କରିଛନ୍ତି । ତେବେ ଠିକାଦାର ଓ ପ୍ରଶାସନଙ୍କ ଲୋଲୁପ ଦୃଷ୍ଟି ଯୋଗୁଁ କୌଣସି କାମକୁ ଆସିପାରୁନାହିଁ । କେବଳ ସରକାରୀ ଅର୍ଥ ହଡପ କରିବା ଉଦ୍ଦେଶ୍ୟ ସ୍ପଷ୍ଟ ପ୍ରତିପାଦିତ ହେଉଛି । କାମରେ ଦୁର୍ନୀତି ଗନ୍ଧ ବାରି ହୋଇ ପଡିଥିବା ବେଳେ କେବଳ ଆଡ଼ି ବନ୍ଦ ଚେକ ଡ୍ୟାମ ନିର୍ମାଣ

ଆଳରେ ସରକାରୀ ଅର୍ଥ ହଡପ ହୋଇଥିବା ଅଭିଯୋଗ ହେଉଛି । ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳର ବିଭିନ୍ନ ନଈ ନାଳ ନଦୀ ଆଦି ସ୍ଥାନରେ ନିର୍ମାଣ ହୋଇଛି । ହେଲେ ଅନେକ ସ୍ଥାନରେ ସ୍ଥାନ ନିରୂପଣ ନିଷ୍ପତି ଭୁଲ ଥିବା ଓ ଠିକାଦାରଙ୍କୁ ସୁହାଇଲା ଭଳି ସ୍ଥାନରେ ନିର୍ମାଣ ହୋଇଥିବା ଚର୍ଚ୍ଚା ହେଉଛି । ଏପରିକି ଗୋଟାଏ ଜୋର, ନଦୀ ନାଳରେ ଛତୁ ଫୁଟିଲା ଶହ ଶହ ଚେକ୍ ଡ୍ୟାମ ଓ ଆଡ଼ି ବନ୍ଦ ନିର୍ମାଣ ହୋଇଛି । -ହେଲେ କୌଣସି କାମରେ ଆସୁ ନ ଥିବା ନେଇ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଚାଷ ତ ଦୂରର କଥା ଲୋକେ ଶୌଚ କରିବାକୁ ସେଥିରୁ ପାଣି ପାଉ ନଥିବା ଅଭିଯୋଗ ହେଉଛି । ଅଞ୍ଚଳର ଟେଣ୍ଟାପାଲି, ବେହେରା ଜୟନ୍ତପୁର, ଧଅରପୁର, ପର୍ଲା, କଦଳିମୁଣ୍ଡା ଓ ଛଞ୍ଚାଣବାହେଲି ପଞ୍ଚାୟତରେ ଶତାଧିକ ଚେକ ଡ୍ୟାମ ସହ ଆଡ଼ି ବନ୍ଦ ନିର୍ମାଣ ହୋଇଛି । ଏପରିକି ଗୋଟାଏ ନଦୀ ନାଳ, ଜୋର ଭିତରେ ୫୦/୧୦୦-୨୦୦ମିଟର ବ୍ୟବଧାନ ମଧ୍ୟରେ ଚେକ ଡ୍ୟାମ ଓ ଆଡ଼ି ବନ୍ଦ ନିର୍ମାଣ ହୋଇଥିବ ନଜର ରହିଛି । ଏସବୁର ନିର୍ମାଣ କାମ ନିମ୍ନ ମାନର ହୋଇଥିବା ଯୋଗୁଁ କାହାର ନାକ ନାହିଁ ତ କାହାର କାନ ନାହିଁ । ଅଧିକାଂଶ ଚେକ୍ ଡ୍ୟାମ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ବେଳେ ଆଡ଼ି ବନ୍ଦ ଅବସ୍ଥା ସାଂଘାତିକ ଥିବା ନଜର ରହିଛି । ତେବେ ଶହ ଶହ ଚେକ୍ ଡ୍ୟାମ ଓ ଆଡ଼ି ବନ୍ଦ ଗଢି ଉଠିଥିଲେ ହିଁ ନା ଜଳ ସଂରକ୍ଷଣ ରହିଛି ନା ଚାଷ କାମରେ ଆସି ପାରୁଛି । ମଣିଷ ଠାରୁ ଆରମ୍ଭ କରି ପଶୁପକ୍ଷୀ ସେଥିରୁ ଟୋପାଏ ପାଣି ପାଇଁ ପାରୁନାହାନ୍ତି । ବାସ୍ତବତା ସ୍ଥିତିକୁ ଯଦି ଅନୁସରଣ କରାଯାଏ -କୋଉଠି ନା କୋଉଠି ସରକାରୀ ଅର୍ଥର ଅପବ୍ୟବହାର ହୋଇଥିବା ସ୍ପଷ୍ଟ ବାରି ହୋଇପଡିଛି । କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ବିଭାଗ ପଂଚାୟତ ସମିତି ବିଭାଗ, ଓ ଠିକାଦାର ମିଳିମିଶି ସରକାରୀ ଅର୍ଥର ଲୁଟପାଟ କରିଥିବା ବିଷୟକୁ ଏଡାଇ ଦିଆଯାଇନପାରେ । ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ବିଭିନ୍ନ ମହଲରୁ ଦାବି ହୁଏ । ଏନେଇ ଧର୍ମଗଡ଼ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ପାରିନାହିଁ ।

ବନବିଭାଗରେ ଦୁର୍ନୀତି ଅଭିଯୋଗ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଜୟପାଟଣା ଥୁଆମୂଳ ରାମପୁର ଓ ଲାଞ୍ଜିଗଡ ବ୍ଲକରେ ବନବିଭାଗ ଦ୍ୱାରା କୋଟିକୋଟି ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଜୟପାଟଣା ରେଞ୍ଜ ଅଧୀନରେ କାର୍ଯ୍ୟରତ ଜଣେ ଫରେଷ୍ଟରଙ୍କ ବିରୋଧରେ ଇଡି ତଦନ୍ତ ଜାରି ରହିଛି । ସେହିପରି ଥୁଆମୂଳ ରାମପୁର ବନାଞ୍ଚଳରେ ମଧ୍ୟ ଜଣେ ଫରେଷ୍ଟରଙ୍କୁ ନିଲମ୍ବିତ କରାଯାଇଛି । କିନ୍ତୁ ଉଭୟ ଜୟପାଟଣା ଓ ଥୁଆମୂଳ ରାମପୁର ବନାଞ୍ଚଳଠାରୁ ମଧ୍ୟ ଅଧିକ ପରିମାଣର ଦୁର୍ନୀତି ହୋଇଥିଲେ ହେଁ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ଆଜିଯାଏଁ ତଦନ୍ତ ସୁଦ୍ଧା ହୋଇନାହିଁ । ଏପରିକି ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳ ସିକେରକୁପା ଓ ବିଜେପୁର ସେକ୍ସନରେ ହୋଇଥିବା ଦୁର୍ନୀତିର ତଦନ୍ତ ଭାର ଭିଜିଲାନ୍ସ କିମ୍ବା ଇଡି ଦ୍ୱାରା କରାଇବାକୁ ଦାବି ଜୋରଦାର ହେଉଥିବାବେଳେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ କଳାହାଣ୍ଡି ଗସ୍ତ ସମୟରେ ତାଙ୍କୁ ଭେଟି ଅଭିଯୋଗ କରିଥିଲେ ଲୋକେ । କିନ୍ତୁ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ପରେ ବି କୌଣସି ସୁଫଳ ମିଳିନାହିଁ । ଏହାକୁ ନେଇ ଅଞ୍ଚଳରେ ପୁଞ୍ଜିଭୂତ ଅସନ୍ତୋଷ ଜନ ଆନ୍ଦୋଳନର ରୂପ ନେବାକୁ ଯାଉଥିବାବେଳେ ଜିଲ୍ଲାର କୋଟି କୋଟି ଟଙ୍କାର ଜଙ୍ଗଲ ଦୁର୍ନୀତି ଏବେ ବିଧାନସଭାରେ ଉଠିଛି । ଏହି ସ୍ପର୍ଶକାତର ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଛନ୍ତି ଲାଞ୍ଜିଗଡର ବିଜେଡି ବିଧାୟକ ପ୍ରଦୀପ କୁମାର ଦିଶାରୀ । ଜଙ୍ଗଲ ଓ ପରିବେଶ ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇ ବିଧାୟକ ଜିଲ୍ଲାରେ ବିଶେଷ କରି ନିଜ ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ବନବିଭାଗର ବିଭିନ୍ନ ଅନୁଦାନ ହରିଲୁଟ ହେଉଥିବା ନେଇ ଅଭିଯୋଗ କରିବା ସହିତ ଏହାର ତଦନ୍ତ ଦାବି କରିଥିଲେ । ତେବେ ବିଧାନସଭାରେ ଜଙ୍ଗଲ ଦୁର୍ନୀତିକୁ ପ୍ରସଙ୍ଗ କରାଯିବା ପରେ ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ସିକେରକୁପା ଓ ବିଜେପୁର ସେକ୍ସନ ଦାୟିତ୍ୱରେ ଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି । ଏବେ ସେମାନେ ପରସ୍ପର ଦୋଷ ଲଦାଲଦି ହେବା ଶୁଣିବାକୁ ମିଳୁଛି । ଅପରପକ୍ଷରେ ବିଶ୍ୱନାଥପୁର ବନାଞ୍ଚଳର ସିକେରକୁପା ଓ ବିଜେପୁର ଆଦି ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହୋଇଥିବାବେଳେ ଏଥିରେ ମଧ୍ୟ ଉଦାସୀନତା ଦେଖିବାକୁ ମିଳିଛି । ତେବେ ନିଜ ମୁଣ୍ଡ ଉପରୁ ଦୋଷ ଖସାଇଦେବାକୁ ଯାଇ ବିଜେପୁର ସେକ୍ସନ ଘାଟିକୁଣ୍ଡରୁ ଅଞ୍ଚଳର ୬ ଜଣ ବ୍ୟକ୍ତିଙ୍କୁ ବେନିୟମ ଗଛ କାଟିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ତେବେ ଉଭୟ ସେକ୍ସନର ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦୁର୍ନୀତିଖୋର ମନୋଭାବକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହିତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

ଜଳିଗଲା ୩ ଦୋକାନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ଘୋଡ଼ାଘାଟ ଛକ ୨୬ ନମ୍ବର ଜାତୀୟ ରାଜପଥ ଉପରେ ଥିବା ୩ ଟି ଦୋକାନରେ ଗୁରୁବାର ନିଆଁ ଲାଗି ଧ୍ୱଂସ ହୋଇଯାଇଥିବା ଦେଖିବାକୁ ମିଳିଛି । ନିଆଁ ପ୍ରଥମେ ଗଦି ଦୋକାନରୁ ଲାଗି ଥିବାବେଳେ ପରେ ପାଖରେ ଥିବା ପନିପରିବା, ସୋଡ଼ା ଦୋକାନରେ ଲାଗି ଯାଇଥିଲା । ଏହା ସହ ନିକଟରେ ଥିବା ଏକ ଗ୍ରୋସରି ଦୋକାନରେ ମଧ୍ୟ ନିଆଁ ଲାଗି ଯାଇଥିଲା । ଗଦିରେ ନିଆଁ ଲାଗି ଯିବାରୁ ନିଆଁର ବେଗ ପ୍ରଖର ହୋଇଥିଲା । ଖବର ପାଇ ଭବାନୀପାଟଣା ଅଗ୍ନିଶମ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରୁଛନ୍ତି । ଏହାଯୋଗୁଁ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଛି । ତେବେ ନିଆଁ କେଉଁ କାରଣରୁ ଲାଗିଲା ତାହା ବର୍ତ୍ତମାନ ସ୍ପଷ୍ଟ ଜଣାପଡ଼ି ନ ଥିବାବେଳେ ହଠାତ୍ ନିଆଁ ଲାଗିବାରୁ ସ୍ଥାନୀୟ ଦୋକାନୀ ମଧ୍ୟ ଆହତ ହୋଇଛନ୍ତି । ସେହିପରି କେତେ କ୍ଷୟକ୍ଷତି ହୋଇଛି ତାହା ବର୍ତ୍ତମାନ ସୁଦ୍ଧା ମଧ୍ୟ ଜଣାପଡ଼ିନାହିଁ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଣିଲେ ହରିଙ୍କ ଗୁହାରି: ମିଳିବ ସରକାରୀ ସୁବିଧା !

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଶେଷରେ ହରିଙ୍କ ଦୁଃଖ ବୁଝି ପାରିଛି ବ୍ଲକ ପ୍ରଶାସନ । ଦୁଃଖ ପରୀକ୍ଷିବାକୁ ନିଜେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ହରିଙ୍କ ଦାଣ୍ଡ ମାଡିଛନ୍ତି । ଘରକୁ ଯାଇ ହରିଙ୍କ ଦୁର୍ଦ୍ଦଶା ଆଖି ଆଗରେ ଦେଖି ନିଜେ ଭାବବିହ୍ୱଳ ହୋଇପଡିଛନ୍ତି । କ୍ଷୋଭ ପ୍ରକାଶ କରିବା ସହ ହରିଙ୍କୁ ତତ୍‌କ୍ଷଣି ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସ୍ଥାନୀୟ ସରପଞ୍ଚ ଗୌଲୋଚନ ଗୋପାଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗଙ୍କୁ ହରିକୁ ବାର୍ଦ୍ଧକ୍ୟ ଭତ୍ତା, ଅନ୍ତ୍ୟୋଦୟ କାର୍ଡ ସମେତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମ୍ପୃକ୍ତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୁଧବାର ଦିନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ଦୁର୍ଦ୍ଦିନରେ ଜୀବନ କାଟୁଥିବା ଧର୍ମଗଡ଼ ବ୍ଲକ ଟେଣ୍ଟାପାଲି ପଞ୍ଚାୟତ ଘଣ୍ଟିଗୁଡା - ତେଲିପଳାସ ପଡାକୁ ଯାଇ ବୃଦ୍ଧ ଦମ୍ପତିଙ୍କ

ସହ ଆଲୋଚନା କରିଛନ୍ତି । ଦମ୍ପତି ଦୁହେଁ କେବଳ ଭିକ୍ଷା ଭରସାରେ ପେଟ ପୋଷଣ କରୁଥିବା ବେଳେ ଖାଦ୍ୟ ସୁରକ୍ଷା ଆଇନ ବ୍ୟବସ୍ଥାରୁ ଅନେକ ବର୍ଷ ହେବ ବଞ୍ଚିତ ଥିଲେ । ଏହି ଖବର ଓଡିଶା ଭାସ୍କର ବାରମ୍ବାର ପ୍ରକାଶ କରିଥିଲା । ଯାହାକୁ ନେଇ ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରିଛି । ତେବେ ହରିଙ୍କ ଦ୍ୱାର ମୁହଁରେ ସେବା ଯୋଗାଇ ଦେଇ ତାର ଆଧାର କାର୍ଡ ଓ ଭୋଟ ପରିଚୟ କାର୍ଡ କରାଯାଇଛି । ଖୁବଶୀଘ୍ର ନାନା ପ୍ରକାର ସରକାରୀ ସୁବିଧା ନିରୀହ ଦମ୍ପତି ପାଇ ପାରିବେ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରକାଶ କରିଛନ୍ତି । ତେବେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଏଭଳି ପଦକ୍ଷେପକୁ ଅଞ୍ଚଳର ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି ।

କର୍ତ୍ତବ୍ୟ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ସାଇକେଲ ବଣ୍ଟନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ବୁଧବାର କର୍ତ୍ତବ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ୧୫ ଜଣ ଛାତ୍ରଛାତ୍ରୀଙ୍କୁ ସାଇକେଲ ବଣ୍ଟନ କରାଯାଇଛି । ବିଇଓ ପ୍ରଭାତୀ ନଳିନୀ ଠାକୁର ଅତିଥି ରୂପେ ଯୋଗଦେଇ ପିଲାମାନଙ୍କୁ ସାଇକେଲ ବଣ୍ଟନ କରିଥିଲେ । କର୍ତ୍ତବ୍ୟ ଅନୁଷ୍ଠାନ ପକ୍ଷରୁ ଏଭଳି ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରି ଦୁର୍ଗମ ଅଞ୍ଚଳର ଏହି ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାର ବିକାଶ ଉପରେ ଆହୁରି ସାହାଯ୍ୟ କରୁଥିବାରୁ ବ୍ଲକ୍ ଶିକ୍ଷାଧିକାରୀଣୀ ଭୂରିଭୂରି ପ୍ରଶଂସା କରିବା ସହ ଆଗକୁ ଏହି ଯୁଗାନ୍ତକାରୀ ପଦକ୍ଷେପ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାର ଲାଭ କରିବାରେ ନିଶ୍ଚିତ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଅଶୋକ ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଅଧିକରୁ ଅଧିକ ଶିକ୍ଷା ଗ୍ରହଣ କରିବା ପାଇଁ

ପ୍ରେରଣା ଦେବା ସହିତ ଅନୁଷ୍ଠାନ ସର୍ବଦା ତୁମ ସହିତ ଅଛି ବୋଲି ଆଶ୍ୱାସନା ଦେଇଥିଲେ । ତା ସହିତ ଛାତ୍ରୀଛାତ୍ର ମାନଙ୍କର ଅଭିଭାବକଙ୍କ ସହ ପିଲାମାନଙ୍କ ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ କର୍ତ୍ତବ୍ୟ ଅନୁଷ୍ଠାନର କର୍ମକର୍ତ୍ତା ସନ୍ତୋଷ କୁମାର ଦାସ, ସୁଦର୍ଶନ ନାଏକ, ଡମ୍ବରୁଧର ନାଏକ, ଜ୍ୟୋତ୍ସ୍ନା ବାଗ, ସୋନାଲି ଦାସ, ଭବାନୀ ରାଉତ, ହରେକୃଷ୍ଣ ନାଏକ, ସୌମ୍ୟ ରଂଜନ ମାଝୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

କଳାବ୍ୟାଜ ପିନ୍ଧି ପ୍ରତିବାଦ କଲେ ଆଉଟସୋର୍ସିଂ କର୍ମଚାରୀ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : ସାମାଜିକ ସୁରକ୍ଷା ଓ ଦରମା ବୃଦ୍ଧି ଆଦି ୧୦ ଦଫା ଦାବିରେ କଳା ବ୍ୟାଜ ପିନ୍ଧି ପ୍ରତିବାଦ କରିଛନ୍ତି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକରେ କାର୍ଯ୍ୟରତ ଆଉଟ ସୋର୍ସିଂ କର୍ମଚାରୀ । ସପ୍ତାହେ ପର୍ଯ୍ୟନ୍ତ ବ୍ଲକରେ କାର୍ଯ୍ୟରତ ରୁରାଲ ହାଉସିଂ, ମନରେଗା, ଗ୍ରାମାଞ୍ଚଳ ପାନୀୟଜଳ ଯୋଗାଣ, ମଙ୍ଗଳ ବିଭାଗ, ସାମାଜିକ ସୁରକ୍ଷା, ସାଧାରଣ ବଣ୍ଟନ ଆଦି ବିଭାଗରେ ଆଉଟସୋର୍ସିଂ କର୍ମଚାରୀ ଭାବେ କାର୍ଯ୍ୟରତ ୧୩ ଜଣ କର୍ମଚାରୀ ନିଜର ସାମାଜିକ ସୁରକ୍ଷା ଓ ଦରମା ବୃଦ୍ଧି ଦାବିରେ ପ୍ରତିବାଦ କରିବା ସହିତ କଳାବ୍ୟାଜ ପିନ୍ଧି ଡ୍ୟୁଟି କରୁଛନ୍ତି । ଆଗାମୀ

ଦିନରେ ଦାବି ପୂରଣ ନହେଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଆଉଟ ସୋର୍ସିଂ କର୍ମଚାରୀ ସଂଘ ଚେତାବନୀ ଦେଇଛି ।

ପିଇବା ପାଣି ପାଇଁ ବାଟୋଇ ହନ୍ତସନ୍ତ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ବର୍ଷ ବର୍ଷ ବିତିଗଲାଣି ନିର୍ମାଣ ହୋଇ ପାରିନି ଅମୃତ ଧାରା । ଅର୍ଦ୍ଧ ନିର୍ମିତ ଭାବେ ପଡି ରହିଥିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି । ଧର୍ମଗଡ଼ ବ୍ଲକ ଜୟନ୍ତପୁର

ବର୍ଷବର୍ଷ ପରେ ବି ନିର୍ମାଣ ହୋଇ ପାରୁନି ଅମୃତ ଧାରା

ପଞ୍ଚାୟତ ମୁଖ୍ୟ ଛକ ଠାରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ । ସରକାର ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରୁଥିବା ବେଳେ ସ୍ଥାନୀୟ ନିର୍ବାଚନ ପ୍ରତିନିଧିଙ୍କ ଆଢୁଆଳ ନୀତି ଯୋଗୁଁ ଅବ୍ୟବସ୍ଥା ଦେଖାଯାଉଛି । ଜୟନ୍ତପୁର ପଞ୍ଚାୟତ ଗାଁର ମୁଖ୍ୟ ଛକ ନିକଟରେ କୌଣସି ପାନୀୟ ଜଳ ବ୍ୟବସ୍ଥା ନଥିବା ବେଳେ ଏଠାରେ ଅମୃତ ଧାରା ଜରିଆରେ ଲୋକଙ୍କୁ ସୁବିଧା ଯୋଗାଇବାକୁ ୨ ଲକ୍ଷ ୫୦ହଜାର ସରକାରୀ ଅର୍ଥ ବ୍ୟୟବରାଦରେ ନିର୍ମାଣ ପାଇଁ ହାତକୁ ନିଆଗଲା । କୁହାଯାଏ ଖୋଦ ସରପଞ୍ଚ ଏହି କାମ କରୁଥିବା ବେଳେ ବର୍ଷବର୍ଷ ପରେ ମଧ୍ୟ ନିର୍ମାଣ କାମ ଶେଷ ହୋଇପାରି ନଥିବା ନେଇ ଗ୍ରାମବାସୀଙ୍କ ଭିତରେ କ୍ଷୋଭ ପ୍ରକାଶ ପାଏ । ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଯୋଗୁଁ ନିଆଁ